NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
WEDNESDAY
9 APRIL 2025
ବୁଧବାର
୯ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 319 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୧୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ଜଳିଗଲା ଟୁରିଷ୍ଟ ବସ୍

ପୁରୀ,୮।୪/ଏନ୍ଏନ୍ଏସ୍ :



ଟୁରିଷ୍ଟ ବସ୍‌ରେ ଲାଗିଲା ନିଆଁ। ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡଠାରେ ଏକ ଟୁରିଷ୍ଟ ବସ୍‌ରେ ନିଆଁ ଲାଗିଛି। ବସ୍‌ଷ୍ଟାଣ୍ଡ ଭିତରେ ଏହି ଘଟଣା ଘଟିଥିବା ବେଳେ ବସ୍‌ଟି ୱେଷ୍ଟବେଙ୍ଗଲ୍‌ର ବୋଲି ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଯାତ୍ରୀଙ୍କର କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ସେପଟେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ବସ୍ ଭିତରେ ରୋଷେଇ ଚାଲିଥିବା ସମୟରେ ଏଭଳି ନିଆଁ ଲାଗିଥିଲା। ତେବେ ବସ୍ ଡ୍ରାଇଭର୍ ଓ ଉପସ୍ଥିତ ଥିବା ଲୋକମାନେ ମିଶି ବସ୍‌ଷ୍ଟାଣ୍ଡ ଭିତରୁ ରାସ୍ତା ପାର୍ଶ୍ୱକୁ ବସ୍‌ଟିକୁ ଆଣିଥିଲେ। ନିଆଁର ଭୟାବହତା ଏଭଳି ଥିଲା ଯେ ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। କିଛି ସମୟ ପାଇଁ ସେହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କେଉଁ କାରଣରୁ ବସ୍‌ରେ ନିଆଁ ଲାଗିଲା ସେନେଇ ସ୍ପଷ୍ଟ ହୋଇଥିଲେ ମଧ୍ୟ ତଦନ୍ତ ପରେ ଘଟଣା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ସୁପ୍ରିମ୍‌କୋର୍ଟରେ ୱାକଫ୍ ଆଇନ୍ ବିରୋଧୀ ଆବେଦନ

# କାଭେଟ୍ ପିଟିସନ୍ ଦାଖଲ କଲା କେନ୍ଦ୍ର

ନୂଆଦିଲ୍ଲୀ,୮।୪/ଏଜେନ୍ସି:

ମଙ୍ଗଳବାର କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଏକ କାଭେଟ୍ ପିଟିସନ୍ ଦାଖଲ କରିଛନ୍ତି। ୱାକଫ୍ (ସଂଶୋଧନ) ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଯେକୌଣସି ଆବେଦନ ଉପରେ କୌଣସି ନିର୍ଦ୍ଦେଶଦେବା ପୂର୍ବରୁ ଅନ୍ତତଃ ଏହା ଉପରେ ଏକ ଶୁଣାଣି କରିବାକୁ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଏହି ପିଟିସନ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହାର ଅର୍ଥ କେନ୍ଦ୍ର ସରକାର, ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ପ୍ରସଙ୍ଗରେ କୌଣସି ନିର୍ଦ୍ଦେଶ ଜାରିକରିବା ପୂର୍ବରୁ ଅନ୍ତତଃ ଥରେ କେନ୍ଦ୍ର ସରକାରଙ୍କ ପକ୍ଷକୁ ସୁପ୍ରିମ୍‌କୋର୍ଟ ଭଲ ଭାବେ ଶୁଣନ୍ତୁ। ସରକାରଙ୍କ ପକ୍ଷ ନଶୁଣି କୌଣସି ନିର୍ଦ୍ଦେଶ ଯେପରି ପାରିତ ନହୁଏ, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଦେଶର ସମସ୍ତ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ କାଭେଟ୍ ପିଟିସନ୍ ଦାଖଲ କରାଯାଇଛି।



ରିପୋର୍ଟ ଅନୁସାରେ ସୁପ୍ରିମ୍‌କୋର୍ଟରେ ଏବେ ପ୍ରାୟ ୧୦ରୁ ଅଧିକ ଆବେଦନ ଦାଖଲ କରାଯାଇସାରିଛି। ଏସବୁ ମଧ୍ୟରେ ଦିନକ ପୂର୍ବେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ କେଭି ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସବୁ ଆବେଦନଗୁଡ଼ିକୁ ଏକତ୍ରକରିବା ପୂର୍ବକ ଏହା ଉପରେ ଶୁଣାଣି କରିବାକୁ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଜରୁରିକାଳୀନ ଭିତ୍ତିରେ ଶୁଣାଣି କରିବା ପାଇଁ ହୋଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ତେବେ ଏହି ମାମଲା ସହ ସମ୍ପୃକ୍ତ କିଛି ବରିଷ୍ଠ ଆଡ୍‌ଭୋକେଟ୍ କହିଛନ୍ତି ଯେ ଆବେଦନଗୁଡ଼ିକ ଉପରେ ସୁପ୍ରିମ୍‌କୋର୍ଟ ବୋଧହୁଏ ଏପ୍ରିଲ ୧୫ତାରିଖରେ ଶୁଣାଣି କରିପାରନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍‌ରେ ଏସମ୍ପର୍କରେ କିଛି ବି ଉଲ୍ଲେଖ କରାଯାଇନାହିଁ।

ଗତ ୫ତାରିଖରେ ୱାକଫ୍ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିସାରିଥିବା ବେଳେ ଏହା ଆଇନ୍‌ରେ ପରିଣତ ହୋଇସାରିଛି। ସେହିପରି ଆଜିଠାରୁ ଅର୍ଥାତ୍ ଏପ୍ରିଲ ୮, ୨୦୨୫ରୁ ଏହି ଆଇନ୍ ଦେଶବ୍ୟାପୀ ଲାଗୁ ମଧ୍ୟ ହୋଇସାରିଛି। ଏହାସତ୍ତ୍ୱେ ଏହି ଆଇନ୍‌କୁ ବିରୋଧ କରି ସୁପ୍ରିମ୍‌କୋର୍ଟରେ ପିଟିସନ୍ ଦାଖଲ ପ୍ରକ୍ରିୟା ଜାରିରହିଛି। ନୂତନ ୱାକଫ୍ ▶▶ ୭

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ପରଲୋକ



### ସୁଆଗୀ ଶ୍ମଶାନରେ ଶେଷକୃତ୍ୟ

ଢେଙ୍କାନାଳ,୮।୪/ଏନ୍ଏନ୍ଏସ୍:

ରାଜ୍ୟ କଂଗ୍ରେସର ବରିଷ୍ଠନେତା ତଥା ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆର ପୂର୍ବତନ ବିଧାୟକ, ତଥା ଅତ୍ୟାଧୁନିକ ଢେଙ୍କାନାଳ ପୌରାଞ୍ଚଳର ନିର୍ମାତା ପ୍ରଫୁଲ୍ଲ ଭଞ୍ଜ(୮୬) ଆଉନାହାନ୍ତି। ଗତକାଲି ବିଳମ୍ବିତ ରାତିରେ ଢେଙ୍କାନାଳ ମୀନାବଜାରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ଘଟିଛି। ସ୍ୱର୍ଗତ ଭଞ୍ଜ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳେ ଢେଙ୍କାନାଳ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନ ଦାସ, ପୂର୍ବତନ ବିଧାୟକ ସରୋଜ ସାମଲ, ଜିଲ୍ଲା କଂଗ୍ରେସର ସଭାପତି ସୁନୀଲ ଦାସ, ସମାଜସେବୀ ରାମଚନ୍ଦ୍ର ପାତ୍ର, ସ୍ଥାନୀୟ କାଉନ୍‌ସିଲର୍ ନିରୋଦ କୁମାର ସାହୁ, ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ସମରେନ୍ଦ୍ର ନନ୍ଦ, ପ୍ରେମଶଙ୍କର ମିଶ୍ର, ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲ୍ଲା ଓକିଲ ସଂଘ ଉପସଭାପତି ଟଙ୍କଧର ବେହେରା, ଜିଲ୍ଲା ଓକିଲ ସଂଘ ପୂର୍ବତନ ସଭାପତି ଶିବସାୟୀ ମହାପାତ୍ର, ଦେବାଶିଷ ମିଶ୍ର, ବୁବୁଲି ଧଳ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସ୍ମିତାରାଣୀ ସାମଲ, ରବିନାରାୟଣ ମହାନ୍ତି ପ୍ରମୁଖ ଶେଷଦର୍ଶନ କରିବା ସହିତ ପାର୍ଥିକ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମରଶରୀରକୁ ଏକ ପଟୁଆରରେ ଗାନ୍ଧୀ ମନ୍ଦିର, ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ ପରେ ଢେଙ୍କାନାଳ ପୌର କାର୍ଯ୍ୟାଳୟ, ଜିଲ୍ଲା କ୍ରୀଡ଼ା ସଂଘ ପରିସରକୁ ନିଆଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ସହର ପରିକ୍ରମା କରାଯାଇ ସୁଆଗିସ୍ଥିତ ଶ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନା ଥାଉକି ସ୍ୱର୍ଗତ ପ୍ରଫୁଲ୍ଲ ଭଞ୍ଜ ଜଣେ କଂଗ୍ରେସର ଜଣେ ଦୃଢ଼ ସଙ୍ଗଠକ ଓ ବରିଷ୍ଠ କଂଗ୍ରେସ ନେତା ଥିଲେ। ସେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଆଗଧାଡ଼ିର ନେତା, ସିଧାସଳଖ ନିର୍ବାଚନରେ ଢେଙ୍କାନାଳ ପୌରସଂସ୍ଥାର ▶▶ ୭

### ନୂଆଦିଲ୍ଲୀରେ ଇନ୍‌ଭେଷ୍ଟର୍ସ ମିଟ୍

# ୧୩ ଏମ୍ଓୟୁ, ୧.୦୩ ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ

- ୧୫ କ୍ଷେତ୍ରରେ ନିବେଶ ହେଲେ ୯୫,୯୧୫ଙ୍କୁ ନିଯୁକ୍ତି ସୁଯୋଗ
- ଆଇଓସିଏଲ୍ ସହିତ ଚୁକ୍ତିନାମା ଏକ ଯୁଗାନ୍ତକାରୀ ପଦକ୍ଷେପ
- ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ




ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:

ନୂଆଦିଲ୍ଲୀରେ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ସମୁଦାୟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୧୫ଟି ନିବେଶ ପ୍ରସ୍ତାବ ଆସିଛି। ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡ଼ିଶାକୁ ୯୮,୮୮୦ କୋଟି ଟଙ୍କାର ପୁଞ୍ଜି ଆସିବା ସହିତ ୬୭ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧୫ଟି କ୍ଷେତ୍ରରେ ନିବେଶ ପ୍ରସ୍ତାବ ମଧ୍ୟ ଆସିଛି। ଏହାଦ୍ୱାରା ସମୁଦାୟ ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ତାଜ୍ ପ୍ୟାଲେସ୍‌ଠାରେ ମଙ୍ଗଳବାର ଆୟୋଜିତ ହୋଇଛି ଇନ୍‌ଭେଷ୍ଟର୍ସ ମିଟ୍। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହିତ ଆଲୋଚନା କରିବା ସହିତ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଚୁକ୍ତିନାମାଗୁଡ଼ିକ ▶▶ ୭

### ଜମି ଜାଲିଆତି ଘଟଣା

# ସମ୍ବଲପୁର ଜିଲ୍ଲା ଉପନିବନ୍ଧକ ନିଲମ୍ବିତ

ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:

ସରକାରୀ ଜମି ପଞ୍ଜିକରଣରେ ଜାଲିଆତି କାର୍ଯ୍ୟରେ ନିୟୋଜିତ ଥିବା ଅଭିଯୋଗରେ ସମ୍ବଲପୁର ଜିଲ୍ଲା ଉପନିବନ୍ଧକ ସୂର୍ଯ୍ୟନାରାୟଣ ସାମଲଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀ ସାମଲ ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜାଲିଆତି କରି ଜମି ବିକ୍ରି ପଞ୍ଜିକରଣ କରାଇଥିଲେ। ଶ୍ରୀ ସାମଲ ଗତ ମାର୍ଚ୍ଚ ୨୮ରେ ଏହି କେଶ୍‌ରେ ଗିରଫ ହୋଇଥିଲେ।

**ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜାଲିଆତି କରି ଜମି ବିକ୍ରି ପଞ୍ଜିକରଣ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ଆଦେଶ ଅନୁଯାୟୀ ନିଲମ୍ବନ ନହଟିବା ପର୍ଯ୍ୟନ୍ତ ଶ୍ରୀ ସାମଲ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ଏହାସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ବିଗତ ଦିନରେ ଅଧିକାଂଶ ମାମଲା ଉପରେ ଦୃଷ୍ଟାନ୍ତମୂଳକ ଭାବରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଦୁର୍ନୀତି ଓ ଜାଲିଆତି କାର୍ଯ୍ୟକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

### ତାରାତାରିଣୀଙ୍କ ପୀଠରେ ଉପମୁଖ୍ୟମନ୍ତ୍ରୀ, ୩ ମନ୍ତ୍ରୀ ଓ ବିଧାୟକ

# ଓଡ଼ିଶାରେ ହେବ ଶକ୍ତି କରିଡର୍

ପୁରୁଷୋତ୍ତମପୁର,୮।୪/ଏନ୍ଏନ୍ଏସ୍:

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ପର୍ବର ଶେଷ ଚତୁର୍ଥ ପାଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ମଙ୍ଗଳବାର ପ୍ରାତଃ ୫ ଘଟିକା ସମୟରେ ଦ୍ୱାରଫିଟା ଯାଇ ମା' ବସନ୍ତିକ ଦୁର୍ଗା ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାଆଙ୍କ ଦର୍ଶନ ଲାଭକରି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ହେବ ଶକ୍ତି ▶▶ ୭

**ପୀଠକୁ ମିଳିବ ସ୍ଥାନ**



# ପୁଲିସ ବାରାକ୍‌ରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

ବାଲେଶ୍ୱର,୮।୪/ଏନ୍ଏନ୍ଏସ୍:



ପୁଲିସ ବାରାକ୍‌ରେ ମଙ୍ଗଳବାର ଜଣେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ କନେଷ୍ଟବଳ ରେମୁଣା ଥାନା ମଦାରପୁର ଅଞ୍ଚଳର ଯଶୋଦା ଦାସ। ଯଶୋଦା ବାଲେଶ୍ୱର ଏସ୍‌ପିଙ୍କ କାର୍ଯ୍ୟାଳୟର କମ୍ପ୍ୟୁଟର ଅପେରେଟର୍ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ବାରାକ୍‌ରେ ରହୁଥିଲେ। ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ରୁମ୍ ଭିତରେ ଏକ ଫ୍ୟାନ୍‌ରେ ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା ▶▶ ୭

### ଦୁଇଦିନ ମଧ୍ୟରେ ଖାତା ମୂଲ୍ୟାୟନ ଶେଷହେବ

# ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ୍ ପରୀକ୍ଷା ଫଳ

କଟକ,୮।୪/ଏନ୍ଏନ୍ଏସ୍:

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ମେ' ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ। ଏବେ ପରୀକ୍ଷା ଉତ୍ତରଖାତା ମୂଲ୍ୟାୟନ ଜାରି ରହିଛି। ଆଉ ଦୁଇଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେହିଭଳି ବିଜ୍ଞାନ ବିଷୟ ପରୀକ୍ଷାରେ ହୋଇଥିବା ପ୍ରଶ୍ନପତ୍ର ତ୍ରୁଟିନେଇ ବୋର୍ଡ ପରୀକ୍ଷା ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରୀକ୍ଷାର୍ଥୀଙ୍କୁ ୪ ଗ୍ରେସ୍ ମାର୍କ ପ୍ରଦାନ କରାଯିବ ବୋଲି ଏକପ୍ରକାର ସ୍ଥିର ହୋଇଥିବାବେଳେ ଖୁବ୍‌ଶୀଘ୍ର ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇଛନ୍ତି। ବୋର୍ଡ ପକ୍ଷରୁ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଥିବା ଦଶମ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୩୦ତାରିଖ ମଧ୍ୟରେ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା; କିନ୍ତୁ ସେହି ସମୟ ବିଭିନ୍ନ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ଅନ୍ୟ ପରୀକ୍ଷା ଏବଂ ନାମଲେଖା କାର୍ଯ୍ୟକ୍ରମ ରହିଥିଲା। ତେଣୁ ଧାର୍ଯ୍ୟ ସମୟର ସାମାନ୍ୟ ବିଳମ୍ବରେ ଖାତାଦେଖା ସରିବ। ତେବେ ମେ' ଦ୍ୱିତୀୟ ସପ୍ତାହ ମଧ୍ୟରେ ପରୀକ୍ଷାଫଳ ପ୍ରକାଶନ ଲାଗି ସମୟ ଧାର୍ଯ୍ୟ ରହିଥିବାରୁ ଟାବୁଲେସନ୍ ଓ ମାର୍କ ପ୍ରୋସେସିଂ କାର୍ଯ୍ୟ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ରୋଲ୍ ନମ୍ବର ଆଧାରରେ ମାର୍କ ପ୍ରୋସେସିଂ କାର୍ଯ୍ୟ ପରେ ସାର୍ଟିଫିକେଟ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତଥର ରାଜ୍ୟର ମୋଟ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ଦଶମ ବାର୍ଷିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେଥି ମଧ୍ୟରୁ ହାଇସ୍କୁଲ୍ ସାର୍ଟିଫିକେଟ୍ ନିମନ୍ତେ ୫, ୧୦, ୭୭୮, ମୁକ୍ତ ବିଦ୍ୟାଳୟରେ ୭୭୬୬, ମଧ୍ୟମାରେ ୩୭୯୨ ପରୀକ୍ଷାର୍ଥୀଙ୍କ ନିମନ୍ତେ ୩୧୩୩ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଥିଲା। ଗତ ୧୯ ତାରିଖରୁ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଛି। ମୋଟ ୧୧,୮୦୦ ଜଣ ପରୀକ୍ଷକଙ୍କୁ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବୋର୍ଡ ପକ୍ଷରୁ ସମସ୍ତ ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୧୦ଟାରୁ ଖାତାଦେଖା ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଛି। ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ପରୀକ୍ଷକ ଓ କର୍ମଚାରୀମାନେ ଖାତାଦେଖା ସମୟରେ କେନ୍ଦ୍ରର କ୍ୟାମ୍ପସ ବାହାରକୁ ଯିବା ଲାଗି ବାରଣ କରାଯାଇଥିଲା ବେଳେ ମୋବାଇଲ ନେବା ମନା କରାଯାଇଛି। ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀ ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ କେତେକ ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ, ଦୁଇଜଣ ଉପ ପରୀକ୍ଷକ, ଦୁଇ ସ୍କ୍ରୁଟିନାଇଜର, ତଦାରଖ ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ସୁପରଭାଇଜର ନିୟୋଜିତ କରାଯାଇଛି। ବୋର୍ଡ ପକ୍ଷରୁ ଜଣେ କ୍ୟାମ୍ପ ଅଫିସର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ପ୍ରତିଦିନ ମୂଲ୍ୟାୟନ ପରେ ନମ୍ବର ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରାଯାଉଥିଲା ବେଳେ ଏଥିଲାଗି ବୋର୍ଡ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି।

# ନୂଆ ରୂପ ନେଉଛି ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ଷ୍ଟେସନ୍

ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:

- ମୋଟ୍ ୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ
- ୩୧ ଅକ୍ଟୋବର ୨୦୨୫ରେ ହେବ ଲୋକାର୍ପଣ



ନୂଆ ରୂପ ନେବାକୁ ଯାଉଛି ଭୁବନେଶ୍ୱରର ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନ୍। ପ୍ରକଳ୍ପ ବାବଦକୁ ମୋଟ୍ ୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ପ୍ରସ୍ତାବିତ ପ୍ରକଳ୍ପରେ ୭୬୫ ବର୍ଗ ମିଟରର ଗ୍ରାଉଣ୍ଡ ପ୍ଲସ୍ ୨ର ଏକ ନୂତନ ଷ୍ଟେସନ୍ ବିଲ୍ଡିଂ ନିର୍ମାଣ କରାଯାଉଛି। ୧୨ମିଟର ଓସାରର ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ। ୨୬୦ବର୍ଗ ମିଟରର ଅଞ୍ଚଳରେ ଉଭୟ ଦୁଇଚକିଆ ଓ ତିନିଚକିଆ ଯାନ ପାଇଁ ପୃଥକ୍ ପୃଥକ୍ ପାର୍କିଂସ୍ଥଳ ସହ ୧୩୦ ବର୍ଗମିଟରର ଏକ ପ୍ରତୀକ୍ଷାଳୟ ମଧ୍ୟ ନିର୍ମାଣ ହେବ। ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ୬୫ ବର୍ଗମିଟରର ପ୍ରିମିୟମ୍ ମଡ୍ୟୁଲାର୍ ଟଏଲେଟ୍ ସାଙ୍ଗକୁ ୧, ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଗ୍ରାନାଇଟ୍ ଓ ମୋଜାଇକ୍ ଚଟାଣ ଲାଗି ମଧ୍ୟ ଯୋଜନା ରହିଛି। ଆଗାମୀ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଉନ୍ନତିକରଣ କାର୍ଯ୍ୟ ଶେଷହୋଇ ଲୋକାର୍ପଣ କରିବାକୁ ଲକ୍ଷ୍ୟ ରହିଛି।

ମଙ୍ଗଳବାର ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନ୍‌ର ଉନ୍ନତିକରଣ ଏବଂ ନବୀକରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପୂର୍ବତଟ ରେଳବାଇର ଡିଆର୍‌ଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ନିଜେ ଅପରାଜିତା ଷ୍ଟେସନ୍ ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଟିକିନିଖି ବୁଝିଛନ୍ତି। ଏହାସହ କାର୍ଯ୍ୟର ମାନ ତର୍ଜମା କରିବା ସହ ଯେମିତି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମାପନ ହୁଏ ସେନେଇ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାଦାରଙ୍କୁ ମଧ୍ୟ ତାଗିଦା କରିଛନ୍ତି। ପରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନ୍‌ର ଉନ୍ନତିକରଣ ଏବଂ ନବୀକରଣ ଲାଗି ଅନେକ ଦିନରୁ ଦାବି ହୋଇଆସୁଥିଲା। ଏହାକୁ ନେଇ ଏକାଧିକବାର ରେଳ ବିଭାଗ ଏବଂ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରକଳ୍ପରେ ମୋହର ବାଜିଥିଲା। ବର୍ତ୍ତମାନ ଷ୍ଟେସନ୍‌ର ସମ୍ମୁଖ ୧୧ଶହ ବର୍ଗମିଟରର ପ୍ରାସାଦର ନବୀକରଣ ଓ ଉନ୍ନତିକରଣ କାର୍ଯ୍ୟ ଜାରିରହିଛି। ସେହିପରି ୨୯ ବେଜ୍‌ର ଅତିରିକ୍ତ ପ୍ଲାଟ୍‌ଫର୍ମ ସେଲ୍ଟର ନିର୍ମାଣ କରାଯିବ। ଏହି ୨୯ ବେଜ୍ ମଧ୍ୟରେ ୧୩ ବେଜ୍‌ର ସେଲ୍ଟର ୧ ନମ୍ବର ଏବଂ ୨ ନମ୍ବର ପ୍ଲାଟ୍‌ଫର୍ମ ଲାଗି ଆଉ ୧୬ ବେଜ୍‌ର ସେଲ୍ଟର ୩ ନମ୍ବର ପ୍ଲାଟ୍‌ଫର୍ମ ଲାଗି ନିର୍ମାଣ କରାଯିବ। ଏହି ସହିତ କୋଚ୍ ଇଣ୍ଡିକେସନ୍ ବୋର୍ଡ, ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ ଓ ସାଇନେଜ୍ ଲାଗି ମଧ୍ୟ ଅନୁଦାନ ଦେଇଛି ରେଳ ମନ୍ତ୍ରାଳୟ। ▶▶ ୭



ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ପାଡେରୁ ଜିଲ୍ଲାର ୫ଟି ମଣ୍ଡଳର ପ୍ରାୟ ୨୧,୮୫୦ଆଦିବାସୀ ଛାତ୍ରଛାତ୍ରୀ ଏକାଠି ୧୦୮ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରି ଏକ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୩,୦୦୦ରୁ ଅଧିକ ଝିଅ ଅଂଶଗ୍ରହଣ କରିଥିଲେ। ଲଣ୍ଡନ ୱାର୍ଲ୍ଡ ରେକର୍ଡସ୍ ୟୁନିଅନ୍ ପରିଚାଳିକା ଆଲିସ୍ ରେନାଡ୍ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମର ତଦାରଖ କରିବା ଏବଂ ବିଶ୍ୱ ରେକର୍ଡର ସାକ୍ଷ୍ୟ ରହିବା ପାଇଁ ଯାତ୍ରା ଚେନ୍ନାଇ ଅଭିମୁଖେ ଆସିଥିଲେ। ସେ ଛାତ୍ରଛାତ୍ରୀ ଏକତ୍ରିତ ଭାବେ ଯୋଗ ପ୍ରଦର୍ଶନ କରିଥିବା ପଡ଼ିଆକୁ ସତର୍କତାର ସହ ଯାଞ୍ଚ କରିଥିଲେ ଏବଂ ଏହି ସଫଳତା ବିଶ୍ୱ ମାନଦଣ୍ଡ ପୂରଣ କରୁଥିବା ନେଇ ନିଶ୍ଚିତ କରିଥିଲେ।

### ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

# 'ଅବୈଧ ଓ ସ୍ୱେଚ୍ଛାଚାରୀ ନିଷ୍ପତ୍ତି'

**ଚେନ୍ନାଇ,୮।୪/ଏଜେନ୍ସି:** ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାରଙ୍କ ସପକ୍ଷରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ବଡ଼ ରାୟ ଶୁଣାଇଛନ୍ତି। ରାଜ୍ୟପାଳ ଆରଏନ୍ ରବି, ରାଜ୍ୟ ସରକାରଙ୍କ ୧୦ଟି ପ୍ରମୁଖ ବିଲକୁ ଅନୁମୋଦନ ନଦେବା ଏବଂ ଏହାକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ 'ଅବୈଧ' ଏବଂ ସ୍ୱେଚ୍ଛାଚାରିତା ପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିଜ ରାୟରେ ବିଚାରପତି ଜଷ୍ଟିସ୍ ଜେବି ପାରଦିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବିଧାନସଭାରେ ଗୃହୀତ ହେବା ପରେ ବିଲ୍ ପୁନଃଆଗତ ହେବା ସମୟରେ ରାଜ୍ୟପାଳଙ୍କୁ ଅନୁମୋଦନ କରିବା ଉଚିତ୍ ଥିଲା। କିନ୍ତୁ ରାଜ୍ୟପାଳ ସମ୍ମତି ଦେଇନଥିଲେ। ଏହା ବେଆଇନ ଏବଂ ମନମୁଖୀ। ତେଣୁ, ରାଜ୍ୟପାଳଙ୍କ ନିର୍ଦ୍ଦେଶ ତଥା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ ଏହି ବିକଳ୍ପଗୁଡ଼ିକୁ ବ୍ୟବହାର କରିବା ପାଇଁ ସମୟସୀମା ସ୍ଥିର କରିଛନ୍ତି ଏବଂ କହିଛନ୍ତି ଯେ ଏହି ସମୟସୀମା ପୂରଣ କରିବାରେ ବିଫଳ ହେଲେ ରାଜ୍ୟପାଳ ଆରଏନ୍ ରବିଙ୍କ କାର୍ଯ୍ୟ ନ୍ୟାୟିକ ଯାଞ୍ଚ ପାଇଁ ବାଧ୍ୟ ହେବ। କୋର୍ଟ ରାଜ୍ୟପାଳଙ୍କୁ ବିଲ୍ ପ୍ରତି ସମ୍ମତି ସ୍ଥଗିତ ରଖିବା ଏବଂ ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ ସହିତ ରାଷ୍ଟ୍ରପତିଙ୍କ ସମୀକ୍ଷା ପାଇଁ ସଂରକ୍ଷଣ ରଖିବା ପାଇଁ ଗୋଟିଏ ମାସର ସମୟ ସୀମା ଧାର୍ଯ୍ୟ କରିଛନ୍ତି।

ଅନ୍ୟପକ୍ଷେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍‌କେ ଷ୍ଟାଲିନ ସୁପ୍ରିମକୋର୍ଟଙ୍କ ଏହି ରାୟକୁ 'ଐତିହାସିକ' ବୋଲି ବର୍ଣ୍ଣନା କରିଛନ୍ତି। 'ଏହା କେବଳ ତାମିଲନାଡୁ ପାଇଁ ନୁହେଁ ବରଂ ସମସ୍ତ ଭାରତୀୟ ରାଜ୍ୟ ପାଇଁ ଏକ ବଡ଼ ବିଜୟ। ଡିଏମ୍‌କେ ରାଜ୍ୟ ସ୍ୱାୟତ୍ତତା ଏବଂ ସଂଘୀୟ ରାଜନୀତି ପାଇଁ ଲଢ଼ିବ ଏବଂ ଜିତିବ ବୋଲି ସେ କହିଛନ୍ତି। ପ୍ରକାଶ, ସମ୍ବିଧାନର ଧାରା ୨୦୦ ରାଜ୍ୟପାଳଙ୍କ ସମ୍ମୁଖରେ ବିକଳ୍ପ ପ୍ରଦାନ କରେ ଯେତେବେଳେ ରାଜ୍ୟ ସଦନ ଦ୍ୱାରା ଗୃହୀତ ଏକ ବିଲ୍ ତାଙ୍କ



ସମ୍ମୁଖରେ ଉପସ୍ଥାପିତ ହୁଏ। ରାଜ୍ୟପାଳ ତାଙ୍କର ସମ୍ମତି ଦେଇପାରିବେ, ସମ୍ମତି ସ୍ଥଗିତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ବିଲ୍ ସଂରକ୍ଷଣ କରିପାରିବେ। ରାଜ୍ୟପାଳ କିଛି ବ୍ୟବସ୍ଥାର ପୁନଃବିଚାର ପାଇଁ ବିଲ୍‌ଟିକୁ ଗୃହ କିମ୍ବା ଗୃହକୁ ଫେରାଇପାରିବେ। ଯଦି ଗୃହ ଏହାକୁ ପୁନର୍ବାର ପାସ୍ କରେ, ତେବେ ରାଜ୍ୟପାଳ ସମ୍ମତିକୁ ଅଟକାଇବେ ନାହିଁ। ରାଜ୍ୟପାଳ ରାଷ୍ଟ୍ରପତିଙ୍କ ବିଚାର ପାଇଁ ଏପରି ଏକ ବିଲ୍‌କୁ ସଂରକ୍ଷଣ କରିପାରିବେ ଯାହା ସମ୍ବିଧାନ, ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତିର ବିରୁଦ୍ଧାଚରଣ କରୁଥିବ କିମ୍ବା ଜାତୀୟ ଗୁରୁତ୍ୱର ବିଷୟ ହୋଇଥିବ ବୋଲି ରାଜ୍ୟପାଳ ଅନୁଭବ କରିବେ। ଆର୍‌ଏନ୍ ରବି ୨୦୨୧ ମସିହାରେ ତାମିଲନାଡୁର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ ଯିଏକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଡିଏମ୍‌କେ ସରକାର ତାଙ୍କ ବିରୋଧରେ ବିଜେପି ମୁଖପାତ୍ର ପରି କାର୍ଯ୍ୟ କରିବା ଏବଂ ବିଲ୍ ଏବଂ ନିଯୁକ୍ତିକୁ ଅବରୋଧ କରିବାର ଅଭିଯୋଗ ଆଣିଛି।

## 'ଆମେରିକାର ୫୦% ଶୁଳ୍କ ଧମକରେ ଚୀନ୍ ଚିନ୍ତିତ ନୁହେଁ'

**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଚୀନ୍ ଉପରେ ୫୦% ନୂତନ ଶୁଳ୍କ ଲାଗୁ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେବା ପରେ, ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ବଡ଼ ଘୋଷଣା କରାଯାଇଛି। ଚୀନ୍ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଆମେରିକାର ଏପ୍ରକାର ଧମକକୁ ଚୀନ୍ ଖାତିର କରେ ନାହିଁ। ଚୀନ୍ 'ଶେଷ ପର୍ଯ୍ୟନ୍ତ' ଆମେରିକାର ଶୁଳ୍କକୁ ପ୍ରତିରୋଧ କରିବ ଏବଂ ଆମେରିକା ଯେପର୍ଯ୍ୟନ୍ତ ନିଜ ଟାରିଫ୍‌କୁ ପୂର୍ବ ସ୍ଥିତିକୁ ଫେରାଇ ଆଣିନାହିଁ ସେପର୍ଯ୍ୟନ୍ତ ଚୀନ୍ ମଧ୍ୟ ଆମେରିକା ଉପରେ ଲାଗୁ କରିଥିବା ୩୪% ଶୁଳ୍କ ନିଷ୍ପତ୍ତିରୁ ଓହରିବ ନାହିଁ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଚୀନ୍ ମନ୍ତ୍ରଣାଳୟର ମୁଖପାତ୍ର ଆମେରିକାର ପଦକ୍ଷେପକୁ ସମାଲୋଚନା କରି ଏହାକୁ 'ଏକ ଭୁଲ୍ ଉପରେ ଆଉ ଏକ ବଡ଼ ଭୁଲ', ଯାହାକୁ ଚୀନ୍ କଦାପି ଗ୍ରହଣ କରିପାରିବନି ବୋଲି ଅଭିହିତ କରିଛନ୍ତି। ଆମେରିକା ଏବେ ବର୍ଦ୍ଧିତ ଶୁଳ୍କ ସହ ବିଶ୍ୱକୁ ବ୍ଲାକମେଲ୍ କରିବାକୁ ଚେଷ୍ଟା କରୁଛି ବୋଲି ଚୀନ୍ କହିଛି। ଚୀନ୍ ମୁଖପାତ୍ର କହିଛନ୍ତି, 'ଯଦି ଆମେରିକା ନିଜସ୍ୱ ଉପାୟରେ ଚାଲିବାକୁ ଜିଦ୍ ଧରିଥାଏ, ତେବେ ଚୀନ୍ ଶେଷ ପର୍ଯ୍ୟନ୍ତ ଏହାକୁ ବିରୋଧ କରିବ। ଚୀନ୍ ମୁଖପାତ୍ର ପାରସ୍ପରିକ ସମ୍ମାନ ଏବଂ ସମାନତା ଆଧାରରେ ଆଲୋଚନା ମାଧ୍ୟମରେ ଚୀନ୍ ସହିତ ମତଭେଦ ସମାଧାନ କରିବାକୁ ଆମେରିକାକୁ ଆହ୍ୱାନ କରିଛନ୍ତି। ପ୍ରକାଶ, ଯଦି ବେଜିଂ ଆମେରିକୀୟ ସାମଗ୍ରୀ ଉପରେ ୩୪% ପ୍ରତିଶୋଧମୂଳକ ଶୁଳ୍କ ପ୍ରତ୍ୟାହାର ନ କରେ, ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଚୀନ୍ ଉପରେ ୯ ତାରିଖରୁ ଅତିରିକ୍ତ ୫୦% ଶୁଳ୍କ ଲାଗୁ କରିବେ' ବୋଲି ଧମକ ଦେଇଛନ୍ତି। ଏସବୁ ମଧ୍ୟରେ ଆମେରିକାର ଶୁଳ୍କ ଦ୍ୱାରା ପ୍ରଭାବିତ ନିଜ ଷ୍ଟକ୍ ବଜାରକୁ ସ୍ଥିର ତଥା ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ପାଇଁ ଚୀନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ସାର୍ବଭୌମ ପାଣ୍ଠି ପାଇଁ ଟଙ୍କା ଯୋଗାଣର ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛି।

### ଉପମୁଖ୍ୟମନ୍ତ୍ରୀଙ୍କ କନ୍‌ଭୟ ପାଇଁ ଉପୁଜିଲା ଟ୍ରାଫିକ୍ ସମସ୍ୟା

## ଜେଇଇ ପରୀକ୍ଷାରୁ ବଞ୍ଚିତ ହେଲେ ୨୦ ଛାତ୍ରଛାତ୍ରୀ

**ବିଶାଖାପାଟନା,୮।୪/ଏଜେନ୍ସି:** ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ତଥା ଦକ୍ଷିଣ ଭାରତୀୟ ଫିଲ୍ମଜଗତରେ ପାୱାର ଷ୍ଟାର ଭାବେ ପରିଚିତ ପୱନ କଲ୍ୟାଣଙ୍କୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ସୋମବାର ବିଶାଖାପଟନମ୍ ଦେଇ ପୱନ୍ କଲ୍ୟାଣଙ୍କ କନ୍‌ଭୟ ଯାଇଥିବା ବେଳେ ଏହା ପ୍ରାୟ ୨୦ରୁ ଅଧିକ ଆଶାୟୀଙ୍କ ଆଶାକୁ ଚୁରମାର୍ କରିଦେଇଛି। ରିପୋର୍ଟ ଅନୁସାରେ ସୋମବାର ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷା ଦେବା ପାଇଁ ସକାଳ ସମୟରେ ୨୩ ଆଶାୟୀ ନିଜ ଘରୁ ବାହାରିଥିଲେ। ଏମାନେ ଗୋଟିଏ ଗାଡ଼ିରେ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। କିନ୍ତୁ ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପୱନ୍ କଲ୍ୟାଣଙ୍କ କାରକେଡ୍ ବା କନ୍‌ଭୟ ଯାଉଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଦୀର୍ଘସମୟ ଧରି ଆଶାୟୀଙ୍କ ଗାଡ଼ି ଟ୍ରାଫିକ୍‌ରେ ଫସିରହିଥିଲା ଏହି କାରଣରୁ ପିଲାମାନେ ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ପରୀକ୍ଷା କେନ୍ଦ୍ର ନିକଟରେ ପହଞ୍ଚିପାରିନଥିଲେ। ତେବେ ଏହାକୁ ନେଇ ଅଭିଯୋଗ ହୋଇଛି।

ବିଶାଖାପାଟଣାର ପେଣ୍ଡୁର୍ଥୀରେ ଆୟନ ଡିଜିଟାଲ୍



ପରୀକ୍ଷା କେନ୍ଦ୍ର ନିକଟରେ ଏହି ଘଟଣା ଘଟିଛି। ଅତି କମ୍‌ରେ ୨୩ଜଣ ଛାତ୍ରଙ୍କ ଅଭିଭାବକ ପରୀକ୍ଷା କେନ୍ଦ୍ର ବାହାରେ ଏକାଠି ହୋଇ ସେମାନଙ୍କ ପିଲାମାନଙ୍କୁ ବିଳମ୍ବରେ ପହଞ୍ଚିବା ପାଇଁ ପ୍ରବେଶରୁ ବଞ୍ଚିତ କରାଯିବା ନେଇ ଦୁଃଖ ପ୍ରକାଶ କରିଥିଲେ। ଅଭିଭାବକଙ୍କ କହିବାନୁସାରେ "ଆମର ପିଲାମାନେ ମାସ ମାସ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ସେମାନଙ୍କ ନିୟନ୍ତ୍ରଣ ବାହାରେ ଥିବା କିଛି କାରଣ ପାଇଁ ପିଲାମାନଙ୍କୁ ଏମାନଙ୍କୁ ପରୀକ୍ଷାରୁ ବଞ୍ଚିତ ରହିବାକୁ ପଡ଼ିବା ଅତ୍ୟନ୍ତ ହୃଦୟ ବିଦାରକ। ତେବେ ଏପ୍ରକାର ଘଟଣା ସାମ୍ନାକୁ ଆସିବା ପରେ ବିରୋଧୀ ଦଳଗୁଡ଼ିକ ଏବେ ଏହାକୁ ଏକ ରାଜନୈତିକ ପ୍ରସଙ୍ଗ କରିଛନ୍ତି।

ଜବାବରେ, ବିଶାଖାପାଟଣା ସିଟି ପୋଲିସ୍ ଏହି ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଏକ ବିସ୍ତୃତ ସ୍ପଷ୍ଟୀକରଣ ଜାରି କରିଛି। ସିଟି ପୋଲିସ୍ ରିପୋର୍ଟ ଅନୁସାରେ ପରୀକ୍ଷା ନିର୍ଦ୍ଦେଶାବଳୀ ଅନୁଯାୟୀ ଛାତ୍ରଛାତ୍ରୀମାନେ ସକାଳ ୭ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ରିପୋର୍ଟ କରିବାକୁ ବାଧ୍ୟତାମୂଳକ ଥିବା ବେଳେ ପରୀକ୍ଷା କେନ୍ଦ୍ରର ଗେଟ୍‌ଗୁଡ଼ିକ କଡ଼ାକଡ଼ି ସକାଳ ୮ଟାରେ ବନ୍ଦ ହୋଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ କନଭୟ ୮.୪୧ରେ ସେହି ଅଞ୍ଚଳ ଦେଇ ଗତି କରିଥିଲା। ପରୀକ୍ଷା କେନ୍ଦ୍ରର ଗେଟ୍ ବନ୍ଦ ହେବା ପରେ ହିଁ ଉପମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ସେହି ଅଞ୍ଚଳ ଦେଇ ଗତି କରିଛି। ଏହାର ଅର୍ଥ ଛାତ୍ରଙ୍କ ବିଳମ୍ବ ଆଗମନ ସହ ଉପମୁଖ୍ୟମନ୍ତ୍ରୀଙ୍କ କନଭୟ ଯିବାର କୌଣସି ସମ୍ପର୍କ ନାହିଁ। ଅନ୍ୟପକ୍ଷେ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ରୁଟ୍‌ରେ ଟ୍ରାଫିକ୍ ପ୍ରବାହ ଏବଂ କନଭୟ ଗତିବିଧିର ଏକ ବିସ୍ତୃତ ଯାଞ୍ଚ କରିବାକୁ କହିଛନ୍ତି।

## ମାର୍କୋ ରୁବିଓଙ୍କ ସହ ଫୋନରେ କଥାହେଲେ ଏସ୍ ଜୟଶଙ୍କର

**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ପ୍ରାୟ ୫୦ଟି ଦେଶ ଉପରେ ଶୁଳ୍କ ଘୋଷଣା କରିବାର କିଛି ଦିନ ପରେ, ଏପ୍ରିଲ ୭, ସୋମବାର ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଫୋନ ବାର୍ତ୍ତାଳାପ ହୋଇଥିଲା। ଯେଉଁଥିରେ ଉଭୟ ନେତା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଜୟଶଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ସେ ଏବଂ ରୁବିଓ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିକୁ ଯଥାଶୀଘ୍ର ଶେଷ କରିବାର ଗୁରୁତ୍ୱ ଉପରେ ଆଲୋଚନା କରିଛନ୍ତି। ଉଭୟ ପକ୍ଷ ସହମତ ହୋଇଥିଲେ ଯେ ଏହି ବାଣିଜ୍ୟ ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରାଯିବା ଉଚିତ। ଏହି ଆଲୋଚନା ଏପରି ଏକ ସମୟରେ ହୋଇଛି ଯେତେବେଳେ ଆମେରିକାର ବାଣିଜ୍ୟ ପ୍ରତିନିଧି ବ୍ରାଣ୍ଡନ ଲିଞ୍ଚ ଭାରତ ଗସ୍ତରେ ଆସିଛନ୍ତି ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ହୋଇଛି। ଜୟଶଙ୍କର କହିଛନ୍ତି, 'ଆମେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ଶୀଘ୍ର ସମାପ୍ତି ବିଷୟରେ କଥା ହୋଇଛୁ।' ମୁଁ ଆଶା କରୁଛି ଆମେ ଖୁବ ଶୀଘ୍ର ଏହି ଦିଗରେ ଆଗକୁ ବଢ଼ିବୁ।" ସେ ଏହା ମଧ୍ୟ କହିଛନ୍ତି ଯେ ସେ ରୁବିଓଙ୍କ ସହ ଯୋଗାଯୋଗରେ ରହିବେ।

# ଦୁଇ ଦିନିଆ ଭାରତ ଗସ୍ତରେ ଦୁବାଇ କ୍ରାଉନ୍ ପ୍ରିନ୍ସ

**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ୨ ଦିନିଆ ଭାରତ ଗସ୍ତରେ ଆସିଥିବା ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ୍ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରୁଛନ୍ତି। ଉଭୟ ନେତା ଏକ ସମୃଦ୍ଧ ଭବିଷ୍ୟତ ପାଇଁ ୟୁଏଇ-ଭାରତ ସମ୍ପର୍କ ଉପରେ ଆଲୋଚନା କରିଥିବା ସୂଚନା ମିଳିଛି। କ୍ରାଉନ ପ୍ରିନ୍ସଙ୍କ ଭାରତ ଗସ୍ତର ଲକ୍ଷ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା। ଏହିକ୍ରମେ ସେ, ଏଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। କ୍ରାଉନ୍ ପ୍ରିନ୍ସ ହେବା ସହ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ୍ ମକତୁମ୍ ଏବେ ଦୁବାଇର ଉପପ୍ରଧାନମନ୍ତ୍ରୀ ଏବଂ ୟୁଏଇ ପ୍ରତିରକ୍ଷା ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ତାଙ୍କ ବର୍ତ୍ତମାନର ଭୂମିକାରେ ଭାରତକୁ ପ୍ରଥମ ସରକାରୀ ଗସ୍ତ। କ୍ରାଉନ ପ୍ରିନ୍ସ ମୁମ୍ବାଇରେ ଏକ ବ୍ୟବସାୟ ଗୋଲଟେବୁଲ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ସେ ୟୁଏଇ ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଏବଂ ନିବେଶକୁ ବିସ୍ତାର କରିବାର ସୁଯୋଗ ଅନୁସନ୍ଧାନ କରିବା ପାଇଁ ଶିଳ୍ପ ନେତାମାନଙ୍କ ସହ ଆଲୋଚନା କରିବେ। ତେବେ ତାଙ୍କର ଏହି ସରକାରୀ ଗସ୍ତ ଭାରତ ସହିତ ଟଇରର କୂଟନୈତିକ ଏବଂ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ନବସୃଜନ, ସୁରକ୍ଷା ଏବଂ ଦୀର୍ଘକାଳୀନ ସମୃଦ୍ଧି ପ୍ରତି ଦୁଇ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



### ୨୦୦୮ ଜୟପୁର ସିରିଜ୍ ବିସ୍ଫୋରଣ ମାମଲା: ୧୭ବର୍ଷ ପରେ ଆସିଲା କୋର୍ଟ ରାୟ

## ୪ ଆତଙ୍କବାଦୀଙ୍କୁ ଆଜୀବନ

**ଜୟପୁର,୮।୪/ଏଜେନ୍ସି:** ୨୦୦୮ ଜୟପୁର ସିରିଏଲ୍ ବିସ୍ଫୋରଣ ମାମଲାରେ ୪ ଆତଙ୍କବାଦୀଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି। ଜୟପୁରର ସ୍ୱତନ୍ତ୍ର କୋର୍ଟ ସୈଫୁର ରେହମାନ, ମହମ୍ମଦ ସୈଫ୍, ମହମ୍ମଦ ସରୱାର ଆଜ୍‌ମୀ ଏବଂ ଶେହବାଜ ଅହମ୍ମଦଙ୍କୁ ଦୋଷୀ ସାବ୍ୟସ୍ତ ପୂର୍ବକ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏହି ମାମଲାରେ କୋର୍ଟ ୬୦୦ ପୃଷ୍ଠାରେ ତାଙ୍କର ରାୟ ପ୍ରଦାନ କରିଛନ୍ତି। ୧୩ ମେ, ୨୦୦୮ରେ ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ସିରିଜ ବିସ୍ଫୋରଣ ଘଟଣା ଘଟିଥିଲା। ଗୋଟିଏ ପରେ ଗୋଟିଏ ୮ଟି ବୋମା ବିସ୍ଫୋରଣ ଘଟିଥିଲା। ତେବେ ଚାନ୍ଦପୋଲ ବଜାରର ଏକ ମନ୍ଦିର ନିକଟରେ ୯ମ ତଥା ଏକ ଅଫୁଟା ବୋମା ମିଳିଥିଲା, ଯାହାକୁ ବୋମା ନିଷ୍କ୍ରିୟ ଟିମ୍ ସଫଳତା ପୂର୍ବକ ନିଷ୍କ୍ରିୟ କରିପାରିଥିଲେ। ଫଳରେ ୯ମ ବୋମା ବିସ୍ଫୋରଣଜନିତ ମୃତ୍ୟୁସଂଖ୍ୟାକୁ ରୋକାଯାଇପାରିଥିଲା। କିନ୍ତୁ ବାକି ୮ଟି ବିସ୍ଫୋରଣରେ ୭୧ ଜଣ ପ୍ରାଣ ହରାଇଥିଲେ ଓ ୧୮୫ ଜଣ ଆହତ ହୋଇଥିଲେ। ସମଗ୍ର ଦେଶକୁ ଥରାଇ ଦେଇଥିବା ଏହି ସିରିଏଲ ବିସ୍ଫୋରଣଜନିତ ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତ ସାମିଲ ଥିବା ଜଣାପଡିଥିଲା। ପୂର୍ବରୁ ଏହି ମାମଲାରେ ୪ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପରେ,



ରାଜସ୍ଥାନ ହାଇକୋର୍ଟ ମାର୍ଚ୍ଚ ୨୦୨୩ ରେ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ତେବେ ଉକ୍ତ ଅଫୁଟା ବୋମା ସେମାନଙ୍କୁ ପୁଣି ଜେଲ୍ ଭିତରକୁ ଆଣିବାକୁ ସକ୍ଷମ ହୋଇଛି । ୧୭ ବର୍ଷ ପୁରୁଣା ଏହି ମାମଲାରେ, ସରକାରୀ ଓକିଲ ୧୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ ଏବଂ ପ୍ରାୟ ୧୨୦୦ ଦସ୍ତାବିଜ କୋର୍ଟରେ ଉପସ୍ଥାପନ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପୂର୍ବକ କୋର୍ଟ ପୂର୍ବରୁ ମାର୍ଚ୍ଚ ୨୯କୁ ରାୟର ତାରିଖ ଭାବରେ ଧାର୍ଯ୍ୟ କରିଥିଲେ, କିନ୍ତୁ ଗତ ଶୁଣାଣିରେ କୋର୍ଟ ତାଙ୍କର ରାୟ ଦେଇନଥିଲେ ଏବଂ ଆଜିର ତାରିଖ ଦଣ୍ଡାଦେଶ ପାଇଁ ଧାର୍ଯ୍ୟ କରିଥିଲେ।



ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ୮.୪.୨୦୨୫ରେ କୋଲକାତା, ଗାର୍ଡେନ୍ ରିଚ୍ ସ୍ଥିତ ଏସ୍‌ଇଆର୍ ମୁଖ୍ୟାଳୟରେ ଅନୁକରଣୀୟ ସୁରକ୍ଷା କାର୍ଯ୍ୟ ପାଇଁ ରେଳ କର୍ମଚାରୀମାନଙ୍କୁ ସମ୍ମାନିତ କରୁଛନ୍ତି।

## ପୃଥକ୍ ହୋଇଗଲା ଫାଲକ୍‌ନୁମା ଏକ୍ସପ୍ରେସ୍‌ର ୨ ବଗି

**ବିଶାଖାପାଟଣା,୮ ।୪:** ମଙ୍ଗଳବାର ପୁଣି ଏକ ଟ୍ରେନ୍ ଦୁର୍ଘଟଣା ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ପାଲାସା ସୁମାଦେବୀ ନିକଟରେ ବିଶାଖାପାଟନମ୍ ଦେଇ ସାଲିମର ଯାଉଥିବା ଫାଲକ୍‌ନୁମା ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନ୍‌ର ଦୁଇଟି ଏସି ବଗି ଅଲଗା ହୋଇଯାଇଥିଲା। ଏହି ଘଟଣା ପାଇଁ ଯାତ୍ରୀମାନେ ଦୁଇ ଘଣ୍ଟାରୁ ଅଧିକ ସମୟ ଫସି ରହିଥିଲେ। ଦୁର୍ଘଟଣା ପରେ ହାୱଡ଼ା ଯାଉଥିବା ଏହି ଟ୍ରେନ୍‌କୁ ଅଟକାଇ ଦିଆଯାଇଥିଲା। ଟେକ୍ନିସିଆନଙ୍କ ସହିତ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କୋଚଗୁଡ଼ିକୁ ସଂଯୋଗ କରିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ପଥରେ ଗଡ଼ିଥିଲା। ଯାତ୍ରୀମାନେ ପ୍ରଥମେ ଟ୍ରେନଟି ଲାଇନ୍‌ଚ୍ୟୁତ ହୋଇଥିବାର ଆଶଙ୍କା କରି ଭୟଭୀତ ହୋଇଯାଇଥିଲେ। ପରେ ଟ୍ରେନ୍‌ରୁ ଦୁଇଟି କୋଚ୍ ଅଲଗା ହୋଇଯାଇଥିବା ଜଣାପଡିଥିଲା।

# ମୁଁ ଖୁବ୍‌ଶୀଘ୍ର ଫେରୁଛି: ଶେଖ୍ ହସିନା

**ଢାକା,୮।୪/ଏଜେନ୍ସି:** 'ଆଲ୍ଲାହ ମୋତେ ଏକ କାରଣ ପାଇଁ ଜୀବିତ ରଖିଛନ୍ତି, ମୁଁ ଖୁବଶୀଘ୍ର ବାଂଲାଦେଶ ଆସୁଛି।' ନିଜ ସମର୍ଥକଙ୍କ ଉଦ୍ଦେଶ୍ୟରେ ଏପରି କିଛି ମନ୍ତବ୍ୟ ଦେଇଛନ୍ତି ୭୭ ବର୍ଷୀୟା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା। ହସିନା କହିଛନ୍ତି, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଏପରି ଜଣେ ବ୍ୟକ୍ତି ଯିଏ ତାଙ୍କ ଜୀବନରେ କେବେ କାହାକୁ ଭଲ ପାଇନାହାନ୍ତି। ସେ କେବେ ବାଂଲାଦେଶ କିମ୍ବା ବାଂଲାଦେଶୀଙ୍କୁ ସ୍ନେହ, ପ୍ରେମ ଆଦର କରିନାହାନ୍ତି। ଏଭଳି ମଣିଷ କେବେହେଲେ ଦେଶର ମଙ୍ଗଳ ଚିନ୍ତା କରିପାରିବନି। ଏକଦା ବିକାଶର ଏକ ମଡେଲ ଭାବରେ ଦେଖାଯାଉଥିବା ବାଂଲାଦେଶକୁ ଆଜି ଏକ 'ଆତଙ୍କବାଦୀ ଦେଶରେ ପରିଣତ କରିଦିଆଯାଇଛି। ତେବେ ବାଂଲାଦେଶବାସୀ ଏହି ସତ୍ୟକୁ ବୁଝିବା ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ବୁଝିପାରିଛନ୍ତି। ଆଲ୍ଲାହ ବୋଧହୁଏ ଏକ ମହତ୍ କାରଣ ପାଇଁ ତାଙ୍କୁ (ଶେଖ୍ ହସିନା ନିଜେ) ଜୀବିତ ରଖିଛନ୍ତି। ବାଂଲାଦେଶ ଏବଂ ବାଂଲାଦେଶୀଙ୍କ ପାଇଁ ବୋଧହୁଏ ଆହୁରି ଅନେକ କିଛି କାମ କରିବା ବାକି ରହିଛି। ଆଲ୍ଲାହଙ୍କ ଏହି ଇଙ୍ଗିତକୁ ସାକାର କରିବା ପାଇଁ ସେ ଖୁବଶୀଘ୍ର ବାଂଲାଦେଶ ଫେରିବେ। ହସିନାଙ୍କ କହିବାନୁସାରେ ଖୁବଶୀଘ୍ର ସେହି ଦିନ ଆସିବ' ଯେତେବେଳେ ଆୱାମୀ ଲିଗ୍ ସଦସ୍ୟଙ୍କୁ ଟାର୍ଗେଟ୍ କରିଥିବା ଲୋକମାନଙ୍କ ବିଚାର କରାଯିବ। ଏଠାରେ ଏବେ ପ୍ରତିଦିନ ହତ୍ୟାକାଣ୍ଡ ଘଟୁଛି, କିନ୍ତୁ ସରକାର ଏଥିପ୍ରତି ଚିନ୍ତା କରୁନାହାଁନ୍ତି। ବାଂଲାଦେଶରେ



**'ଆଲ୍ଲାହ' ମୋତେ ଏକ କାରଣ ପାଇଁ ଜୀବିତ ରଖିଛନ୍ତି**

ସାମ୍ବାଦିକ ଏବଂ ଓକିଲମାନଙ୍କୁ କହିବାକୁ ନିଷେଧ କରାଯାଇଛି। ଏପରି ଲୋକଙ୍କ ବରୋଧରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେ ୟୁନୁସଙ୍କୁ ସରକାରୀ ଟଙ୍କା ବ୍ୟବହାର କରି ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବାର ଅଭିଯୋଗ କରିଛନ୍ତି। ପ୍ରକାଶ, ଦେଶବ୍ୟାପୀ ଆନ୍ଦୋଳନ ପରେ କ୍ଷମତାରୁ ବହିଷ୍କୃତ ହେବା ପରେ ଭାରତ ପଳାଇ ଆସିଥିବା ଆୱାମୀ ଲିଗ୍ ଅଧକ୍ଷା ସୋସିଆଲ ମିଡିଆରେ ତାଙ୍କ ଦଳର ନେତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବା ସମୟରେ ଏହି ମନ୍ତବ୍ୟ ଦେଇଥିଲେ।

ଆୱାମୀ ଲିଗ କର୍ମୀଙ୍କ ପ୍ରଶ୍ନର ଉତ୍ତରରେ, ହସିନା କହିଥିଲେ, "ମୁଁ ଏବେ ଜୀବିତ ଅଛି ଏହାର ଅର୍ଥ ମୁଁ ଶୀଘ୍ର ବାଂଲାଦେଶ ଆସିବି। ଦୟାକରି ସମସ୍ତେ ଧୈର୍ଯ୍ୟ ରଖନ୍ତୁ। ଆପଣ ନ୍ୟାୟ ପାଇବେ। ଆପଣଙ୍କୁ ଯିଏ ମାରିବାକୁ ଆସୁଛି, ତାକୁ ଖୋଜାଖୋଜି କରି ବାହାରକୁ ଅଣାଯିବ। ଆଲ୍ଲାହଙ୍କ ଘରେ ବିଳମ୍ବ ଅଛି, କିନ୍ତୁ କୌଣସି ଅନ୍ୟାୟ ନାହିଁ। ଏହି ସମୟରେ, ସେ ଆୱାମୀ ଲିଗ କର୍ମୀଙ୍କଠାରୁ ବାଂଲାଦେଶ ବିଷୟରେ ମଧ୍ୟ ସୂଚନା ନେଇଥିଲେ। ହସିନା ଏହି ଅବସରରେ କହିଛନ୍ତି ଯେ, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ କେବଳ ନିଜ ପାଇଁ ବଞ୍ଚୁଛନ୍ତି। କ୍ଷମତାର ଲାଳସା ତାଙ୍କୁ ଅନ୍ଧ କରିପକାଇଛି, ଯାହାର ପରିଣାମ ସ୍ୱରୂପ ଆଜି ବାଂଲାଦେଶ ନିୟମିତ ରୂପେ ଜଳୁଛି। ନିଜ କଥା ଆଳରେ ହସିନା କହିଥିଲେ ଯେ, ଯେଉଁମାନେ ଏହି ଅପରାଧ କରିଛନ୍ତି ସେମାନଙ୍କୁ ଦଣ୍ଡ ମିଳିବ। ଏହା ତାଙ୍କର ପ୍ରତିଜ୍ଞା। ସୂଚନାଯୋଗ୍ୟ, ହସିନାଙ୍କ ଏପ୍ରକାର କଡ଼ା ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ ଚେଷ୍ଟା କରୁଛି। ବିମଷ୍ଟେକ ଶିଖର ସମ୍ମିଳନୀ ସମୟରେ ସେମାନଙ୍କ ବୈଠକରେ, ମହମ୍ମଦ ୟୁନୁସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରତ୍ୟର୍ପଣ ଅନୁରୋଧର ସ୍ଥିତି ବିଷୟରେ ପଚାରିଥିଲେ।

ନିତିଦିନ NITIDIN



# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ,୮।୪/ଏନ୍ଏନ୍ଏସ୍:** ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ବିୟୋଗରେ ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ଭଞ୍ଜ ଜଣେ ଅମାୟିକ, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ବିଧାୟକ ଭାବେ ଅଞ୍ଚଳର ଉନ୍ନତି ପାଇଁ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ବିୟୋଗ ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ସାହୁ ଶୋକରେ ପ୍ରକାଶ କରିଛନ୍ତି।


ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଫୁଲ୍ଲ ଭଞ୍ଜଙ୍କ ବିୟୋଗରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଶୋକପ୍ରକାଶ କରିଛନ୍ତି। ସାଂସଦ ରୁଦ୍ରନାରାୟଣ ପାଣି, କଂଗ୍ରେସ ସାଂସଦ ପ୍ରାର୍ଥୀ ସସ୍ମିତା ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂହଦେଓ, ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱର୍ଗତ ଭଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଭଞ୍ଜ ଜଣେ ଅମାୟିକ, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ବିଧାୟକ ଭାବେ ଅଞ୍ଚଳର ଉନ୍ନତି ପାଇଁ ତାଙ୍କ ଅବଦାନ ସ୍ମରଣୀୟ। ତାଙ୍କର ବିୟୋଗ ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି।

ସେହିପରି ଗଁଦିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜ ଗତକାଲି ରାତିରେ ଇହଲୀଳା ସମ୍ବରଣ କରିଛନ୍ତି। ଗଁଦିଆ ବ୍ଲକର ଷଡ଼ଙ୍ଗୀ ପଞ୍ଚାୟତର ବିଷ୍ଣୁପୁର କରୋଗଳା ଶାସନରେ ଜନ୍ମ ଗ୍ରହଣ କରି ଢେଙ୍କାନାଳ ମୀନାବଜାରଠାରେ ନିଜର କର୍ମମୟ ଜୀବନ ବିତାଇଥିଲେ। ତାଙ୍କ ବିଧାୟକ ସମୟରେ ଗଁଦିଆ ଅଞ୍ଚଳରେ ବହୁତ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଥିଲା। ଜନସାଧାରଣଙ୍କ ସୁଖଦୁଃଖର ସାଥୀ ଥିଲେ। ଜଣେ ଦରଦୀ ହୃଦୟବାନ ବ୍ୟକ୍ତି ହିସାବରେ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଗଁଦିଆ ସ୍ମୃତି ସଂସଦ ଗଁଦିଆ ଢେଙ୍କାନାଳ ଗଭୀର ମ୍ରିୟମାଣ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହିତ ଗଁଦିଆ ସ୍ମୃତି ସଂସଦର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଓ ମୁଖ୍ୟ ଉପଦେଷ୍ଟା ତଥା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର କୁମାର ସାହୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ଏ ନେଇ ଗଁଦିଆ ବ୍ଲକରେ ଶୋକର ଛାୟା ଖେଳିଯାଇଛି। ଗତକାଲି ରାତ୍ରିରେ ଢେଙ୍କାନାଳ ସ୍ଥିତ ନିଜସ୍ୱ ବାସଭବନରେ ରାତ୍ରି ୩ଟା ୪୦ ମିନିଟ ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ବିଧାୟକ ସମୟରେ ଗଁଦିଆ ବ୍ଲକର ବହୁଦିନର ଦାବି ଗଁଦିଆ ଠାରେ ଏକ ସ୍ଥାୟୀ ଦମକଳ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ତାଙ୍କ ସମୟରେ ଉକ୍ତ ବ୍ଲକରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଆଜି ତାଙ୍କର ଦେହାନ୍ତ ଖବର ପାଇ ପୂର୍ବତନ ପିସିସି ସମ୍ପାଦକ ସୁବ୍ରତ କୁମାର ସାହୁ, ଗଁଦିଆ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମନୋରନ ମିଶ୍ର ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ସାହୁ, ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଡମ୍ବରୁଧର ସେଠୀ ଓ ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ଉପସଭାପତି ବିଦ୍ୟାଧର ସାହୁ ପ୍ରମୁଖ ତାଙ୍କର ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନ ଜ୍ଞାପନ ସହିତ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ।

### ବରିଷ୍ଠଙ୍କୁ ନବୀନଙ୍କ ପରାମର୍ଶ

# ବାହାରେ କିଛି କୁହନାହିଁ, ଶୃଙ୍ଖଳା ବଜାୟ ରଖ



**ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:** ବାହାରେ କିଛି କୁହନାହିଁ, ଦଳରେ ଶୃଙ୍ଖଳା ବଜାୟ ରଖ। ବରିଷ୍ଠ ନେତାଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଏହି ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ନବୀନ ନିବାସରେ ବିଜେଡିର ସାଂଗଠନିକ ନିର୍ବାଚନ ଓ ଅନ୍ୟ କେତେକ ସାମ୍ପ୍ରତିକ ବିଷୟ ଉପରେ ଆଲୋଚନା ପାଇଁ ନବୀନଙ୍କୁ ଭେଟିବାକୁ ଯାଇଥିଲେ ଦଳର କିଛି ବରିଷ୍ଠ ନେତା। ପ୍ରାୟ ଦେଢ଼ ଘଣ୍ଟା ଧରି ଦଳୀୟ ନେତାଙ୍କ ସହିତ ଆଲୋଚନା କରଥିଲେ ନବୀନ। ବିଜେଡି ସଭାପତିଙ୍କ ସହ ଆଲୋଚନା କରିଥିବା ବରିଷ୍ଠ ନେତାମାନେ ହେଉଛନ୍ତି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ପ୍ରତାପ ଦେବ, ଅରୁଣ ସାହୁ, ଅନଙ୍ଗ ଉଦୟ ସିଂହଦେଓ, କଳିକେଶ ସିଂହଦେଓ ଓ ବବି ଦାସ ପ୍ରମୁଖ। ଏହି ଅବସରରେ ନବୀନଙ୍କ ସହ କି ଆଲୋଚନା କଲେ ସେମାନେ ଗଣମାଧ୍ୟମକୁ କିଛି କହିନଥିଲେ। ହେଲେ ବିଶେଷସୂତ୍ରରୁ ଜଣାପଡ଼ିଛି ଯେ ଦଳରେ ଶୃଙ୍ଖଳା ବଜାୟ ରଖିବାକୁ ନେତାମାନଙ୍କୁ ନବୀନ ପରାମର୍ଶ ଦେଇଥିବା ଜଣାଯାଇଛି। ଏପରିକି ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ନେତାଙ୍କୁ ବି ସେ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ଶଙ୍ଖ ଭବନରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ପ୍ରଣବ ବଳବନ୍ତରାୟଙ୍କ ସମେତ ଅନ୍ୟ କିଛି ପୂର୍ବତନ ଯୁବ ବିଧାୟକ ଏକାଠି ହୋଇଥିଲେ। ରାଜ୍ୟସଭାରେ ୱାକଫ୍ ବିଲ୍ ପ୍ରସଙ୍ଗ ନେଇ କିଛି ବିଶୃଙ୍ଖଳା ସୃଷ୍ଟି କରୁଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# ଓଡ଼ିଶାରେ କେମିକାଲ୍ସ-ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ମଜଭୁତ ପାଇଁ ତିନି ଏମ୍ଓୟୁ




**ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:** ଓଡ଼ିଶାରେ କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ମଜଭୁତ ପାଇଁ ତିନୋଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାର ଓ ଆଇଓସିଏଲ ମଧ୍ୟରେ ଏମ୍ଓୟୁ ଓଡ଼ିଶାକୁ ବିଶ୍ୱରେ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ କରିବ। ଏହାଦ୍ୱାରା ପୂର୍ବୋଦୟ କଳ୍ପନାରେ ଓଡ଼ିଶା ପାଇଁ ପ୍ରଗତି ଓ ସମୃଦ୍ଧିର ନୂଆ ସୂର୍ଯ୍ୟୋଦୟ ଅଭ୍ୟୁଦୟ ହେବ। ମେଗା ପୁଞ୍ଜିନିବେଶ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଏକ ନୂଆ ଯୁଗର ଶୁଭାରମ୍ଭ କରିବ। ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ ପାରାଦୀପଠାରେ ୫୮,୦୪୨ କୋଟି ଟଙ୍କାର ମେଗା ଡୁଆଲ ଫିଡ୍ କ୍ରାକର(ଡିଏଫ୍‌ସି) ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପାଇଁ ଓଡ଼ିଶା ସରକାର ଏବଂ ଆଇଓସିଏଲ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ସେହିପରି ଯାଜପୁର ଚଣ୍ଡିଖୋଲ ଠାରେ ୮,୭୪୩ କୋଟି ଟଙ୍କା ବ୍ୟୟରେ କ୍ରୁଡ୍ ଅଏଲ ଷ୍ଟୋରେଜ୍ ଫାସିଲିଟି ପାଇଁ ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ ଏବଂ ଗୋପାଳପୁର ଠାରେ ୨୩୦୬ କୋଟି ଟଙ୍କା ବ୍ୟୟରେ ଏଲଏନଜି ଟର୍ମିନାଲ ପାଇଁ ଓଡ଼ିଶା ଏବଂ ପେଟ୍ରୋନେଟ୍ ଏଲଏନଜି ଟର୍ମିନାଲ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଇଣ୍ଡିଆନ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ। ଏହାକୁ ବାଜପେୟୀଜୀ ଶୁଭ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ସେହି ସମୟରେ ଏଠାରେ ପେଟ୍ରୋଲିୟମ ଉତ୍ପାଦ ସହ ପେଟ୍ରୋକେମିକାଲ ଉତ୍ପାଦ ବାହାର କରିବା ପାଇଁ ଯୋଜନା ହୋଇଥିଲା। ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିରେ ଏକ ନୂଆ ଆଶା ଓ ଦିଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ସମ୍ଭାବନା ବିଷୟରେ ସ୍ପଷ୍ଟ ଭାବେ ଅବଗତ ଅଛନ୍ତି ଏବଂ ଏହି ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏକ ବହୁ-ଅଂଶୀଦାର ସମବାୟ ଆଭିମୁଖ୍ୟ ଓଡ଼ିଶାର ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ। ଆଜିର ଏମଓୟୁ ନେଇ ଶ୍ରୀ ପ୍ରଧାନ କହିଛନ୍ତି, ଯୋଜନା କରାଯାଇଥିବା ମେଗା ପୁଞ୍ଜିନିବେଶ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଏକ ନୂଆ ଯୁଗର ଶୁଭାରମ୍ଭ କରିବ। ଓଡ଼ିଶା ବିଶ୍ୱ ପାଇଁ ଏକ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ ହେବ। ଏହି ନୂତନ

### ୨୦୧୭ରେ ଆଇଓସିଏଲ୍‌ଠାରୁ ଭାଟ୍ ବାବଦରେ ଓଡ଼ିଶା ପାଇଛି ପ୍ରାୟ ୩୦୦୦ କୋଟି

### ସ୍ୱଚ୍ଛ ଭାରତ ପାଇଁ ନୂଆ ବାୟୋ ଗ୍ୟାସ୍ ପଲିସି ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

ପୁଞ୍ଜିନିବେଶ ରାଜ୍ୟର ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ ଏବଂ ଅଧିକରୁ ଅଧିକ ଓଡ଼ିଆ ଯୁବକ ଉଦ୍ୟୋଗୀ ହେବାରେ ସକ୍ଷମ ହେବେ। ଏସବୁ ପଦକ୍ଷେପ ଡବଲ ଇଞ୍ଜିନ ସରକାରର ଇସ୍ତାହାରର ଏକ ସ୍ପଷ୍ଟ ପ୍ରତିଫଳନ। ମେଗା ଡୁଆଲ ଫିଡ୍ କ୍ରାକର ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପେଟ୍ରୋକେମିକାଲ୍ସର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ଭାରତର ପେଟ୍ରୋକେମିକାଲ୍ସ ଉଦ୍ୟୋଗକୁ ସୁଦୃଢ କରିବ। ଏହି ପ୍ରକଳ୍ପ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ନିବେଶ କ୍ଷେତ୍ରର ପ୍ରଗତିକୁ ତ୍ୱରାନ୍ୱିତ କରିବ। ବର୍ତ୍ତମାନ ୫.୩୩ ଏମଏମଟି (ମିଲିୟନ ମେଟ୍ରିକ୍ ଟନ୍) କ୍ଷମତା ବିଶିଷ୍ଟ ଏସପିଆର ସହିତ ଆମେ ଭାରତର ୯.୫ ଦିନର ଅଶୋଧିତ ତୈଳ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ। ଚଣ୍ଡିଖୋଲ ଠାରେ ୪ ଏମଏମଟି ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ପ୍ରତିଷ୍ଠା ହେଲେ ଦେଶର ଅଶୋଧିତ ତୈଳ ଆବଶ୍ୟକତା ଅତିରିକ୍ତ ୭ ଦିନ ବୃଦ୍ଧି ପାଇବ। ଫଳରେ ଭାରତରେ ମୋଟ ପ୍ରାୟ ୧୭ ଦିନର କ୍ରୁଡ୍ ଅଏଲ୍ ଆବଶ୍ୟକତା ପୂରଣ କରିବ। ସେହିପରି ବର୍ତ୍ତମାନ ଭାରତରେ ୭ଟି କାର୍ଯ୍ୟକ୍ଷମ ଏଲଏନଜି ଟର୍ମିନାଲ ରହିଛି, ଯାହାର କାର୍ଯ୍ୟକ୍ଷମ ପୁନଃ ଗ୍ୟାସିଫିକେସନ୍ କ୍ଷମତା ପ୍ରାୟ ୪୭.୭ ଏମଏମଟିପିଏ ରହିଛି। ପୂର୍ବ ଉପକୂଳରେ ତାମିଲନାଡୁ ଏନ୍ନୋର ପରେ ଓଡ଼ିଶାର ଧାମରା ଏବଂ ଏବେ ଗୋପାଳପୁର ତୃତୀୟ ଏଲଏନଜି ଟର୍ମିନାଲ ହେବ। ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ସମଗ୍ର ପୂର୍ବ ଭାରତକୁ ଶକ୍ତି ଉପଲବ୍ଧତା ପାଇଁ ସେବା ଯୋଗାଇବ ଏବଂ ଶକ୍ତି ନିରାପତ୍ତା ବୃଦ୍ଧି କରିବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୧୭ରେ ତାଙ୍କ ହସ୍ତକ୍ଷେପ କାରଣରୁ ଓଡ଼ିଶା ସରକାର ନଭେମ୍ବର ୨୦୧୫ରୁ ଜୁଲାଇ ୨୦୧୭ ମଧ୍ୟରେ ଆଇଓସିଏଲ୍ ଠାରୁ ଭାଟ୍ ବା ବିକ୍ରୟ ଟିକସ ବାବଦରେ ପ୍ରାୟ ୩୦୦୦ କୋଟି ଟଙ୍କା ରାଜକୋଷକୁ ପାଇଛନ୍ତି। ତାଙ୍କର ଏହି ଉଦ୍ୟମ କାରଣରୁ ଆଇଓସିଏଲ ପାରାଦୀପ ରିଫାଇନାରୀ ପ୍ରତିବର୍ଷ କେବଳ ଓଡ଼ିଶାର ରାଜକୋଷକୁ ପ୍ରାୟ ୬,୦୦୦ କୋଟି ଟଙ୍କା ଏବଂ ଓଡ଼ିଶା ଓ ଭାରତ ସରକାରଙ୍କ ରାଜକୋଷକୁ ପ୍ରାୟ ୨୭,୦୦୦ କୋଟି ଟଙ୍କା ପ୍ରଦାନ କରୁଛି। ଓଡ଼ିଶାରେ ଏଲପିଜି ସଂଯୋଗ ୨୦୧୪ ପୂର୍ବରୁ ୨୧ ଲକ୍ଷ ଥିବା ବେଳେ ଏବେ ରାଜ୍ୟରେ ଏଲପିଜି ସଂଯୋଗ ବଢି ୧ କୋଟି ୪ ହଜାରରେ ପହଞ୍ଚିଛି ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କ ସଂଖ୍ୟା ୫୫ ଲକ୍ଷରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବା, ସମ୍ପତ୍ତି ସୃଷ୍ଟି, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାରେ ନୂତନ ପିଢ଼ିର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଆମର ପ୍ରାଥମିକତା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ଏବଂ ସିଏମ୍ ମୋହନ ମାଝୀଙ୍କ ନେତୃତ୍ୱ ସମସ୍ତ ନିବେଶକଙ୍କୁ ସମର୍ଥନ କରିବ। ଗତ ଦଶନ୍ଧିରେ ପେଟ୍ରୋଲିୟମ କ୍ଷେତ୍ରରେ ୨ ଲକ୍ଷ ୪ ହଜାର କୋଟିରୁ ଅଧିକ ଟଙ୍କା ପୁଞ୍ଜିନିବେଶ ସହ ଓଡ଼ିଶା ବିଶ୍ୱର ଶକ୍ତି ପରିବର୍ତ୍ତନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ସ୍ୱଚ୍ଛ ଭାରତ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ନୂଆ ବାୟୋ ଗ୍ୟାସ୍ ପଲିସି ଆଣିବା ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅନୁରୋଧ କରିଛନ୍ତି।

### ରାଜସ୍ୱ ମନ୍ତ୍ରୀଙ୍କ ଦିନିକିଆ ବାଲେଶ୍ୱର ଗସ୍ତ

# ରାଜସ୍ୱ, ଜମି ଅଧିଗ୍ରହଣ ଏବଂ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା




**ବାଲେଶ୍ୱର,୮।୪/ଏନ୍ଏନ୍ଏସ୍:** ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଏକ ଦିନିକିଆ ବାଲେଶ୍ୱର ଗସ୍ତରେ ପହଞ୍ଚିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ରାଜସ୍ୱ, ଜମି ଅଧିଗ୍ରହଣ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଥିଲେ।

ଏହି ସମୀକ୍ଷା ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦର ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବିଧାୟିକା ବସ୍ତା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଡ଼. ମଧୁସ୍ମିତା ସାମନ୍ତରାୟ, ଉପଜିଲ୍ଲାପାଳ ନୀଳଗିରି ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର୍ (ରାଜସ୍ୱ) ସୀତାଂଶୁ ଶେଖର ଦାସ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଡିଏସଆର ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ଚାଲିଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବା ଦିଗରେ ବୈଠକ ପ୍ରାରମ୍ଭରେ ଆଲୋଚନା ହୋଇଥିଲା। ତହସିଲ ଅଫିସରୁ ଯେପରି କୌଣସି ଲୋକ ସହାୟତା ବିନା ନଫେରୁ ସେ ବାବଦରେ ସମସ୍ତ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ମାନ୍ୟବର ମନ୍ତ୍ରୀ ଉପଦେଶ ଦେଇଥିଲେ। ଆଗମୀ ଦିନରେ ରାଜସ୍ୱ ବିଭାଗ କିପରି ଲୋକଙ୍କ ନିକଟତର ହେବ ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ। ତହସିଲଦାର ଏବଂ ରାଜସ୍ୱ କର୍ମଚାରୀ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନା ଗୁଡିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ ସେ କହିଥିଲେ। ଆଗାମୀ ଦିନରେ ରାଜସ୍ୱ ବିଭାଗ ମୋବାଇଲ ଦ୍ୱାରା ଲୋକଙ୍କ ପାଖରେ ପହଂଚିବାକୁ ଉଦ୍ୟମ କରୁଛି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ। ସମସ୍ତ ରାଜସ୍ୱ ଜମିର ରକ୍ଷା କରିବା ପାଇଁ ଅଧିକାରୀମାନେ ଚେଷ୍ଟିତ ହେବା ଆବଶ୍ୟକ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ। ଜାତି ପ୍ରମାଣପତ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧା ଗୁଡିକ ବିଷୟରେ ଆଲୋଚନା କରିଥିଲେ ମାନ୍ୟବର ମନ୍ତ୍ରୀ। ସେହିପରି ଅସାଧୁ ଆକାରରେ ଆଦିବାସୀ ଜମି ହଡ଼ପ କରୁଥିବା ଲୋକଙ୍କ ପ୍ରତି ସରକାର କଡା ପଦକ୍ଷେପ ନେବ ବୋଲି ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ ଯେଉଁ ମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବାକୁ ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମନ୍ତ୍ରୀ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ନିରୀକ୍ଷଣ କରିଥିଲେ। ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅଭିଯୋଗ ଓ ବିବାଦଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ସୂଚନା ଯୋଗ୍ୟ ଏହି ଗସ୍ତ ସମୟରେ ମନ୍ତ୍ରୀ ସଦର ବ୍ଲକସ୍ଥିତ ବର୍ଦ୍ଧନପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି।

### ଆଦିବାସୀ ଛାତ୍ରଙ୍କ ସଫଳତା

# ବାଂଶପାଳରୁ ସୁଦୂର ଜାପାନ ଯାତ୍ରା




**କେନ୍ଦୁଝର,୮।୪/ଏନ୍ଏନ୍ଏସ୍:** ଗର୍ବ ଏବଂ ଆନନ୍ଦର ବିଷୟ ଯେ ଶ୍ରୀ ଗୁରୁକୁଳ ସ୍କୁଲରେ ହୋଇଥିବା ଏକ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ସମ୍ବିତ ମୁଣ୍ଡା ଶ୍ରେଷ୍ଠ ବିଜେତା ହିସାବରେ ପୁରସ୍କାରସ୍ୱରୂପ ୭ ଦିନିଆ ଭ୍ରମଣ ନିମନ୍ତେ ଏପ୍ରିଲ ୧୯ ତାରିଖରେ ଜାପାନ ଯିବେ। ଏହି ଅନନ୍ୟ ଅବସରଟି ମେଟା ଲର୍ଣ୍ଣ ଇନସ୍ପାୟାର ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଆୟୋଜିତ ଇଣ୍ଡୋ - ଜାପାନ ଏକ୍ସଚେଞ୍ଜ ପ୍ରୋଗ୍ରାମ୍‌ର ଅଂଶ। ଯେଉଁଥିରେ ଛାତ୍ରଛାତ୍ରୀମାନେ ଜାପାନର ଶିକ୍ଷା, ସଂସ୍କୃତି ଏବଂ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଅଧିକ ଜାଣିପାରିବେ। ମେଟା ଲର୍ଣ୍ଣ ଇନସ୍ପାୟାର ପ୍ରାଇଭେଟ ଲିମିଟେଡ୍ ଏହି ଯାତ୍ରା ସଫଳ କରିବା ପାଇଁ ସମସ୍ତ ପ୍ରୟାସ କରିବ। ଏହି ଯାତ୍ରା ଏକ ଅମୂଲ୍ୟ ଅଭିଜ୍ଞତା ଏବଂ ଜ୍ଞାନ ଦେବା ସହିତ ଛାତ୍ର ଛାତ୍ରୀଙ୍କ ପ୍ରଶିକ୍ଷଣ ଏବଂ ଦୃଷ୍ଟିଭଙ୍ଗୀର ଉନ୍ନତି କରିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ସମ୍ବିତ ମୁଣ୍ଡା ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଏକ ନୂତନ ଦୃଷ୍ଟିକୋଣ ଓ ଅନ୍ତର୍ଜାତିକ ସ୍ତରରେ ନେତୃତ୍ୱ ଦକ୍ଷତା ଅର୍ଜନ କରିପାରିବେ। ଆମ ଜିଲ୍ଲାର ଗର୍ବ ଏହି ବିଦ୍ୟାଳୟ ଶ୍ରୀ ଗୁରୁକୁଳ ଯାହା ଘଟଗାଁ ବ୍ଲକର ଗଦାଧରପୁରଠାରେ ଅବସ୍ଥିତ ଏହାର ସ୍ଥାପନାଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର ସବୁଠାରୁ ଭଲ ପରୀକ୍ଷା ଫଳ କରିବାରୁ ଆରମ୍ଭ କରି ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଚେଷ୍ଟା କରିଥାଏ। ଏହି ସଫଳତା ପାଇଁ ଛାତ୍ର ସମ୍ବିତ ମୁଣ୍ଡା ସ୍କୁଲ ର ଚେୟାରମ୍ୟାନ ଡ. ସତ୍ୟବ୍ରତ ସାହୁ, ନିଜର ପିତା କୃଷ୍ଣ ମୁଣ୍ଡା, ମାତା ଲକ୍ଷ୍ମୀପ୍ରିୟା ମୁଣ୍ଡା (ସରପଞ୍ଚ କୁଡ଼ିପସା ପଞ୍ଚାୟତ) ଏବଂ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଓଇଆର୍‌ସିର ନୂଆ ଅଧ୍ୟକ୍ଷ ଭାବେ ଶପଥ ନେଲେ ପ୍ରଦୀପ ଜେନା

**ଭୁବନେଶ୍ୱର,୮।୪/,ଏନ୍ଏନ୍ଏସ୍:** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ନୂଆ ଅଧ୍ୟକ୍ଷ ଭାବେ ଶପଥ ନେଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ଶପଥ ପାଠ ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପତି। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଯେ, ଗତ ମାର୍ଚ୍ଚ ୨୮ରେ ଶ୍ରୀ ଜେନାଙ୍କ ଉଦ୍ଦେଶ୍ୟରେ ଇଲେକ୍ଟ୍ରିସିଟି ଆକ୍ଟ-୨୦୦୩ ଅନୁଯାୟୀ ଓଇଆର୍‌ସିର ଅଧ୍ୟକ୍ଷ ଭାବେ ଓଡ଼ିଶା ସରକାର ନିଯୁକ୍ତି ସଂପର୍କିତ ବିଜ୍ଞପ୍ତି ଜାରି କରିଥିଲେ।

### ବଙ୍ଗୋପସାଗରରେ ଲଘୁଚାପ

# ଆସନ୍ତା ୩ ଦିନ ଘଡ଼ଘଡ଼ି ବର୍ଷା, ୟେଲୋ ୱାର୍ଣ୍ଣିଂ ଜାରି



**ଭୁବନେଶ୍ୱର,୮।୪/ଏନ୍ଏନ୍ଏସ୍:** ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହେଲା ଲଘୁଚାପ। ଗତକାଲିର ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ଆଜି ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାର ପ୍ରଭାବରେ ୩ ଦିନ ଧରି ଘଡଘଡି ସହ ବର୍ଷା ହେବ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଲଘୁଚାପ କ୍ଷେତ୍ରଟି ଆଗାମୀ ୨୪ ଘଣ୍ଟା ଯାଏଁ ନିଜର ତୀବ୍ରତା ବଜାୟ ରଖିବା ସହ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି, ପରବର୍ତ୍ତୀ ୨୪ ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର ଉତ୍ତରପୂର୍ବ ଦିଗରେ ଗତିକରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଆସନ୍ତା ୩ ଦିନ ଯାଏଁ ବର୍ଷା ଘଡଘଡି ବିଜୁଳି ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ ଅପଡେଟ ଦେଇ ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, 'ବାଦଲ ମୟ ଆକାଶ ପାଇଁ ଖରାର ପ୍ରକୋପ ଟିକେ କମ୍ ରହିଛି। ଆଜି ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ କେନ୍ଦୁଝର ଜିଲ୍ଲାର ବିଚ୍ଛିନ୍ନ ଅଞ୍ଚଳରେ ଘଡଘଡି ବିଜୁଳି ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼ ଅନୁଗୋଳ ରାୟଗଡ଼ା ଢେଙ୍କାନାଳ କୋରାପୁଟ ଜିଲ୍ଲା ମାନଙ୍କରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।' ୯ ତାରିଖରେ ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ,କେନ୍ଦୁଝର, ସୁନ୍ଦରଗଡ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବାଲେଶ୍ୱର, ଯାଜପୁର, କଟକରେ ୩୦ ରୁ ୪୦ କିମି ବେଗରେ ପବନ ବହିବା ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି । ୧୦ ତାରିଖ ପାଇଁ ଉପକୂଳ ଓଡ଼ିଶା ସହ ନୟାଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟମ ଧରଣର ବର୍ଷା ସହ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ତା ସହ ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାର ୩୦ ରୁ ୪୦ କିମି ବେଗରେ ପବନ ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ରହିଛି। ୧୧ ତାରିଖରେ ଦକ୍ଷିଣ ଓଡ଼ିଶା, ଉପକୂଳ ଓଡ଼ିଶା ସହ ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି ଜିଲ୍ଲା ମାନଙ୍କରେ ୪୦ ରୁ ୫୦ କିମି ବେଗରେ ପବନ ବହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଅନୁଗୋଳ, ଢେଙ୍କାନାଳ,ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ମାନଙ୍କରେ ୩୦ ରୁ ୪୦ କିମି ବେଗରେ ପବନ ବହିବା ସହ ବିଜୁଳି ଘଡଘଡି ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ୧୨ ଓ ୧୩ ତାରିଖରେ ରାଜ୍ୟର କିଛି କିଛି ଅଂଶରେ ଲଘୁଚାପ ପ୍ରଭାବ ଜନିତ ବର୍ଷା ଦେଖିବାକୁ ମିଳିବ। ୧୩ ତାରିଖ ପରେ ପୁଣି ତାପମାତ୍ରା ୨ ରୁ ୪ ଡିଗ୍ରୀ କ୍ରମଶଃ ବୃଦ୍ଧି ପାଇବ ଏବଂ ତାତି ଫେରିବ।

### ୱାକଫ୍ ବିଲ୍ ପ୍ରସଙ୍ଗ

# ଦେବାଶିଷଙ୍କୁ ସମର୍ଥନ କଲେ ଚନ୍ଦ୍ରସାରଥୀ



**କଟକ,୮।୪/ଏନ୍ଏନ୍ଏସ୍:** ୱାକ୍‌ଫ୍ ବୋର୍ଡ ବିଲ୍‌କୁ ସମର୍ଥନ ନେଇ ବିଜୁ ଜନତା ଦଳରେ ଆରୋପ ପ୍ରତ୍ୟାରୋପ ଥମୁନଥିଲା ବେଳେ ଏହି ପ୍ରସଙ୍ଗ ଏବେ କଟକ ଜିଲ୍ଲା ରାଜନୀତିକୁ ସରଗରମ କରିଛି। ଗତକାଲି ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ ସିଏମ୍‌ସି ମେୟର ସୁବାସ ସିଂହ ମଧ୍ୟରେ ତୁତୁ ମେଁ ମେଁ ହୋଇଥିଲା। ମାତ୍ର ଆଜି ଏଥିରେ ଘିଅ ଢାଳିଛନ୍ତି ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା। ସେ ଦେବାଶିଷଙ୍କୁ ଏକ ପ୍ରକାର ସମର୍ଥନ କରି ମେୟରଙ୍କୁ କାଠଗଡ଼ାରେ ଠିଆ କରାଇଛନ୍ତି।

ସେ କହିଛନ୍ତି ଯେ ଦେବାଶିଷ ବାବୁ ବିଜେଡିରେ ଆରମ୍ଭରୁ ରହି ଆସିଛନ୍ତି। ମାତ୍ର ସୁବାସ ଆମ ଦଳରେ କେତେ ଦିନର ନେତା ବୋଲି ସେ ପ୍ରଶ୍ନ କରିଛନ୍ତି। ଦେବାଶିଷଙ୍କୁ କହିବାକୁ ତାଙ୍କର କୌଣସି ନୈତିକ ଅଧିକାର ନାହିଁ। କେବଳ ଏତିକି ନୁହେଁ ସୁବାସଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିବା ସହ ସିଏମ୍‌ସି ଅନ୍ତର୍ଗତ କଟକସଦର ନିର୍ବାଚନ ମଣ୍ଡଳୀରେ ସୁବାସ କ'ଣ କରି ପକାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ସେ ଦୋହରାଇଛନ୍ତି ଯେ ଦେବାଶିଷଙ୍କ ଦୟାରେ ସେ ଦଳରେ ମିଶିଥିଲେ। ସେ ଯେଉଁଠି ଆଜି ପହଞ୍ଚିଛନ୍ତି ସେଥିରେ ଦେବାଶିଷଙ୍କ ହାତ ଅଛି ବୋଲି ଆମେ ସମସ୍ତେ ଜାଣିଛୁ। ସୁବାସଙ୍କ ଆଚରଣରୁ ଜଣାପଡୁଛି ଯେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଉପରେ ତାଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଜିଲ୍ଲାର ବରିଷ୍ଠ ବିଜେଡି ପ୍ରଭାତ ତ୍ରିପାଠୀ ୱାକଫ୍ ବୋର୍ଡ ବିଲ୍‌କୁ ବିଜେଡିର ସମର୍ଥନ ସଂକ୍ରାନ୍ତରେ ପ୍ରଥମେ ଗଣମାଧ୍ୟମରେ ମୁହଁ ଖୋଲି ଅସଲ କଥାକୁ ପଦାରେ ପକାଇଥିଲେ। ଏଥିସହିତ ସେ ଭି. କେ. ପାଣ୍ଡିୟାନଙ୍କୁ ଗୁରୁତ୍ୱ ହ୍ରାସ କଲା ଭଳି ବୟାନ ଦେଇଥିଲେ। ପରବର୍ତ୍ତୀ କାଳରେ ଦେବାଶିଷ ୱାକଫ୍ ବୋର୍ଡ ବିଲ୍ ସଂକ୍ରାନ୍ତରେ ନିଜର ମତ ଦେଇଥିଲେ। ଏହାପରେ ପ୍ରଭାତ, ଦେବାଶିଷ ଏବଂ ମୁନ୍ନା ଖାଁଙ୍କ ବିରୋଧରେ ସିଏମ୍‌ସି ମେୟର୍ ସୁବାସ ସିଂ ବୟାନ ଦେଇଥିଲେ। ସୁବାସଙ୍କୁ ମଧ୍ୟ କଡ଼ା ଜବାବ ଦେଇ ତାଙ୍କୁ ଫୁତକାରରେ ଉଡାଇ ଦେଇଥିଲେ ଦେବାଶିଷ। ଆଜି ଚନ୍ଦ୍ରସାରଥୀଙ୍କ ବୟାନ ଏହି କନ୍ଦଳକୁ ଆହୁରି ତେଜାଇ ଦେଇଛନ୍ତି ବୋଲି ସମୀକ୍ଷକମାନେ ବିଚାର କରୁଛନ୍ତି। ଆଗାମୀ ଦିନରେ କଟକ ବିଜେଡିରେ ଏହା ତୀବ୍ର ରୂପ ନେବାର ଆଶଙ୍କାକୁ ଏଡ଼ାଇଦେଇ ହେବନାହିଁ।

### ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଯାତ୍ରା ଶେଷ

# ରାଜରାଜେଶ୍ୱରୀ ବେଶରେ ଦର୍ଶନଦେଲେ ମାଆ

**ଅସ୍ତରଙ୍ଗ,୮।୪/ଏନ୍‌ଏନ୍‌ଏସ୍:** ଚୈତ୍ରମାସର ଚତୁର୍ଥ ବା ଶେଷ ମଙ୍ଗଳବାର ଆଜି ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ପାଳିତ ହୋଇଛି। ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା। ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଲା କରାଯାଇଥିଲା। ମାତୃଭକ୍ତମାନେ ଉତ୍ତର ଓ ସିଂହଦ୍ୱାର ଦେଇ ବ୍ୟାରିକେଡ୍ ମଧ୍ୟରେ ଧାଡ଼ିରେ ମନ୍ଦିର ଗର୍ଭଗୃହକୁ ଯାଇ ମା'ଙ୍କର ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ସୀମନ୍ତିନୀ ମହିଳାମାନେ ମନ୍ଦିର ବେଢାରେ ନିଜ ସ୍ୱାମୀ ଓ ପରିବାରର ମଙ୍ଗଳ କାମନା କରି ପନ୍ଥେଇ ପୂଜା କରିଥିଲେ। ଦିନ ପ୍ରାୟ ୧ଟା ବେଳକୁ ଝଙ୍କଡ଼ ପୀଠରୁ ଆସିଥିବା ରାଉଳ ସେବକମାନେ ଓ ସ୍ଥାନୀୟ ଅଞ୍ଚଳର ଭୋଇ ପାଟୁଆମାନେ ଏକ ଶୋଭାଯାତ୍ରା ରେ ପ୍ରାଚୀ ନଦୀର ଘଣ୍ଟ ତୋଳା ତୁଠକୁ ଯାଇ ପାଣି ତୋଳି, ଘଟ ସ୍ଥାପନା କରି ମନ୍ଦିର କୁ ଆସିଥିଲେ। ମା'ଙ୍କର ଆଜ୍ଞାମାଳ ପାଇବା ପର ପାଟୁଆମାନେ



ଘଣ୍ଟ, ଢୋଲ ଓ କାହାଳୀ ହରିବୋଲ, ହୁଳହୁଳି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ନୃତ୍ୟ କରିଥିଲେ। ମଧ୍ୟରାତ୍ରି ସମୟରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଜଣେ ଖମାରେଇ ସେବକ ନିଜକୁ ମହାକାଳୀ ବେଶରେ ସଜ୍ଜିତ କରି ଖଡ୍ଗଧାରଣ ପୂର୍ବକ ଘଣ୍ଟ, ଢୋଲ, ମହୁରୀ, ମଶାଲ ମଧ୍ୟରେ ମା'ଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିର ବେଢ଼ାରେ ଓ ସେବକ ସାହି ଦାଣ୍ଡରେ କାଳିକା ନୃତ୍ୟ ପ୍ରଦର୍ଶନ କରିଥିଲେ। ତା'ପରେ ରାତ୍ରି ଧୂପ, ଗୀତଗୋବିନ୍ଦ ପାଠ ଓ ବଡସିଂହାର ପରେ ଭ୍ରମଣୀ ନୀତି ଅନୁଷ୍ଠିତ ହୋଇଥିଲା। ମା'ଙ୍କର ବଡ଼ସିଂହାର ଧୂପ ସରିବା ପରେ ମନ୍ଦିର ପହୁଡ଼ ପଡିଥିଲା। ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ ଦେଖି ମାତୃ ଭକ୍ତ ମାନେ ବିମୋହିତ ହୋଇ ପଡ଼ିଥିଲେ। ଚତୁର୍ଥ ପାଳି ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆସନ୍ତା ୧୫ ତାରିଖରେ ମା'ଙ୍କ ପଞ୍ଚମ ପାଳି ତଥା ଝାମୁଯାତ୍ରା ଅନୁଷ୍ଠିତ ହୋଇ ୧ମାସ ବ୍ୟାପୀ ଚାଲିବ ବୋଲି ମଙ୍ଗଳା ମନ୍ଦିର ସେବାୟତ ନିଯୋଗ ଉପସଭାପତି କମଳଲୋଚନ ପ୍ରକାଶ କରିଛନ୍ତି।

### ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ତୃତୀୟ ସନ୍ଧ୍ୟା

# ହଜାର ହଜାର ଶ୍ରଦ୍ଧାଳୁଙ୍କ ଅହଲ୍ୟା ଉଦ୍ଧାରଣ ବେଶ ଦର୍ଶନ

**ଓଡଗାଁ,୮।୪/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣକଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପାଷାଣି ଅହଲ୍ୟାଙ୍କ ସାପ ମୁକ୍ତ ବେଶ ଦର୍ଶନ କରିଥିଲେ। ରାମାୟଣ କଥାବସ୍ତୁ ଆଧାରରେ ଗୌତମଙ୍କ ରୂପଧାରଣ କରିଥିବା ଛଦ୍ମବେଶୀ ଇନ୍ଦ୍ରଙ୍କ ସହିତ ଅହଲ୍ୟାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ସ୍ୱାମୀ ଗୌତମ ଋଷି ଧ୍ୟାନ ବଳରେ ଜାଣିପାରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗୌତମ ମୁନୀ ଅହଲ୍ୟାଙ୍କୁ ପାଷାଣି ହେବାକୁ ଅଭିଶାପ ଦେଇଥିଲେ। ଅଭିଶାପ ଫେରାଇ ନେବାକୁ ଅହଲ୍ୟାଙ୍କ ବାରମ୍ବାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ତ୍ରେତୟା ଯୁଗରେ ରାମାବତାରରେ ପ୍ରଭୁ ଶ୍ରୀରାମଙ୍କ ପାଦସ୍ପର୍ଷରେ ସାପମୁକ୍ତ ହେବ ବୋଲି ଗୌତମ ମୁନୀ ଅହଲ୍ୟାଙ୍କୁ ଆଶ୍ୱାସନା ଦେଇଥିଲେ। ତ୍ରେତୟା ଯୁଗରେ ମୁନିଋଷିଙ୍କ ଯଜ୍ଞରକ୍ଷା ଲାଗି ବିଶ୍ୱାମିତ୍ରଙ୍କ ସଙ୍ଗତରେ ଆସି ରାମ ଲକ୍ଷ୍ମଣ ତାଡକାକୁ ବଦ୍ଧ କରି ମିଥିଳା ରାଜ୍ୟକୁ ଯାଉଥିଲେ। ବିଶ୍ୱାମିତ୍ରଙ୍କ ଇଙ୍ଗିତରେ ରାମଚନ୍ଦ୍ର ସ୍ମିତହସି ରାସ୍ତା ପାର୍ଶ୍ୱରେ ପଡିଥିବା ଏକ ପରିତ୍ୟକ୍ତ ପଥର ଉପରେ ପାଦ ଥାପିଥିଲେ। ପଦସ୍ପର୍ଶ ମାତ୍ରେ ପଥର ମଧ୍ୟରୁ ଆବିର୍ଭୁତା ଦିବ୍ୟରୂପ ଧାରଣ କରିଥିବା ଅହଲ୍ୟା ସାପମୁକ୍ତ ଲାଗି ପ୍ରଭୁଙ୍କୁ କୃତଜ୍ଞତା ଜଣାଇ ନିଜ ପୁରକୁ ଗମନ କରିଥିଲେ। ସେ ଦେବତା ହେଉ ବା ଦାନବ ଅଥବା ମାନବକୁ ତା'ର କର୍ମଫଳ ତାକୁ ଭୋଗିବାକୁ ପଡ଼େ। ଆଜିର ସନ୍ଧ୍ୟା ବେଶ ଏହି ଗୁରୁତ୍ୱ ବହନ କରେ। ଶ୍ରୀଜିଉଙ୍କ ମନ୍ଦିର ସୁସଜ୍ଜିତ ଆଲୋକ ମାଳାରେ ଝଟକୁଥିବା ବେଳେ ପାପ ବିମୋଚନ



କରିବାକୁ ସୁବର୍ଣ୍ଣ କଳସ ଉପରେ ସତ୍ୟ, ଧର୍ମ, ଶାନ୍ତିର ବାର୍ତ୍ତା ବହନକରି ତାରକା ଖଚିତ ଆକାଶ ତଳେ ଫରଫର ହୋଇ ଉଡୁଥିବା ୩ ଗୋଟି ପତାକା ଆତ୍ମାର ପରମାତ୍ମା ସହ ମିଳନ ପାଇଁ ସଙ୍କେତ ପ୍ରଦାନ କରୁଥିଲା। କେବଳ ଜିଲ୍ଲା ନୁହେଁ, ରାଜ୍ୟ ବାହାରୁ ମଧ୍ୟ ଅନେକ ମାନସିକ ଧାରି ଏହି ନବଦିନ ଯାତ୍ରା ସମୟରେ ଆସି ଶ୍ରୀଜୀଉମାନଙ୍କ ସରଣାପର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମାନସିକ ପୂରଣ ହୋଇଥିବାର ନଜିର ରହିଛି। ବୁଧବାର ଶ୍ରୀଜିଉ ଗଙ୍ଗାପାର ବେଶରେ ଦର୍ଶନ ଦେବେବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଜାତୀୟ ସେବା ଯୋଜନାରେ ରକ୍ତଦାନ ଶିବିର



**ନୟାଗଡ଼,୮।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ନବଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଢିପି-ଦର୍ପନାରାୟଣପୁର, ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଦର୍ପନାରାୟଣପୁର ଗ୍ରାମପଞ୍ଚାୟତର ସରପଞ୍ଚ ସସ୍ମିତା ରାଉତ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଡା. ଅବିନାଶ ଶତପଥୀ, ଅଜୟ କୁମାର ପଟ୍ଟନାୟକ, ପବିତ୍ର ମୋହନ ସାହୁ, ରଞ୍ଜିତ ସାଥୁଆ, ବାବୁଲା ବେହେରା, ଅଭିମନ୍ୟୁ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ରହି ନିଜେ ରକ୍ତଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀମାନେ ଖୁବ୍ ଉତ୍ସାହର ସହ ରକ୍ତଦାନ କରିଥିଲେ। ସଂଗୃହୀତ ରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରକୁ ପ୍ରେରଣା କରାଯାଇଥିଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୦ମ ବାର୍ଷିକ ଉତ୍ସବ



**ନିମାପଡ଼ା,୮।୪/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଲୋକେଇଗୋରଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ପ୍ରଭାତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପ୍ରମୋଦ ଚନ୍ଦ୍ର ବେହେରା ଓ ସମ୍ମାନୀତ ଅତିଥି ଭାବେ ଶଙ୍କର ପ୍ରସାଦ ତ୍ରିପାଠୀ, ହେମନ୍ତ କୁମାର ପ୍ରଧାନ, ଯଶୋବନ୍ତ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାରଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ସହ ଶିକ୍ଷକ ନିତାଞ୍ଜଳୀ ପଣ୍ଡା ପାଠ ପରେ ସମସ୍ତ ବକ୍ତାମାନେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଙ୍କ ବିଷୟରେ ଆଲୋଚନା କରିବା ସହିତ ଗୁରୁ ଶିଷ୍ୟର ପରମ୍ପରା ବିଷୟରେ ବିସ୍ତୃତ ଆଲୋଚନା କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କିଭଳି ଜଣେ ଜଣେ ଭଲ ମଣିଷ ହୋଇପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଉଦାହରଣ ମାଧ୍ୟମରେ ବିବେକାନନ୍ଦ ହେଉଛନ୍ତି ଦୁଇଟି ଗୁଣର ଅଧିକାରୀ ଯାହାକି ବିବେକ ଓ ଆନନ୍ଦର ସମାହାର ହୋଇ ଆଜି ବିଶ୍ୱସ୍ତରରେ ପୂଜା ପାଉଛନ୍ତି ସେଭଳି ସଭିଏଁ ହେବା ଆବଶ୍ୟକ ରହିଛି ବୋଲି ମଧ୍ୟ କହିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଚେତନତା ମୂଳକ ନାଟକ 'ଯେମିତି କର୍ମ ସେମିତି ଫଳ' ବେଶ୍ ଆକର୍ଷଣ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପରମପ୍ରିୟା ବରିହା, ଶିକ୍ଷୟତ୍ରୀ ରିତାଞ୍ଜଳୀ ପଣ୍ଡା, ସସ୍ମିତା ସେଠୀ, କଣ୍ଢେଇ ପରିଡ଼ା, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଜମିଲା ୩୦୦ ବର୍ଷର ପୁରାତନ ଛଇତନା ମେଳଣ

# ୧୨ ନାଗା ଓ ୮ ମେଢ଼ ରୋଷଣିରେ ଜମିଲା ଗାଁ ଦାଣ୍ଡ

**କୋଣାର୍କ,୮।୪/ଏନ୍‌ଏନ୍‌ଏସ୍:** ସୋମବାର ପୁରୀ ଜିଲ୍ଲା ଗୋପବ୍ଲକ ଛଇତନା ଗ୍ରାମରେ ୩୦୦ ବର୍ଷର ବହୁ ପୁରାତନ ମେଳଣ ଭାବେ ପରିଚିତ ଛଇତନା ମେଳଣ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗୋପ ବ୍ଲକର ଏହି ପ୍ରସିଦ୍ଧ ମେଳଣ ଅବସରରେ ସୋମବାର ରାତିରେ ଅନୁଷ୍ଠିତ ହୋଇଛି ଜମାଣ ଉତ୍ସବ ନାଗା, ନିଆଁ ବନାଟି, ବୁଢାବୁଢ଼ୀ ବେଶ ପରି ବିଭିନ୍ନ ମେଢ଼ ରୋଷଣୀରେ ଗ୍ରାମ ଦେବତା ତଥା ଥାନପତି ବାବା ଗ୍ରାମେଶ୍ୱର, ଶ୍ରୀ ଦଧିବାମନ ଦେବ, ଗୋପିନାଥ ଦେବ ଓ ଭଗବତ ବାସୁଦେବବଙ୍କୁ ଜମାଣ ଉତ୍ସବରେ ନିଆଯାଇ ପଡ଼ିଆ ବିଜେ କରାଯାଇଥିଲା।

ପ୍ରଭୁଙ୍କୁ ଖୁଣ୍ଟ ଲାଗି କରାଯିବା ପରେ ପଡ଼ୋଶୀ ଗ୍ରାମର ଠାକୁରମାନେ ପଡ଼ିଆ ମଧ୍ୟରେ ବିଜେ କରିଥିଲେ। ଏହି ଜମାଣ ଉତ୍ସବ ପାଇଁ ଛଇତନା ଗାଁ ଦାଣ୍ଡ ସହ ମେଳଣ ପଡ଼ିଆରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମଧ୍ୟ ରାତିରେ ପ୍ରଥମେ ଗାଁର ୪ ସାହିରେ କାଳୀ ପୂଜା ନୀତି ସମ୍ପର୍ଣ୍ଣ ହେବାପରେ ନାଗା ଓ ମେଢ଼ ସହ ବିଭିନ୍ନ ସାଜସଜ୍ଜା ପ୍ରସ୍ତୁତ କରାଯାଇଥିଲା। ରାତି ସାଢ଼େ ୧୨ଟାରେ ୪ ସାହିର ରୋଷଣୀ ବାହାରିଥିଲା। ସମସ୍ତ ସାହିର ରୋଷଣୀରେ ମୋଟ ୧୨ଟି ନାଗା ଓ ୮ଟି ମେଢ଼ ସହ ଅନ୍ୟାନ୍ୟ ସାଜ ସଜ୍ଜା ସହ ଏକ ରୋଷଣୀ ରେ ଆସି ଗ୍ରାମେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ଏକତ୍ର ହୋଇଥିଲେ। ଏହାପରେମନ୍ଦିର ଦକ୍ଷିଣଦ୍ୱାର ଦେଇ ଠାକୁର ବାହାରିଥିଲେ। ପାଲିଙ୍କି ଓ ଦୋଳରେ ବିଜେ ହେବା ପରେ ନାଗା, ମେଢ଼ମାନେ ପ୍ରଭୁଙ୍କୁ ପରମ୍ପରା ଅନୁଯାଇ ସଲାମ୍ ଦେଇଥିଲେ। ପରେ ମହାବୀର ମନ୍ଦିର ଯାଇ ବୀର ହନୁମାନଙ୍କ ଆଶିଷ ନେବା ପରେ ସମସ୍ତ ରୋଷଣୀ ମେଳଣ ପଡ଼ିଆ ଅଭିମୁଖେ ବାହାରିଥିଲା। ଗାଁ



ଦାଣ୍ଡରେ ନାଗା ଦେଖାଇଥିଲା ମୁରାଟ। ବାଜାର ତାଳେ ତାଳେ ବୀରତ୍ୱ ଦେଖାଇଥିଲା ନାଗା। ଦୁର୍ଗା, କାଳୀ, ଗଣେଶ, ନୃସିଂହ ଓ ପର୍ଶୁରାମ ମେଢ଼ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। କଳା ଘୋଡ଼ା, ଚଇତି ଘୋଡ଼ା, ବୁଢାବୁଢ଼ୀ ନୃତ୍ୟ ସହ ବୀର ବାଦ୍ୟର ତାଳେ ତାଳେ ପାଇକ ଖେଳ, ନିଆଁ ଓ ବାଡ଼ି ବନାଟି ବୁଲାଇ ଗ୍ରାମବାସୀମାନେ ଜମାଣକୁ ଭରପୁର୍ ଉପଭୋଗ କରିଥିଲେ। ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ଜମାଣ ମଙ୍ଗଳବାର ସକାଳ ଶେଷ ହୋଇଥିଲା। ଗ୍ରାମ ମୁରବୀ ଓ ଅତିଥିଙ୍କ ସମ୍ମୁଖରେ ନାଗା ଏବଂ ମେଢ଼ ସେମାନଙ୍କ ନୃତ୍ୟ କୌଶଳ ପ୍ରଦର୍ଶନ କରିବା ପରେ ଜମାଣ ଉଦ୍‌ଯାପିତ ହୋଇଥିଲା। ଛଇତନା ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ସମେତ ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଓ ପୁରୀ ସଦର ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଙ୍କ ତତ୍ତ୍ୱାବଧାନ ୧ ପ୍ଲାଟୁନ ଫୋର୍ସଙ୍କୁ ନେଇ ରାମଚଣ୍ଡୀ ଥାନା ଓ ସଦର ଥାନା ପକ୍ଷରୁ କଡ଼ା ସୁରକ୍ଷା ବଳୟ ଭିତରେ ଏହି ମେଳଣ ଶାନ୍ତିଶୃଙ୍ଖଳା ସହିତ ଆଡ଼ମ୍ବରରେ ପାଳନ ହେଇଥିଲା। ଏହି ୩ ଦିନିକିଆ ମେଳଣ କାର୍ଯ୍ୟକ୍ରମକୁ ଛଇତନା ମେଳଣ କମିଟିର ସଭାପତି ରାମଚନ୍ଦ୍ର ରାଉତ, କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ଦାସ, ସମ୍ପାଦକ ପାର୍ବତୀ ଚରଣ ପଟ୍ଟନାୟକଙ୍କ ସମେତ ଶାନ୍ତି କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଝୁଲୁଛି ତାଲା



**ଓଡ଼ଗାଁ,୮।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ୩ମାସ ଧରି ଏଭଳି ଅଚଳାବସ୍ଥା ଲାଗିଥିଲେ ମଧ୍ୟ ଏଥିପ୍ରତି ସତେ ଯେମିତି କାହାରି ନଜର ନଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଓଡ଼ଗାଁ ସରକାରୀ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ହୋଇଛି। ଏଠାରେ ଶେ ?ାଚାଳୟର ସୁବିଧା ଥିବାବେଳେ ପାନୀୟଜଳ, ପାର୍କ ଓ ଶିଶୁ ଉଦ୍ୟାନ ରହିଛି। ପ୍ରତିଦିନ ସକାଳ ଓ ଅପରାହ୍ନ ସମୟରେ ଶିଶୁ ଉଦ୍ୟାନକୁ ଅନେକ ଶିଶୁ ନିଜ ବାପା, ମାଆଙ୍କ ସହିତ ଆସି ଖେଳିବୁଲି ଯିବାର ସୁଯୋଗ ପାଉଥିଲେ। ଏହା ସହିତ ଦୂର ଦୂରାନ୍ତରୁ ଏହି ରାସ୍ତାଦେଇ ଯିବା ଆସିବା କରୁଥିବା ଭିଆଇପି, ନେତା, ମନ୍ତ୍ରୀ ଓ ଅଫିସରମାନେ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପାଣି ପିଇ କିଛି ସମୟ ବିତାଇ ଫେରିଥାନ୍ତି। ଏହା ନିତିଦିନିଆ ଘଟଣା ହୋଇଥିଲେ ମଧ୍ୟ ଏହାକୁ ବନ୍ଦ କରି ଦିଆଯାଇଛି। ଏଠି ଜଣେ ନାଇଟ୍ ୱାଚରକୁ ନିଯୁକ୍ତି କରାଯାଇ ପଥପ୍ରାନ୍ତ ସୁବିଧା କେନ୍ଦ୍ରର ତଦାରଖ କରାଯାଉଥିଲା କିନ୍ତୁ ତାଙ୍କୁ କାର୍ଯ୍ୟରୁ କାଢି ଦିଆଯାଇଛି।ଏବେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସେତିକି ନୁହଁ ସେହି ପରିସରରେ ଲାଗିଥିବା ଫୁଲ ଓ ଅନ୍ୟାନ ଗଛ ସବୁ ନଷ୍ଟ ହେଲାଣି। ରାତି ହେଲେ ସେହି ସ୍ଥାନ ଅନ୍ଧକାରମୟ ହୋଇପଡୁଛି। ଦୀର୍ଘ ଦିନ ଧରି ଏହା ବନ୍ଦ ହୋଇ ପଡ଼ିବାରୁ କିଛି ବ୍ୟକ୍ତି ଏହାର ଆଖପାଖରେ ବୁଲାଚଲା କରୁଥିବା କିଛି ବ୍ୟକ୍ତି କହିଛନ୍ତି। ସେ କହିଛନ୍ତି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଘରେ ଅନେକ ମୁଲ୍ୟବାନ୍ ସାମଗ୍ରୀ ରହିଛି। ଏହି ଅଞ୍ଚଳ ଅନ୍ଧାର ଥିବାରୁ ଏହା ଉପରେ କିଛି ଲୋକଙ୍କ ନଜର ରହିଛି। ସେତିକି ନୁହଁ ପଥପ୍ରାନ୍ତ ସୁବିଧା କେନ୍ଦ୍ର କିଏ ବନ୍ଦ କରିଛି, କାହିଁକି ବନ୍ଦ ହୋଇଛି ତାହା ସମସ୍ତଙ୍କୁ ଅଛପା ରହିଛି। ଏହାକୁ ତୁରନ୍ତ ଖୋଲିବାକୁ ବିଭିନ୍ନ ମହଲରେ ଦାବି ଉଠିଛି। ପଥପ୍ରାନ୍ତ ସୁବିଧା କେନ୍ଦ୍ର ଦାୟିତ୍ୱରେ ଥିବା ଶରଣକୁଳ ପୂର୍ତ୍ତ ବିଭାଗ ଯନ୍ତ୍ରୀ କିଶୋର ଶତପଥୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍‌ଉଠାଇ ନଥିଲେ।

## ଅବ୍ୟବସ୍ଥା ଘେରରେ ଅଙ୍ଗନବାଡ଼ି କେନ୍ଦ୍ର

**ଖଣ୍ଡପଡ଼ା,୮।୪/ଏନ୍‌ଏନ୍‌ଏସ୍:** ପ୍ରଶାସନର ଅଣଦେଖା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଧୀନ ରଇତ ଢୋଲମରା ଅଙ୍ଗନବାଡ଼ି କେନ୍ଦ୍ରଟି ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ବିଦ୍ୟୁତ୍ କି ପାନୀୟଜଳ ସଂଯୋଗ କରାଯାଇ ନଥିବାରୁ ଏଠାରେ ପାଠ ପଢୁଥିବା ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ସିଲିଂ ଫ୍ୟାନ୍ ଲଗାଯାଇଛି। ମାତ୍ର ବିଦ୍ୟୁତ୍ ସଂଯୋଗ କରାଯାଇ ନଥିବାରୁ ପିଲାମାନେ ଅସହ୍ୟ ଗୁଳୁଗୁଳିରେ ବସି ପାଠ ପଢୁଛନ୍ତି। ସେହିପରି ପାନୀୟଜଳ ମୁନ୍ଦେ ପାଇଁ ପିଲାମାନେ ଉହଳ ବିକଳ



ହେଉଛନ୍ତି। କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ପାଇଁ ପାଣିର ଆବଶ୍ୟକତା ଥିଲେ ହେଁ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସ୍ଥାନୀୟ ଗ୍ରାମବାସୀ ନିରାଶ ହୋଇଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସମସ୍ୟା ସଂପର୍କରେ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ରଇତ ଢୋଲମରା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି ଖଣ୍ଡପଡ଼ା ବିଡିଓ, ସିଡିପିଓ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଭଗବତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**କଣ୍ଟାପଡ଼ା,୮।୪/ଏନ୍‌ଏନ୍‌ଏସ୍:** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରୁଜଙ୍ଗଠାରେ ଥିବା ଭଗବତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ ଭ୍ରମରବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଲଟପୁରସ୍ଥିତ ଏସଭି ନିରତାରର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟୟନରତ ଶିଶୁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ସୁଗୁଣାବଳୀର ଉଚିତ ପରିପ୍ରକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ସେମାନଙ୍କୁ ଉତ୍ତମ ଚରିତ୍ରବାନ ବ୍ୟକ୍ତିଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଭବାଶିଷ ଦାସ, କଣ୍ଟାପଡ଼ା ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତକୁମାର ପାତ୍ର, ଗୀତିକାର ସୁଧାକର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ପଞ୍ଚାୟତର ଅସହାୟ ବୃଦ୍ଧାଙ୍କୁ ରାସନ ସାମଗ୍ରୀ, ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏତଦ ସହିତ ଗଣମାଧ୍ୟମ ପ୍ରତିନିଧି ଓ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ତଥା ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀକୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାର୍ଥୀମାନଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିଥିଲେ।

## ମା' ମଙ୍ଗଳାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖଣ୍ଡପଡ଼ା,୮।୪/ଏନ୍‌ଏନ୍‌ଏସ୍:** ଚୈତ୍ରମାସ ମଙ୍ଗଳବାର ଶେଷ ତିଥିରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅବସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡା ସହରର ମଙ୍ଗଳା ସାହିସ୍ଥିତ ମା' ମଙ୍ଗଳା ମନ୍ଦିର, ସିଧାମୂଳା ଗ୍ରାମସ୍ଥିତ ମା' ମଙ୍ଗଳା ମନ୍ଦିରରେ ପ୍ରାତଃ ସମୟରୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏ ଅବସରରେ ମନ୍ଦିରଗୁଡିକରେ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇ ମା'ଙ୍କ ନିକଟରେ ପିଠା ଓ ଫଳ ଭୋଗ ଆକାରରେ ଲାଗି କରାଯାଇଥିଲା। ଧୂପ, ଦୀପ ନୈବେଦ୍ୟ ପରି ଷୋଡଷ ଉପଚାରରେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ମହିଳାମାନେ ବ୍ରତ ଧାରଣ କରିଥିଲେ।

## ପାରାଡାଇଜ୍ ଧମାକା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଝାକାସ୍ ଇଲେଭେନ୍ ଚାମ୍ପିଅନ୍



**ଟାଙ୍ଗୀ,୮।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କଣୀ ଖେଳ ପଡିଆରେ ପାରାଡାଇଜ୍ ଧମକା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ଆରମ୍ଭ ପୂର୍ବରୁ ନୂତନ ଖେଳପଡ଼ିଆକୁ ପାୱାର ପ୍ଲାଣ୍ଟର ଲୋକସମ୍ପର୍କ ଅଧିକାରୀ ବଳରାମ ଭୂୟାଁ ଉଦ୍ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ କୁସୁନପୁର ମେଘନାଦ ଝାକାସ୍ ଇଲେଭେନ୍ ଓ ଶଙ୍ଖମୁହଁ ମଧ୍ୟରେ ଖେଳାଯାଇଥିଲା। ମେଘନାଦ ଇଲେଭେନ୍‌ର କ୍ୟାପଟେନ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୬ ଓଭରରେ ଝାକାସ୍ ଇଲେଭେନ୍ ୬୬ରନ୍ କରିଥିବା ବେଳେ ଶଙ୍ଖମୁହଁ ନିର୍ଦ୍ଧାରିତ ଓଭର ଖେଳି ୫୦ ରନ୍ କରିବା ସହ ୧୬ ରନରେ ପରାଜିତ ହୋଇଥିଲା। ପରେ ମୁଖ୍ୟଅତିଥି ଭାବେ ଭଟିମୁଣ୍ଡା ଆରୋଗ୍ୟ କେନ୍ଦ୍ରର ଅଧିକାରୀ ଡ଼ ଅମିୟ ପ୍ରସାଦ ଦାସ ଯୋଗଦେଇ ଖେଳ ଦ୍ୱାରା ମାନସିକ ସ୍ଥିତି ସୁଦୃଢ଼ ରହିବା ସହ ଶରୀର ନିରୋଗ ରହିଥାଏ ବୋଲି କହିବା ସହ ଖେଳ ଦ୍ୱାରା ଭାଇଚାରା ସୃଷ୍ଟି କରାଯାଏ ବୋଲି ମତପ୍ରକାଶ କରିଥିଲେ। ପରେ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥ ରାଶି ପ୍ରଧାନ କରାଯାଇଥିଲା। ଖେଳକୁ ପାରାଡାଇଜ କ୍ଲବ୍‌ର ମ୍ୟାନେଜର ଅଭିଷେକ କର, ସଂଗ୍ରାମ ରାଉତ ରାଏ, ଘନଶ୍ୟାମ ଦଳେଇ, ସୁଶିଲ ରାଉତ, ତାପସ ପଣ୍ଡା, ଦୟାସାଗର ପଣ୍ଡା, ପ୍ରଦିପ ଦାସ, ରିଙ୍କୁ ମହାରଣା, ସମାଜସେବୀ ନିଖିଲ ରାଉତ ରାଏ, ସମାଜସେବୀ ରାକେଶ ସ୍ୱାଇଁ, ଚନ୍ଦନ ମଲ୍ଲିକ, ଅମିତ୍ ମଲ୍ଲିକ, କଟର ରୁଦ୍ର ସମେତ କ୍ଲବ୍‌ର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ।

### ଓଡ଼ଗାଁ ବ୍ଲକ୍ ଅଞ୍ଚଳରେ ପାନୀୟଜଳ ଯୋଗାଣର ବିକଳ ଚିତ୍ର

# ୮୦ପରିବାର ବ୍ୟବହାର କରୁଛନ୍ତି ଦୂଷିତ ପାଣି





**ଓଡ଼ଗାଁ,୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ହରିଡ଼ାବନ୍ଧ ପଞ୍ଚାୟତ କୋମଣ୍ଡା ଗ୍ରାମରେ ୬ଶହ ଲୋକଙ୍କ ପାଇଁ ପାଣି ଯୋଜନା ଫେଲ୍। ଗାଁରେ ୪ଟି ନଳକୂପ ଥିଲେ ମଧ୍ୟ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଲୋକମାନେ ସେହି ଖୋଲାକୂପ ଉପରେ ଭରଷା କରି ପିଇବାପାଣି ଭାବେ ବ୍ୟବହାର କରୁଛନ୍ତି। ଗାଁରେ ଦୁଇଟି ବୋରୱେଲ ଖୋଳିବାପରେ ପାଣି ନ ପଡ଼ିବାରୁ ବିଭାଗ ଆଉ ଗୋଟିଏ ବୋରୱେଲ ଖୋଳି ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ୧ଲକ୍ଷ ବିଶିଷ୍ଟ ଟାଙ୍କି ନିର୍ମାଣ କଲା। ସେତିକି ନୁହଁ ମୋଟର ଚାଲିବା ପାଇଁ ବିଦ୍ୟୁତ୍ ସଂଯୋଗ ହୋଇ ଟ୍ରାନ୍ସଫର୍ମର ବସିଲା କିନ୍ତୁ ସବୁକିଛି ବେକାର। ନା ମୋଟର ଚାଲିଲା ନା ଗାଁ ଲୋକଙ୍କୁ ପାଣି ମିଳିଲା। କେବଳ ଘର ଆଗରେ ପାଣି ଟ୍ୟାପ୍ ଓ ଷ୍ଟାଣ୍ଡ୍ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଗାଁରେ ପୋଖରୀ ନଥିବାରୁ ଲୋକମାନେ ନିତ୍ୟ ବ୍ୟବହାର କାର୍ଯ୍ୟ କରିବାକୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା କହିଛନ୍ତି। ଏପଟେ ମହାନଦୀ ପାଣି ଗାଁରେ ପହଞ୍ଚିବ ବୋଲି ଲୋକଙ୍କୁ ଭେଣ୍ଡିଆବୋଧ ଦିଆଯାଉଛି। ଏପର୍ଯ୍ୟନ୍ତ ଗାଁରେ ପାଇପ୍ ବିଛାଯାଇ ନଥିବା ବେଳେ ଗାଁ ରାସ୍ତାକୁ ଜେସିବି ଲଗାଇ ଖୋଳିତାଡ଼ି ନଷ୍ଟ କରି ଦିଆଯାଇଥିବା ଗାଁ ସଭାପତି ନାରାୟଣ ବିଶୋଇ, ବ୍ରଜବନ୍ଧୁ ସାହୁ, ଜୟକୃଷ୍ଣ ବେହେରା, ମଧୁ ବେହେରା, ଦାଶରଥି ବାଣ୍ଡ, ସନ୍ତୋଷ ବିଶୋଇ ଓ ଆରତ ପ୍ରଧାନ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଗାଁରେ ପାଣିସମସ୍ୟା ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି।ଆମେ ପାନୀୟ ଜଳଯୋଗାଣ ବିଭାଗକୁ ବାରମ୍ବାର ଅଭିଯୋଗ କରିଛୁ କିନ୍ତୁ କେହି ଗୁରୁତ୍ୱ ଦେଇନଥିବାରୁ ଆମେ ବାଧ୍ୟ ହୋଇ ଖୋଲାଖୁପ ଉପରେ ନିର୍ଭର କରୁଛୁ। ଏହି ଘଟଣାରେ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ଆମେ ଦୁଇ ଦୁଇଥର ବୋରିଂ କରୁଛୁ କିନ୍ତୁ ସଫଳ ହୋଇନାହିଁ। ଯଦି ନଳକୂପରୁ ଲୌହଗୁଣ୍ଡ ବାହାରୁଛି ଆମେ ତାହା ତଦାରଖ କରିବୁ ବୋଲି କହିଛନ୍ତି।

## ନୟାହାଟ ଫାଣ୍ଡିରେ ଖତ ଖାଉଛି ଜବତ ଗାଡ଼ି



**ନୟାହାଟ,୮।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ନୟାହାଟ ଫାଣ୍ଡିରେ ବର୍ଷ ବର୍ଷ ଧରି ବାଇକ ଓ କାର ଖରା ବର୍ଷା ଶୀତ କାକରରେ ପଡ଼ି ରହି ଖତ ହେଉଛି। ଦୁର୍ଘଟଣାଗ୍ରସ୍ତ ଚୋରି ଗାଡ଼ି କାଗଜ ପତ୍ର ନଥିବା କାରଣରୁ ପୁଲିସ ହାତରେ ଧରାପଡ଼ି ୩୦ରୁ ଅଧିକ ଗାଡ଼ି ନୟାହାଟ ଫାଣ୍ଡିରେ ପଡ଼ିରହି ଖତ ଖାଉଥିବା ଦେଖିବାକୁ ମିଳିଛି। ନିଲାମ ନହେବା ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ଜଣାଯାଇଛି। ଏ ଦିଗରେ ପୁରୀ ଏସ୍‌ପି ଦୃଷ୍ଟିଦେଇ ଗାଡ଼ିଗୁଡ଼ିକୁ ନିଲାମ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

## ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ




**ଅସ୍ତରଙ୍ଗ,୮।୪/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ପତିସାହି ଗ୍ରାମରେ ଅବସ୍ଥିତ ସଙ୍କଟମୋଚନ ମହାବୀରଙ୍କ ତୃତୀୟ ବାର୍ଷିକ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପ୍ରାଙ୍ଗଣରେ ଆବାହକ ସମ୍ପଦ ଦାଶଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହନୁମାନଙ୍କ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପାଠ, ସୂର୍ଯ୍ୟପୂଜା, କଳସସ୍ଥାପନା, ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ନାମଯଜ୍ଞ ବେଦପାଠ କରାଯିବ। ବୈଠକରେ ପ୍ରଶାନ୍ତ ନାୟକ, ପ୍ରଫୁଲ ମିଶ୍ର, କାବୁଲି ଭାଇନା, ବସନ୍ତ ପାତ୍ର, ଶିବ ସାହୁ, ଭବାନୀ ଶଙ୍କର, ଶୁକ, କାଶୀ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ।

## ବିଜୁ ଜନତାଦଳର ସାଙ୍ଗଠନିକ ବୈଠକ

**ଡେଲାଙ୍ଗ,୮।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡମୋଟରୀ, ସିଂହବ୍ରହ୍ମପୁର ଓ ଚାଇଁପୁର ପଞ୍ଚାୟତର ବିଜୁ ଜନତାଦଳର ସାଙ୍ଗଠନିକ ବୈଠକ ଓଗରନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ବିଜୁ ଜନତାଦଳର ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରାଯିବା ସମ୍ପର୍କରେ ଉପସ୍ଥିତ ମୁରବୀ ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ତଥା ପୁରୀ ଜିଲ୍ଲା ବିଜୁ ଜନତାଦଳ ନିର୍ବାଚନ ଅଧିକାରୀ ବୈରାଗୀ ଜେନା,ବ୍ଲକ ନିର୍ବାଚନ ଅଧିକାରୀ ରବିନାରାୟଣ ତାଡ,ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପୂର୍ବତନ ସରପଞ୍ଚ ଭାଗିରଥୀ ପ୍ରଧାନ, ରୋହିତ ପ୍ରଧାନ, ଚାଇଁପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି କଳ୍ପତରୁ ବରାଳ, ଗଡ଼ମୋଟରୀସରପଞ୍ଚ ମାର୍କଣ୍ଡ ମଙ୍ଗରାଜ, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ଲଲାଟ କେଶରୀ ସାମନ୍ତରାୟଙ୍କ ସମେତ ଏହି ୩ଟି ପଞ୍ଚାୟତର ବରିଷ୍ଠ କର୍ମୀମାନେ ଯୋଗଦେଇ ନିଜ ନିଜ ପଞ୍ଚାୟତରେ ଦଳୀୟ ସଂଗଠନ ମଜଭୁତ କରିବା ପାଇଁ ଆଭିମୁଖ୍ୟ ରଖିଥିଲେ।

## ଅଲେଖ ମହିମା ଆଶ୍ରମର ବାର୍ଷିକ ଉତ୍ସବ



**ଚାରିଛକ,୮।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ସାଇଲୋ ନଢ଼ଣା ଅଲେଖ ମହିମା ଗାଦୀ ଆଶ୍ରମରେ ୫୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଶ୍ରୀ ରାମନବମୀ ଦିନ ନଢଣା ସାଇଲୋସ୍ଥିତ ଅଲେଖ ମହିମା ଆଶ୍ରମରେ ବିଶ୍ୱର ମଙ୍ଗଳ ନିର୍ମିତ ମହିମା ବ୍ରହ୍ମ ଧୁନୀ, ଘୃତବତୀ ପ୍ରଜ୍ୱଳନ, ପ୍ରଭୁ ନାମଭଜନ, ମହିମାପ୍ରସାଦ ବାଲ୍ୟଲୀଳା ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହିମାଧର୍ମ ସମାଜର ପରସନ୍ୟାସୀ ଏବଂ ଅପର ସନ୍ୟାସୀ ବାବା ପୌରୋହିତ୍ୟରେ ଜଗତ ଭଗତ ବିପୁଳ ସଂଖ୍ୟାରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାବଧୁତ ପଦ୍ମଚରଣ ବାବା, ଗୋକୁଳା ନନ୍ଦ ବାବା, ଗୌତମ ବାବା ଓ ନକୁଳ ବାବା ପ୍ରମୁଖ ଯୋଗ ଦେଇଥିଲେ।

## ଲକ୍ଷାଧିକ ଟଙ୍କା ବ୍ୟୟ ସତ୍ତ୍ୱେ ସୁଧୁରୁନି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

**ଖଣ୍ଡପଡ଼ା,୮।୪/ଏନ୍ଏନ୍ଏସ୍:** ଖଣ୍ଡପଡା ସହରାଞ୍ଚଳରେ ଉଜ୍ଜ୍ୱଳ ଆଲୋକୀକଣ ବ୍ୟବସ୍ଥାରେ ସୁଧାର ଆସୁନଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୧୩ ଗୋଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଯେଉଁଠି ଦେଖିବ ସେଇଠି ଛତୁ ଫୁଟିଲା ପରି ବିଦ୍ୟୁତ ଖୁଣ୍ଟ ପୋତାଯାଇ ଏଲ୍ଇଡି ବଲ୍ବ ଲଗାଯାଇଛି। ମାତ୍ର ଏବେ ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟରେ ସଞ୍ଜ ନଇଁଲେ ଆଉ ବଲ୍ବ ଜଳୁନାହିଁ। ରାତି ସାରା ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତା ପୁରା ଅନ୍ଧାରରେ ରହୁଛି। ଖଣ୍ଡପଡ଼ା ଏନ୍ଏସି କର୍ତ୍ତୃପକ୍ଷ ଉପରୋକ୍ତ ସମସ୍ୟା ସଂପର୍କରେ ଅବଗତ ଥିଲେ ହେଁ ନିରବଦ୍ରଷ୍ଟା ସାଜିଥିବା ଜଣାଯାଇଛି। ସହରାଞ୍ଚଳର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିବା ପଛରେ କିଛି ଅସାଧୁ କର୍ମଚାରୀଙ୍କ ହାତ ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେଇଥିଲେ ହେଁ ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ନହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ସେହିପରି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିବା ପଛର କାରଣ ଜଳ ଜଳ ହୋଇ ଦିଶୁଛି। ବିଭିନ୍ନ କଂପାନୀ ଠାରୁ ନିମ୍ନମାନର ବିଦ୍ୟୁତ ସାମଗ୍ରୀ ଓ ଏଲଇଡି ବଲ୍ବ କ୍ରୟ କରାଯାଇ ବିଦ୍ୟୁତ ଖୁଣ୍ଟରେ ଲଗାଯାଉଥିବାରୁ ସ୍ୱଳ୍ପ ଦିନରେ ଏଲଇଡି ବଲ୍ବଗୁଡିକ ଅକାମି ହୋଇପଡୁଛି। ଏବେ ସହରର ଏକାଧିକ ବିଦ୍ୟୁତ ଖୁଣ୍ଟରେ ନାମକୁ ମାତ୍ର ଏଲଇଡି ଲାଇଟ୍ଗୁଡିକ ଲାଗିଛି। ମାତ୍ର ରାତିରେ ସେ ସବୁ ଲାଇଟ ଗୁଡିକ ଜଳୁନାହିଁ। ଫଳରେ ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତା ଅନ୍ଧାରରେ ରହୁଛି। ସହରାଞ୍ଚଳର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ଦୀର୍ଘ ୩୫ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲେ ହେଁ ଏହାର ସୁଫଳ ସହରବାସୀ ନପାଇବା ପରିତାପର ବିଷୟ। ଉଜ୍ଜ୍ୱଳ ଆଲୋକୀକରଣ ଯୋଜନା ଜରିଆରେ ହରିଲୁଟ ହୋଇଥିବା ଅନୁଦାନ ଅର୍ଥର ତଦନ୍ତ ନିମନ୍ତେ ଭିଜିଲାନ୍ସ ବିଭାଗ ଓ ରାଜ୍ୟ ସରକାରଙ୍କ ନଗର ଉନ୍ନୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ନୟାଗଡ ଜିଲ୍ଲାପାଳ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇ ଉଜ୍ଜ୍ୱଳ ଆଲୋକୀକରଣ ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି। ଏ ସଂପର୍କିତ ଦୁର୍ନୀତିର ତଦନ୍ତ ହେଲେ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସହରରେ ଚର୍ଚ୍ଚା ହେଉଛି।

## ସାମ୍ବାଦିକ ସଂଘ ତରଫରୁ ଜଳସେବା



**ଚାରିଛକ,୮।୪/ଏନ୍ଏନ୍ଏସ୍:** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମଙ୍ଗଳବାର ୪ର୍ଥ ପାଳି ପ୍ରସିଦ୍ଧ ଝାମୁଯାତ୍ରା। ବିଭିନ୍ନ ଅଞ୍ଚଳରୁ କାକଟପୁରକୁ ଚାରିଛକ ରାସ୍ତାଦେଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ଏହି ଅବସରରେ ଚାରିଛକ ମେଡିକାଲ ଛକସ୍ଥିତ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଚାରିଛକ ସାମ୍ବାଦିକ ସଂଘ ତରଫରୁ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ପାଇଁ ଜଳସେବା କେନ୍ଦ୍ର ଖୋଲାଯାଇଛି। ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ଯୋଗଦେଇ ଜଳସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଆଜି ପାନୀୟଜଳ ବଣ୍ଟନ କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର,କାହ୍ନୁ ଚରଣ ବେହେରା, କୃଷ୍ଣଚନ୍ଦ୍ର ରାଉତ, ଶିଶିର ନାୟକ,ଅଧିନ ପାତ୍ର,ସଭାପତି ପ୍ରଫୁଲ କୁମାର କର,କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ବସନ୍ତ କୁମାର ଦାସ, ସହ-ସଂପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ସୌମ୍ୟରଂଜନ ତ୍ରିପାଠୀ, ସାମ୍ବାଦିକ ସଂଜୟ ପତି, ନାରାୟଣ ବେହେରା,ବସନ୍ତ ନାୟକ, ମାନସ ଦାସ, ସନ୍ତୋଷ ଦାଶ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ବସନ୍ତ କୁମାର ମଲ୍ଲ, ଅଚ୍ୟୁତାନନ୍ଦ ମିଶ୍ର, ନିବେଦିତା ମିଶ୍ର, ରାଜେଶ କୁମାର ଲେଙ୍କା, ହିମାଂଶୁ ଭୂଷଣ ଦାଶ, ସୁଧିର ଜେନା,ଅରୁଣ କୁମାର ଦାସ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପଙ୍କଜ ସ୍ୱାଇଁ, ସୁକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତରହି ଜଳ ବଣ୍ଟନରେ ସହଯୋଗ କରିଥିଲେ। ପ୍ରଚଣ୍ଡ ଖରାରେ ଏହି ରାସ୍ତାଦେଇ ଯାଉଥିବା ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କ ତୃଷା ମେଣ୍ଟାଇବା ପାଇଁ ସାମ୍ବାଦିକ ସଂଘ ତରଫରୁ ଜଳସେବା କେନ୍ଦ୍ର ଖୋଲାଯାଇ ଜଳ ବଣ୍ଟନ କରାଯାଉଥିବାରୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି।

## ଯୁବ ସଂଗଠନ ପକ୍ଷରୁ ମହାବୀର ଜୟନ୍ତୀ



**ନୟାହାଟ,୮।୪/ଏନ୍ଏନ୍ଏସ୍:** ରବିବାର ଜୟ ଶ୍ରୀରାମ ଧ୍ୱନିରେ କମ୍ପିଉଠିଥିଲା ଯୋଗେଶ୍ୱରପୁର ଅଞ୍ଚଳ। ସମସ୍ତଙ୍କ ତୁଣ୍ଡରେ ଥିଲା ରାମ ନାମ ଓ ଭକ୍ତି ଭାବ। ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଏହି ଅବସରରେ ମହାବୀର ଯୁବ ସଙ୍ଗଠନ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରିଥିଲା। ଏହି ଶୋଭାଯାତ୍ରା ନୟାହାଟ, ଯୋଗେଶ୍ୱରପୁର, ପାଣିଛାତ୍ର ବଜାର ପରିକ୍ରମା କରି ଜୟ ହନୁମାନ ଓ ଜୟ ଶ୍ରୀରାମ ଧ୍ୱନୀରେ ବଜାର କମ୍ପି ଉଠିଥିଲା। କମିଟି ଅଧ୍ୟକ୍ଷ ଦିଲ୍ଲୀପ ଦାସ, ସଭାପତି ଦେବାଶିଷ ଜେନା, କୈଳାସ ଜେନା ଓ ଭକ୍ତ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବଜାର ପରିକ୍ରମା କରିସାରିବା ପରେ ଯୋଗେଶ୍ୱରପୁର ମହାଦେବ ମନ୍ଦିରରେ ଏକାଠି ହୋଇ ସେଠାରେ ରାମନବମୀ ଉତ୍ସବ ପାଳନ କରିଥିଲେ।

## ମହାବୀରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ମାହାଙ୍ଗା,୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଞ୍ଚାୟତସ୍ଥିତ ମଣିଯୋରୀ ହାଟ ପଡିଆଠାରେ ଶ୍ରୀ ଶ୍ରୀ ମହାବୀରଙ୍କ ପୀଠରେ ତିନି ଦିନ ବ୍ୟାପୀ ବିଶ୍ୱଶାନ୍ତ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋପୂଜା, ମଣ୍ଡପ ସଂସ୍କାର, ଅଗ୍ନିସ୍ଥାପନ, ଭଗବତ ଗୀତା ଆହୁତି, ମହାରୁଦ୍ରଙ୍କ ୧୦୮ ଆହୁତି, ସର୍ବ ଦେବାଦେବୀ ପୂଜା ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତ ତରଫରୁ ଜଳଛତ୍ର ଆରମ୍ଭ




**କଣ୍ଟିଲୋ,୮।୪/ଏନ୍ଏନ୍ଏସ୍:** ଚଳିତବର୍ଷର ପ୍ରଚଣ୍ଡ ଖରା ଓ ଭୀଷଣ ରୌଦ୍ରତାପ ସମୟରେ ତୃଷ୍ଣା ମେଣ୍ଟାଇବା ପାଇଁ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମ ପଞ୍ଚାୟତ ତରଫରୁ ଆଜି ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଯଥା ମେଡିକାଲ ଛକ, ବସ୍‌ଷ୍ଟାଣ୍ଡ, ପଞ୍ଚାୟତ କାର୍ଯ୍ୟାଳୟ ଓ ପାଟଣା ଛକମାନଙ୍କରେ ଛାତ୍ରଛାତ୍ରୀ, ବାଟୋଇ, ସାଧାରଣ ଜନତା ଓ ଆବାଳ ବୃଦ୍ଧ ବନିତାଙ୍କ ପାଇଁ ଜଳଛତ୍ର ଖୋଲାଯାଇଛି। ଏଥିପାଇଁ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟାମାନଙ୍କୁ ବାଟୋଇମାନଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିବା ସୂଚନା ମିଳିଛି।

## ଆଦର୍ଶ ବିଦ୍ୟାଳୟରେ 'ବେଟି ବଚାଓ, ବେଟି ପଢ଼ାଓ'

**ଡେଲାଙ୍ଗ,୮।୪/ଏନ୍ଏନ୍ଏସ୍:** ବେରବୋଇ ସନ୍ନିକଟ ଡେଲାଙ୍ଗ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା , ସହ ଶିକ୍ଷାଧିକାରୀ ସୁଷମା ଦାସ, ସିଆରସିସି କୃତିବାସ ପରିଡା, ସୁଦୀପ୍ତ କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଝିଅମାନଙ୍କର ସମାଜରେ ଗୁରୁତ୍ୱକୁ ଉପଲବ୍ଧି କରିବା ସହିତ ମହିଳା ଶକ୍ତିକୁ ସମର୍ଥନ ଦେବା ଏବଂ ନାରୀ ଶିକ୍ଷାର ସାମୁହିକ ମୂଲ୍ୟବୋଧ ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ର ଗୁରତ୍ୱ ଉପରେ ଆଲୋଚନା ହେବା ସହିତ ଭ୍ରୁଣ ହତ୍ୟା ରୋକିବା ଏବଂ କିପରି ନାରୀ ଶିକ୍ଷାକୁ ସୁଦୂର ପ୍ରସାରୀ କରାଯାଇ ପାରିବ ତାହା ଉପରେ ଛାତ୍ରୀମାନଙ୍କୁ ବକ୍ତାମାନେ ବୁଝାଇଥିଲେ।କାର୍ଯ୍ୟକ୍ରମରେ କେତେକ ଛାତ୍ରୀମାନଙ୍କ ମା'ମାନେ ଯୋଗଦେଇ ଝିଅମାନଙ୍କ କୃତିତ୍ୱ ନେଇ ଗର୍ବ ଅନୁଭବ କରିଥିବା ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବେରବୋଇ ଗ୍ରାମ୍ୟ ପରିକ୍ରମା କରିବା ସହିତ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଇତିପ୍ରଭା ପାଇକରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅମିତା ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ନିତି ଭାରତୀ** | ପ୍ରତ୍ୟେକ ନବଜାତ ଶିଶୁ ଏଇ ବାର୍ତ୍ତାଟିଏ ସାଙ୍ଗରେ ନେଇ ଆସିଥାଏ ଯେ ଈଶ୍ୱର ଏ ପର୍ଯ୍ୟନ୍ତ ମନୁଷ୍ୟ ଉପରେ ନିରାଶ ବ୍ୟକ୍ତ କରି ନାହାନ୍ତି। - ରବୀନ୍ଦ୍ରନାଥ ଠାକୁର

NITIDIN
ନିତିଦିନ
ବୁଧବାର, ୯ ଏପ୍ରିଲ୍, ୨୦୨୫

# ଘିବ୍ଲି-ଫାଏଡ୍

ସାମାଜିକ ଗଣମାଧ୍ୟମ ଆଡ଼କୁ ଯଦି ନଜର ଦେବା, ତେବେ ଆଜିକାଲି ସମସ୍ତେ ଘିବ୍ଲିଦ୍ୱାରା ପ୍ରଭାବିତ ବା ଆକ୍ରାନ୍ତ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ସମସ୍ତେ ଯେପରି 'ଘିବ୍ଲି-ଫାଏଡ୍!' ମନଲୋଭା ଦୃଶ୍ୟଠାରୁ ଆରମ୍ଭ କରି ଭାବପ୍ରବଣ ବର୍ଣ୍ଣନା ପର୍ଯ୍ୟନ୍ତ 'ଷ୍ଟୁଡିଓ ଘିବ୍ଲି' ସମସ୍ତଙ୍କ ହୃଦୟକୁ କବଳିତ କରି ଚାଲିଛି। ଧୀରେ ଧୀରେ ଯେମିତି ଅନୁଭବ ହେଉଛି, ବୈଷୟିକ ପ୍ରଗତି ସହିତ ପରମ୍ପରାକୁ ସନ୍ତୁଳିତ କରିବାରେ ଘିବ୍ଲି ଏକ ଆହ୍ୱାନ କି? ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ସମସ୍ତ କ୍ଷେତ୍ରରେ ଏକ ପରିବର୍ତ୍ତନକାରୀ ଶକ୍ତିରେ ବିକଶିତ



ଅନ୍ତର୍ଜିତା ନାୟକ

ହୋଇ ଚାଲିଛି, ଯେଉଁଥିରେ ଆନିମେସନ୍ ଏବଂ ଚଳଚ୍ଚିତ୍ର ନିର୍ମାଣ କୌଣସି ବ୍ୟତିକ୍ରମ ନୁହେଁ। ସବୁଠାରୁ ଉଲ୍ଲେଖନୀୟ ଉଦାହରଣ ମଧ୍ୟରୁ ଗୋଟିଏ ହେଉଛି 'ଷ୍ଟୁଡିଓ ଘିବ୍ଲି'। ପ୍ରସିଦ୍ଧ ଜାପାନୀ ଆନିମେସନ୍ ଷ୍ଟୁଡିଓ, ଯାହା ଦୀର୍ଘ ଦିନ ଧରି ଗଭୀର କଳାତ୍ମକ କାହାଣୀ ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି, ତାହା ଅତି ନିକଟରେ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗରେ ଆନିମେସନ୍ ଏବଂ ଡିଜିଟାଲ କଳାକୁ ଅଧିକରୁ ଅଧିକ ପ୍ରୟୋଗ କରି ଘିବ୍ଲିକୁ ସୃଷ୍ଟି କରିଛି, ଯାହା ସୃଜନଶୀଳତାର ପାରମ୍ପରିକ ରୂପ ପାଇଁ ଉଭୟ ସୁଯୋଗ ଏବଂ ଆହ୍ୱାନ। ଭାରତ ସନ୍ଦର୍ଭରେ, ଘିବ୍ଲିର ବହୁଳ ବ୍ୟବହାର ଆମର ସମୃଦ୍ଧ କଳାତ୍ମକ ପରମ୍ପରା, ସାମାଜିକ-ଅର୍ଥନୈତିକ ଢାଞ୍ଚା, ସୃଜନଶୀଳତା ଏବଂ କାହାଣୀ କହିବାରେ କଳ୍ପନା ଶକ୍ତି ଉପରେ ଗଭୀର ପ୍ରଭାବ ପକାଇ ପାରେ।

କୃତ୍ରିମ ବୁଦ୍ଧିମତ୍ତାର ଦକ୍ଷତା ସ୍ୱୀକାର୍ଯ୍ୟ, କିନ୍ତୁ ତାହା ସହିତ ଏହା ପ୍ରାମାଣିକତା ଏବଂ କଳାରେ ମାନବ ସ୍ପର୍ଶ ଭୂମିକା ବିଷୟରେ ଅନେକ ମୌଳିକ ପ୍ରଶ୍ନ ମଧ୍ୟ ଉଠାଇ ଥାଏ। ଉତ୍ପାଦନକୁ ସୁବ୍ୟବସ୍ଥିତ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଆନିମେଟେଡ ବିଷୟବସ୍ତୁର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଆନିମେସନ୍ ଉପକରଣ ଗ୍ରହଣ କରାଯାଉଛି ସତ, ହେଲେ କୃତ୍ରିମ ବୁଦ୍ଧିମତ୍ତା ଏକ ଦୁଇ-ଧାରବିଶିଷ୍ଟ ଖଣ୍ଡା, ଯାହା ଉତ୍ପାଦନଶୀଳତାକୁ ବୃଦ୍ଧି କରିବା ସହିତ ପାରମ୍ପରିକ କାରିଗରୀ ପ୍ରତି ବିପଦ ସୃଷ୍ଟି କରିଥାଏ। ଆମ ଭାରତୀୟଙ୍କ ମଧ୍ୟରେ ଘିବ୍ଲିର ବ୍ୟବହାରକୁ ବିଶ୍ଳେଷଣ କଲେ ଏହା ଲାଗେ, ସତେ ଯେମିତି ବିନା କୌଣସି ଆପ୍ଲିକେସନର ବ୍ୟବହାରିକ ସାମଞ୍ଜସ୍ୟ ଜାଣି ତାହାକୁ ବ୍ୟବହାର କରୁଛନ୍ତି! 'ସିଏ କରୁଛି, ତ ମୁଁ ମଧ୍ୟ କାହିଁକି ନ କରିବି!', ଭଳି ଭାବନାରେ ଅନୁପ୍ରାଣିତ ଅଧିକାଂଶ ଭାରତୀୟ। ଯଦିଓ କଳାର ଗଣତାନ୍ତ୍ରିକୀକରଣ ଘିବ୍ଲି ଭଳି ସୃଜନଶୀଳ ଉପକରଣର ବ୍ୟାପକ ପ୍ରବେଶକୁ ଅନୁମତି ଦିଏ, ତେବେ ତାହା ଆଞ୍ଚଳିକ କଳାତ୍ମକ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ହ୍ରାସ କରିବା ଭଳି ବିପଦକୁ ସୃଷ୍ଟି କରିବ ନାହିଁ ତ? ସୃଜନଶୀଳ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଅନୁପ୍ରବେଶ ଅର୍ଥନୈତିକ ଏବଂ ସାମାଜିକ ଅସମାନତାର ଏକ ସଙ୍କେତ। ଅନେକ ଭାରତୀୟ କଳାକାର ଏବଂ ଚିତ୍ରକର, ଯେଉଁମାନେ ପାରମ୍ପରିକ ପଦ୍ଧତି ଉପରେ ନିର୍ଭରଶୀଳ, ସେମାନେ ବର୍ତ୍ତମାନ ଅନିଶ୍ଚିତତାର ସମ୍ମୁଖରେ। ଏହି ପରିବର୍ତ୍ତନ ଏକ ବୃହତ୍ ସାମାଜିକ ଆହ୍ୱାନକୁ ପ୍ରତିଫଳିତ କରେ, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା ଯଦି ଅନିୟନ୍ତ୍ରିତ ରହେ, ତେବେ ତାହା କୁଶଳୀ ଶ୍ରମିକଙ୍କୁ ମେସିନ ଚାଳିତ ପ୍ରକ୍ରିୟା ସହିତ ବଦଳାଇ ଏକ ଅର୍ଥନୈତିକ ଅସମାନତା ବୃଦ୍ଧି କରିପାରେ। ତାହା ସହିତ ଭାରତୀୟ କଳାର ରୂପ, ଯେପରି ମଧୁବନୀ ଏବଂ ପଟ୍ଟଚିତ୍ର ଚିତ୍ରକଳାଠାରୁ ଆରମ୍ଭ କରି ଜଟିଳ ରଙ୍ଗୋଲୀ ଡିଜାଇନ ପର୍ଯ୍ୟନ୍ତ ମାନବ ସୃଜନୀ ଏବଂ ସମୃଦ୍ଧ ସଂସ୍କୃତିର ଏକ ଜ୍ୱଳନ୍ତ ଉଦାହରଣ। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ନିର୍ମିତ କଳାରେ ପାରମ୍ପରିକ ଭାରତୀୟ ସୃଜନଶୀଳତାକୁ ଇନ୍ଧନ ଯୋଗାଉ ଥିବା ଗଭୀର ଜୀବନ ଅଭିଜ୍ଞତା ଏବଂ ସାଂସ୍କୃତିକ ପ୍ରସଙ୍ଗର ଅଭାବ ରହୁଛି। ହେଲେ, 'ଗାଁ କନିଆ ସିଙ୍ଘାଣିନାକି' ଭଳି ଆମ କଳା, ଆମ ସଂସ୍କୃତି, ଆମ ଐତିହ୍ୟକୁ ଆମେ ଗାଁ କନିଆ ଭଳି ଦେଖୁଛନ୍ତି। ଆଜି ଆମେ ନିଜ ଫଟୋ, ନିଜ ପରିବାରର ସମସ୍ତଙ୍କ ଫଟୋ, ସବୁ ମୁହୂର୍ତ୍ତ ବା ସବୁ କ୍ଷଣର ଫଟୋ ସହିତ ଘିବ୍ଲି ବ୍ୟବହାର କରି ଆନନ୍ଦ ନେଉଛନ୍ତି। ହେଲେ କାଲି ଯଦି ସେଇ ଘିବ୍ଲି ବା ତା'ଠାରୁ ଉନ୍ନତ ଉପକରଣ ବ୍ୟବହାର କରି ଆମେ ଆମ ଭାରତୀୟ କଳା ଓ ସଂସ୍କୃତିକୁ 'ଘିବ୍ଲିଫାଏଡ୍' ବା 'ଘିବ୍ଲିକରଣ' କରିଦେବା, ତେବେ ଆମର ସ୍ୱତନ୍ତ୍ର ପରିଚୟ ଆଉ ଆମର ହୋଇ ରହିବ ତ? କୃତ୍ରିମ ବୁଦ୍ଧିମତ୍ତାର ବହୁଳ ଅନାବଶ୍ୟକ ବ୍ୟବହାର ଭାରତୀୟ ସାଂସ୍କୃତିକ ଅଭିବ୍ୟକ୍ତିର ପ୍ରାମାଣିକତାକୁ ଦୁର୍ବଳ କରିବନି ତ? ଏହିଭଳି ପ୍ରଶ୍ନ ଭାରତ ଭଳି ଦେଶରେ ବିଶେଷ ଭାବରେ ପ୍ରାସଙ୍ଗିକ, ଯେଉଁଠାରେ ପ୍ରତ୍ୟେକ କାହାଣୀ ଏକ ଐତିହ୍ୟ, ପ୍ରତ୍ୟେକ କଥା ଏକ ପରିଚୟ, ପ୍ରତ୍ୟେକ କଳା ଏକ ସମୃଦ୍ଧ ସ୍ମୃତି ଓ ଅତୀତର ଭାବ ଓ ଭାବନା। ଯଦିଓ କୃତ୍ରିମ ବୁଦ୍ଧିମତ୍ତାକୁ ଭାରତୀୟ କଳାର ବିଶାଳ ବିବିଧତା ଉପରେ ତାଲିମ ଦିଆଯାଇ ପାରିବ, ଏହା ପାରମ୍ପରିକ କାର୍ଯ୍ୟରେ ଜଡ଼ିତ ଆବେଗ, ଆଧ୍ୟାତ୍ମିକ ସଂଯୋଗ ଏବଂ ଐତିହାସିକ ବର୍ଣ୍ଣନାକୁ ନକଲ କରି ପାରିବ ନାହିଁ। କିନ୍ତୁ ଅନେକ କୃତ୍ରିମ ବୁଦ୍ଧିମତ୍ତା ମଡେଲ ବିନା ଅନୁମତିରେ ବିଦ୍ୟମାନ କଳାକୃତି ଉପରେ ବ୍ୟବହୃତ କରାଯାଉଛି, ଯାହା କଳାତ୍ମକ ଚୋରି ବା ପ୍ରାମାଣିକ କଳାର ଅପଭ୍ରଂଶ ଭଳି ଚିନ୍ତା ସୃଷ୍ଟି କରିପାରେ। ଏହା ସ୍ୱଦେଶୀ କଳା ଓ କଳାକାରମାନଙ୍କ ପାଇଁ ଏକ ଭୟଙ୍କର ବିପଦ।

ଘରେ ପଶି ଚୋର ଯେତେବେଳେ ଆମର ମୂଲ୍ୟବାନ ଜିନିଷ ଚୋରି କରିନିଏ, ଆମକୁ ଚୋରି ଓ ଚୋର ଉଭୟ ଦେଖା ଯାଆନ୍ତି ଓ ଘରୁ ଚୋରି ହୋଇଗଲା ବୋଲି ଆମେ କୁହନ୍ତି। ହେଲେ ଯଦି ଆମେ ଚୋରକୁ ଘରକୁ ଡାକି ନିଜର ମୂଲ୍ୟବାନ ଜିନିଷ ଚୋରି କରିବାକୁ ଅନୁମତି ଦେବା, ତେବେ ତାହାକୁ କ'ଣ ବୋଲି କହିବା? ସେଠି କ'ଣ ଆମେ ଚୋର ଉପରେ ଅଭିଯୋଗ ଆଣି ପାରିବା କି? ଚୋରି ହୋଇଥିବା ଜିନିଷ ଆଉ ପାଇ ପାରିବା କି? ଠିକ୍ ସେହିପରି କିଛି ହେଉଛି ଘିବ୍ଲିର ବହୁଳ ବ୍ୟବହାରର ପରିଣାମ। ନିଜ ଆନନ୍ଦ ଲାଗି ଗୋଟେ-ଯୋଡ଼େ ଫଟୋରେ ଘିବ୍ଲି ବ୍ୟବହାର କଲେ ଚଳିଯାଇ ପାରେ, ହେଲେ ନିଜର ବ୍ୟକ୍ତିଗତ, ଗୋପନୀୟ ଏବଂ ପାରିବାରିକ ବିଷୟ ବଖାଣୁ ଥିବା ଫଟୋକୁ ଘିବ୍ଲିରେ ପରିବର୍ତ୍ତନ କରିବା ଫଳରେ ଆମେ ଚୋରକୁ ନିଜ ଘରକୁ ନିମନ୍ତ୍ରଣ ଦେଉଛନ୍ତି, ଯାହା ବହୁତ ଲୋକ ବୁଝି ପାରିବେ ନାହିଁ। ଏଇ ଅବୁଝା ମନୋଭାବ ହେତୁ ସାଇବର କ୍ରାଇମ୍ ଅଧିକରୁ ଅଧିକ ବଢ଼ି ଚାଲିଛି। ଭାରତର ବିବିଧତା ହେତୁ ଭାରତ ତଥ୍ୟ ଖନନର ଏକ ପ୍ରକୃଷ୍ଟ ସ୍ଥାନ। ଜନସଂଖ୍ୟାବହୁଳ ରାଷ୍ଟ୍ର ଭାବରେ ଭାରତରୁ ବହୁ ପରିମାଣରେ ତଥ୍ୟ ନେବା ମଧ୍ୟ ସହଜ। କୃତ୍ରିମ ବୁଦ୍ଧିମତ୍ତାକୁ ଶିଖିବାକୁ ଓ ଉନ୍ନତରୁ ଉନ୍ନତ କରିବାକୁ ତଥ୍ୟ ଦରକାର। ଆଜିକାଲି ତଥ୍ୟ ମିଳିଗଲେ ସେଥିରୁ କ'ଣ ନାହିଁ କ'ଣ କରିହେବ, ଯାହା ଆମ ପରିକଳ୍ପନା ବାହାରେ। ସେଥିପାଇଁ କେଉଁ ତଥ୍ୟ କାହାକୁ, କ'ଣ ପାଇଁ ଦେବା, ସେଥିପ୍ରତି ଯତ୍ନବାନ ଓ ସଜାଗ ରହିବା ଉଚିତ। କୃତ୍ରିମ ବୁଦ୍ଧିମତ୍ତାକୁ ସଠିକ୍ ବାଟରେ ଲଗେଇବାର ଅଛି ଓ ଏହାର ତଦାରଖ ମଧ୍ୟ କରିବାର ଅଛି ଯେ କୃତ୍ରିମ ବୁଦ୍ଧିମତ୍ତା ଲାଗି ତଥ୍ୟର ସଠିକ୍ ବ୍ୟବହାର ହେଉଛି କି ନାହିଁ।

ଘିବ୍ଲି ବା ଘିବ୍ଲି ପରି ଯେ କୌଣସି କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ଲାଭ ଉଠାଇ ଆମେ କିପରି ଆମର ପରିଚୟ, ଆମର ସମୃଦ୍ଧ କଳା, ସଂସ୍କୃତି, ପାରମ୍ପରିକ ଲୋକକଥା, ପୌରାଣିକ କଥା ଏବଂ ଐତିହାସିକ ବିବରଣୀରେ ଏକ ନୂତନତା ଆଣି ପାରିବା, ତାହା ସର୍ବଦା ଲକ୍ଷ୍ୟ ରହିବା ଉଚିତ। କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଆନିମେସନ ବା ଚଳଚ୍ଚିତ୍ର କିପରି ସ୍ୱଦେଶୀ କାହାଣୀକୁ ସଂରକ୍ଷଣ କରିବ, ପ୍ରାଚୀନ ଲିପିଗୁଡ଼ିକୁ ଦୃଶ୍ୟମାନ ଓ ପୁନରୁଦ୍ଧାର କରିବ ଏବଂ ସାଂସ୍କୃତିକ ବର୍ଣ୍ଣନାକୁ ଆଧୁନିକ ଦର୍ଶକଙ୍କ ପାଇଁ ଅଧିକ ସୁଲଭ ଓ ବ୍ୟାପକ କରିବ, ସେଥିପାଇଁ ତତ୍ପରତା ଦେଖାଇବା ଆବଶ୍ୟକ। ଆମ ପିଲା ଯେମିତି, କାର୍ଟୁନ କହିଲେ ଡୋରେମନ, ସିନଚାନ୍, ପପାଟ୍ରୋଲ୍ ଇତ୍ୟାଦି ବିଦେଶୀ କାର୍ଟୁନ ବଦଳରେ ପଞ୍ଚତନ୍ତ୍ର, ଆଇମା' ଗପ, ଲୋକକଥା, ରାମାୟଣ ଭଳି ଆମର ସମୃଦ୍ଧ ଇତିହାସ ଓ ମାଟିର ବାସ୍ନା ଥିବା କଥାର ଓ କାହାଣୀର କାର୍ଟୁନ ଦେଖିବେ, ସେଥିପାଇଁ ଘିବ୍ଲି ଭଳି କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାରରେ ଆଣିବା କଥା। ମୋଗଲ ଓ ରାଜପୁତ ସ୍ଥାପତ୍ୟର ଭବ୍ୟତାଠାରୁ ଆରମ୍ଭ କରି ପଟ୍ଟଚିତ୍ର, ଭିତ୍ତିଚିତ୍ର ଓ ଆଦିବାସୀଙ୍କର ୱାର୍ଲି ଭଳି କଳା ପର୍ଯ୍ୟନ୍ତ ଭାରତର ବିଶାଳ ବିବିଧତାକୁ ପ୍ରଦର୍ଶନ କରିବା ପାଇଁ ଘିବ୍ଲି ବା ଅନ୍ୟ କୃତ୍ରିମ ବୁଦ୍ଧିମତ୍ତାର କିପରି ବ୍ୟାପକ ବ୍ୟବହାର କରାଯାଇ ପାରିବ, ସେଥି ପ୍ରତି ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ। ଏହାଦ୍ୱାରା କେବଳ ପାରମ୍ପରିକ ରୂପକୁ ପୁନର୍ଜୀବିତ କରିହେବ ନାହିଁ, ବରଂ ଏହା ମଧ୍ୟ ସୁନିଶ୍ଚିତ କରାଯାଇ ପାରିବ ଯେ ଯୁବ ପିଢ଼ି ଲିଭି ଲିଭି ଯାଉଥିବା ଆମ ଐତିହ୍ୟ ସହିତ ଏକ ସୁସମ୍ପର୍କ ଯୋଡ଼ି ପାରିବେ। ନିଜ ଫଟୋ ଦେଇ, ନିଜକୁ କାର୍ଟୁନ କରି, ନିଜର ବ୍ୟକ୍ତିଗତ ତଥ୍ୟ ଅନ୍ୟ ହାତକୁ ଟେକି ଦେବାରେ ବୁଦ୍ଧିମତ୍ତା ଜମା ନାହିଁ। ଉପଯୁକ୍ତ ଶିକ୍ଷା କ୍ଷେତ୍ରରେ ଏହାର ବ୍ୟବହାରକୁ ଲାଭଜନକ ଭାବରେ ବ୍ୟବହାର କରିବା ଜରୁରୀ। କୃତ୍ରିମ ବୁଦ୍ଧି ଉତ୍ପାଦିତ ଶିକ୍ଷାଗତ ଆନିମେସନ ଜଟିଳ ବିଷୟକୁ ଦୃଷ୍ଟି ଉଦ୍ଦୀପକ ବର୍ଣ୍ଣନାରେ ରୂପାନ୍ତରିତ କରି ପାରିବ, ଯାହା ଚମତ୍କାର ଭାବରେ ଗଭୀର ବାର୍ତ୍ତା ପ୍ରଦାନ କରି ପାରିବ। ଉଦାହରଣ ସ୍ୱରୂପ, ମହାଭାରତ ଏବଂ ରାମାୟଣ ଭଳି ଭାରତୀୟ ମହାକାବ୍ୟକୁ ଘିବ୍ଲି ଭଳି କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ ଦ୍ୱାରା ପୁନଃପରିକଳ୍ପନା କରାଯାଇ ପାରିବ, ଯାହାଦ୍ୱାରା ନୈତିକ ଶିକ୍ଷା ଏବଂ ଐତିହାସିକ ଜ୍ଞାନ ଯୁବ ଶିକ୍ଷାର୍ଥୀଙ୍କ ପାଇଁ ସୁଲଭ ହୋଇ ପାରିବ। ସେହିପରି କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସୃଷ୍ଟି ହୋଇଥିବା ଆନିମେସନ ଜଟିଳ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକୁ ଜୀବନ୍ତ କରି ପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ତମ ଭାବରେ ବିଷୟଗତ ଜ୍ଞାନ ଆହରଣ କରି ପାରିବେ। କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ କାହାଣୀ ପାଠ୍ୟକ୍ରମରେ ସାମିଲ କରି ଭାରତ ପ୍ରାରମ୍ଭିକ ବାଲ୍ୟକାଳ ଯତ୍ନ ଏବଂ ଶିକ୍ଷାରେ ନିପୁଣତା ହାସଲ କରି ପାରିବ। ସବୁବେଳେ ଅନୁକରଣ କରି କାହାରି ଭଳି ହେବାକୁ ଚେଷ୍ଟା କରିବାର ଦୌଡ଼ରେ ଆମେ ଭାରତୀୟ କେତେବେଳେ ସ୍ନାପଚାଟ୍, କେତେବେଳେ ଟିକ୍‌ଟକ୍ ତ କେତେବେଳେ ଫେସ୍ ଆପ୍ ଓ ଏବେ ଘିବ୍ଲିରେ ବାଇଆ। କେତେବେଳେ ଚୀନ୍ ଆମକୁ ନଚେଇଲାଣି ତ କେବେ ଜାପାନ୍. ଆମେ ଯେତେବେଳେ ଡିଜିଟାଲ ଭାରତ କଥା ଚର୍ଚ୍ଚା କରୁଛନ୍ତି, ସେତେବେଳେ କ'ଣ କେବଳ ଅନ୍ୟ ଦେଶମାନଙ୍କର ଉତ୍ପାଦ ବ୍ୟବହାରକୁ ଅନ୍ତର୍ଭୁକ୍ତ କରୁଛନ୍ତି ନା ନିଜେ ମଧ୍ୟ ଡିଜିଟାଲ୍ ଦୁନିଆରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବାର ଲକ୍ଷ୍ୟ ମଧ୍ୟ ରଖୁଛନ୍ତି? କାହିଁକି ଭାରତର ପ୍ରଯୁକ୍ତିବିଦ୍ୟା ବିଶାରଦମାନେ ନିଜର ଆବିଷ୍କାର ବଳରେ ଦୁନିଆକୁ ବାଇଆ କରିପାରୁ ନାହାନ୍ତି?

ଭାରତର ସୃଜନଶୀଳ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଯଦିଓ କୃତ୍ରିମ ବୁଦ୍ଧିମତ୍ତାକୁ କଳାତ୍ମକ ଅଭିବ୍ୟକ୍ତି ବୃଦ୍ଧିର ଏକ ଉପକରଣ ଭାବରେ ଗ୍ରହଣ କରାଯିବା ଉଚିତ, ହେଲେ ମାନବ ସୃଜନଶୀଳତାକୁ ବଦଳାଇବା ଉଚିତ ନୁହେଁ। କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ଏବଂ ନବସୃଜନ ପ୍ରଦାନ କରୁଥିବା ବେଳେ ଘିବ୍ଲି ମୌଳିକତା, ସୁରକ୍ଷା, ପ୍ରଯୁକ୍ତିବିଦ୍ୟାର ନୈତିକ ବ୍ୟବହାର ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ବିପଦର ସଙ୍କେତ ମଧ୍ୟ। ଯଦି ଆମେ ଲକ୍ଷ୍ୟ କରିବା, ତେବେ ଘିବ୍ଲି ଜାପାନୀ ପରମ୍ପରା, ସଂସ୍କୃତି ଏବଂ କାହାଣୀ ସହିତ ଗଭୀର ଭାବେ ଜଡ଼ିତ। ଆମେ ଆମ ଫଟୋ ଦେଲେ ମଧ୍ୟ ସେଥିରେ ଜାପାନୀ ଛବି, କଳ୍ପନା ଓ ଆକୃତି ଫୁଟିକି ବାହାରୁଛି। ପ୍ରତ୍ୟେକ ଚେହେରା ବା ପ୍ରତ୍ୟେକ ଫଟୋ ଏକ କାହାଣୀ। କାହାଣୀ ତା'ର ନିଜସ୍ୱତା ହରାଇଲେ, ସେଥିରେ କେବଳ ନିଜର କ୍ଷତି ହୁଏନାହିଁ, ବରଂ ତାହା ପ୍ରତ୍ୟେକ ଚେହେରା ବା ଫଟୋ ସହିତ ଜଡ଼ିତ ଭାବ, ଭାବନା, ସ୍ମୃତି, ସାଂସ୍କୃତିକ ଓ ସାମାଜିକ ଗୁରୁତ୍ୱର କ୍ଷୟକ୍ଷତି। ଏହି କ୍ଷୟକ୍ଷତିକୁ କେବଳ ନିଜର ନୈତିକ ଓ ବିଚାରାତ୍ମକ ଅଭ୍ୟାସ ଦ୍ୱାରା ଏଡ଼ାଇ ଦେଇ ହେବ। ନିଜର ବର୍ତ୍ତମାନ ଓ ଭବିଷ୍ୟତର ସୁରକ୍ଷା, ନିଜସ୍ୱ ଦାୟିତ୍ୱ, ଯାହା ହୃଦୟଙ୍ଗମ କରି ପାରିଲେ ଆମେ କୃତ୍ରିମ ବୁଦ୍ଧିମତ୍ତାର ମାଲିକ ହୋଇ ରହି ପାରିବା, ନଚେତ୍ କୃତ୍ରିମ ବୁଦ୍ଧିମତ୍ତାର ଦାସତ୍ୱ ଗ୍ରହଣ କରିବାକୁ ବାଧ୍ୟ ହୋଇଯିବା। ●

ମୋ: ୬୩୭୦୯୦୫୯୪୭




# ଦିଲ୍ଲୀ ଓ କଲମ୍ବୋ: ପୁନଶ୍ଚ ମିତ୍ରତା

ଗୋଟିଏ ଇତିହାସ; ଗୋଟିଏ ଭୂଗୋଳ ବାଣ୍ଟି ହୋଇ ରହିଛି ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ। ଦୁଇ ଦେଶର ସଂସ୍କୃତି ଓ ଅର୍ଥନୀତି ମଧ୍ୟ ପରସ୍ପର ସହିତ ଓତଃପ୍ରୋତ ଭାବରେ ସଂଯୁକ୍ତ। ମଝିରେ ଅଳ୍ପ କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲେ ସୁଦ୍ଧା ଏବେ ସେମାନେ ପୁଣିଥରେ ସୁସମ୍ପର୍କ ଉପଭୋଗ କରୁଛନ୍ତି। ୨୦୧୯ ପରେ ନିକଟରେ ଗତ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ଇତି ମଧ୍ୟରେ କଲମ୍ବୋରେ ପ୍ରତିଷ୍ଠିତ ନୂଆ ଜନତା ବିମୁକ୍ତି ପେରାମୁନା (ଜେଭିପି)-ନେତୃତ୍ୱାଧୀନ ନ୍ୟାସନାଲ ପିପଲ'ସ୍ ପାୱାର (ଏନ୍‌ପିପି) ସରକାର ନୂଆଦିଲ୍ଲୀ ସହିତ ସମ୍ପର୍କକୁ ଉନ୍ନତ କରିବା ନିମନ୍ତେ ଗମ୍ଭୀର ହୋଇଥିବାରୁ ଏହା ଶ୍ରୀଯୁକ୍ତ ମୋଦୀଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲା, ଯାହା ବିଦେଶୀ ନେତାମାନଙ୍କୁ ଏହି ଦେଶ ପ୍ରଦାନ କରୁଥିବା ସର୍ବୋଚ୍ଚ ବେସାମରିକ ସମ୍ମାନ ଶ୍ରୀଯୁକ୍ତ ମୋଦୀଙ୍କୁ ଅର୍ପଣ କରିବାରୁ ପ୍ରମାଣିତ। ଶ୍ରୀଲଙ୍କାର ରାଷ୍ଟ୍ରପତି ମଧ୍ୟ ଭାରତର ସୁରକ୍ଷାକୁ ବିପଦରେ ପକାଇବା ଭଳି ତାଙ୍କ ଦେଶ କୌଣସି କାମ ନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ କାଳରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ନିମନ୍ତେ ଦୁଇ ପକ୍ଷଙ୍କ ମଧ୍ୟରେ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ବିଶେଷକରି ପ୍ରତିରକ୍ଷା ଏବଂ ଶକ୍ତି ଉଦ୍ୟୋଗ କ୍ଷେତ୍ରରେ। ଫଳରେ ଏହି ଦ୍ୱୀପାଞ୍ଚଳ ରାଷ୍ଟ୍ର ସହିତ ପୁଣିଥରେ ଭାରତ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବଜାୟ ରଖି ବାହ୍ୟ ସୁରକ୍ଷା ଦୃଷ୍ଟିରୁ ଅନେକାଂଶରେ ନିଶ୍ଚିତ ରହିବା ଆଶା କରାଯାଉଛି। ଏକଥା ମଧ୍ୟ ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ ପୂର୍ବରୁ ସ୍ପଷ୍ଟ ହୋଇଥିଲା, ଯେହେତୁ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ଅନୁରା ଦିଶାନାୟକେ ତାଙ୍କର ପ୍ରଥମ ଗସ୍ତରେ ନୂଆଦିଲ୍ଲୀ ଆସିଥିଲେ। ଏବଂ ଶ୍ରୀଲଙ୍କାର ରାଷ୍ଟ୍ରପତି ବେଜିଂ ଗସ୍ତ କରିବା ପରେ ମୋଦୀଙ୍କ କଲମ୍ବୋ ପହଞ୍ଚ ହୁଏତ ଶ୍ରୀଲଙ୍କାକୁ ଦୁଇ ଶକ୍ତିଙ୍କ ସହିତ ଭାରସାମ୍ୟ ରକ୍ଷା କରି ଚାଲିବା ନିମନ୍ତେ ପାରମ୍ପରିକ ଆଭିମୁଖ୍ୟ ଆପଣାଇବାକୁ ପ୍ରୋତ୍ସାହିତ କରିଥାଇ ପାରେ।

ମୋଦୀଙ୍କ ଗସ୍ତ ଶ୍ରୀଲଙ୍କା ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ହୋଇଛି, ଯାହାକି ଏବେ ସୁଦ୍ଧା ଏହାର ୨୦୨୨ର ଅର୍ଥନୀତିକ ସଂକଟଜନିତ ଆଘାତ ସହିତ ଯୁଝୁଛି। ଆଞ୍ଚଳିକ ଭ୍ରାତୃଭାବର ଏକ ଦୃଢ଼ ବାର୍ତ୍ତା ଭାବରେ ଭାରତ ଶ୍ରୀଲଙ୍କାର ପୂର୍ବରେ ଅବସ୍ଥିତ ପ୍ରଦେଶଗୁଡ଼ିକରେ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏଲ୍‌କେଆର୍ ୨.୪ ବିଲିଅନ୍ ମୂଲ୍ୟର ନୂଆ ସହାୟତା ମଞ୍ଜୁର କରିବାକୁ ଘୋଷଣା କରିଛି। ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କାର ଆର୍ଥିକ ପୁନରୁଦ୍ଧାର ନିମନ୍ତେ ସହାୟତା ପ୍ରଦାନ ଜାରି ରଖିବା ପାଇଁ ମଧ୍ୟ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହିତ ଏକ ମିଳିତ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ୧୦୦ ମିଲିଅନ୍ ଡଲାର ମୂଲ୍ୟର ଋଣକୁ ଭାରତ ଅନୁଦାନରେ ପରିଣତ କରିଛି ଏବଂ ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ଋଣ-ପୁନର୍ଗଠନ ରାଜିନାମା ଶ୍ରୀଲଙ୍କାର ଲୋକମାନଙ୍କୁ ଆଶ୍ୱାସନା ଓ ତତ୍କାଳ ସହାୟତା ପ୍ରଦାନ କରିବ। ଏହି ଗସ୍ତର ଏକ ସର୍ବାଧିକ ଉଲ୍ଲେଖନୀୟ ପରିଣତି ହେଉଛି ଦୁଇ ଦେଶଙ୍କ ଭିତରେ ହୋଇଥିବା ବ୍ୟାପକ ପ୍ରତିରକ୍ଷା ସହଯୋଗ। ଏହି ଯୁଗାନ୍ତକାରୀ କାରବାର ବର୍ଦ୍ଧିତ ସାମରିକ ସହଯୋଗକୁ ପରିଲକ୍ଷିତ କରିବ, ଯେଉଁଥିରେ ଅନ୍ତର୍ଭୁକ୍ତ ହେବ ପରିବର୍ଦ୍ଧିତ ସାମରିକ ସହଯୋଗ, ସଂଗଠିତ ଜ୍ଞାନ ବିନିମୟ କାର୍ଯ୍ୟକ୍ରମ, ତ୍ରି-ସେବା ପ୍ରଶିକ୍ଷଣ, ଉଚ୍ଚସ୍ତରୀୟ ବାର୍ତ୍ତାଳାପ, ଏବଂ ପ୍ରତିରକ୍ଷା ଜ୍ଞାନକୌଶଳରେ ମିଳିତ ଗବେଷଣା। ଭାରତ ବର୍ତ୍ତମାନ ମଧ୍ୟ ବର୍ଷକୁ ହାରାହାରି ୭୫୦ ଶ୍ରୀଲଙ୍କା ସାମରିକ ବାହିନୀର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛି ଏବଂ ଉଭୟ ଦେଶ ଲଗାତର ଭାବରେ ନିୟମିତ ବ୍ୟବଧାନରେ ମିଳିତ ସମରାଭ୍ୟାସ କରି ଚାଲିଛନ୍ତି। ନୂଆ ରାଜିନାମା କେବଳ ଯାହା ଏହି ଦୀର୍ଘକାଳୀନ ସହଯୋଗକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିଛି। ଏହା ଭାରତ ମହାସାଗର ଅଞ୍ଚଳରେ ଏକ କୌଶଳପୂର୍ଣ୍ଣ ପୁନଃମିଶ୍ରଣର ଏକ ସଂକେତ ମଧ୍ୟ ପ୍ରଦାନ କରୁଛି। ୧୯୮୦ ଦଶକର ବିଳମ୍ବିତ ଭାଗରେ ଭାରତୀୟ ଶାନ୍ତି ରକ୍ଷା ବାହିନୀ (ଆଇପିକେଏଫ୍)ର ଶ୍ରୀଲଙ୍କାରେ କାର୍ଯ୍ୟାନୁଷ୍ଠାନ ଐତିହାସିକ ପରିପ୍ରେକ୍ଷୀରେ ଅବଲୋକନ କରାଗଲେ ଏହି ରାଜିନାମା ଆଗକୁ ଆଗେଇବା ନିମନ୍ତେ ଏକ ପାରସ୍ପରିକ ଆଗ୍ରହ ଏବଂ ସହଯୋଗ ଜରିଆରେ ଭରସା ସ୍ଥାପନକୁ ପ୍ରତିଫଳିତ କରେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଜିନାମା ସ୍ୱାକ୍ଷରର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟଟି ହେଉଛି ଭାରତ ଏବଂ ଶ୍ରୀଲଙ୍କାର ବିଦ୍ୟୁତ୍ ଗ୍ରୀଡ୍‌ଗୁଡ଼ିକର ସଂଯୋଗ କରିବା। ଏହା ଦୁଇ ଦେଶ ମଧ୍ୟ ଶକ୍ତି ବ୍ୟବସାୟକୁ ସକ୍ଷମ କରାଇବ। ଫଳରେ ଏହା ସମ୍ପୃକ୍ତ ଅଞ୍ଚଳରେ ଶକ୍ତି ସୁରକ୍ଷା ଏବଂ ଏକୀକରଣ କ୍ଷେତ୍ରରେ ଏକ ପଟ ପରିବର୍ତ୍ତନକାରୀ ସାବ୍ୟସ୍ତ ହେବ। ପୁନଶ୍ଚ, ଭାରତ, ଶ୍ରୀଲଙ୍କା ଏବଂ ସଂଯୁକ୍ତ ଆରବ ଏମିରେଟ୍ ମଧ୍ୟରେ ଏକ କୌଶଳପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଥିଲା, ଯାହା ତ୍ରିପାକ୍ଷିକ ସହଯୋଗକୁ ଦୃଢ଼ୀଭୂତ କରିବା ନିମନ୍ତେ ତ୍ରିଙ୍କୋମାଲିକୁ ଏକ ଆଞ୍ଚଳିକ ଶକ୍ତି କେନ୍ଦ୍ରରେ ପରିଣତ କରିବ। ଏହି ପଦକ୍ଷେପ ଭାରତର 'ମହାସାଗର' ଦୃଷ୍ଟିକୋଣ ସହିତ ମେଳ ଖାଇଥାଏ ଯାହା ଭାରତ ମହାସାଗରକୁ ଲାଗି ରହିଥିବା ସମସ୍ତ ଦେଶମାନଙ୍କ ମଧ୍ୟରେ ଶାନ୍ତି, ସୁରକ୍ଷା ଏବଂ ଭାଗିଦାରୀକୁ ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଦିଷ୍ଟ। ଏକଥା ଉଲ୍ଲେଖନୀୟ ଯେ ଦିଶାନାୟକେଙ୍କ ସପକ୍ଷରେ ଶ୍ରୀଲଙ୍କାରେ ରହୁଥିବା ତାମିଲମାନେ ପର୍ଯ୍ୟାପ୍ତ ସଂଖ୍ୟାରେ ଭୋଟ୍ ଦେଇଥିଲେ ଶାସନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ। ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଦେଶ ମନ୍ତ୍ରୀ ଜୟଶଙ୍କର ଯାହା ଏଯାବତ୍ ହାସଲ କରିବାରେ ସଫଳ ହୋଇ ନାହାନ୍ତି, ତାହା ହେଉଛି ଗଭୀର ସମୁଦ୍ରରେ ମାଛ ମାରିବା ପାଇଁ ତାମିଲନାଡୁର ମତ୍ସ୍ୟଜୀବୀମାନଙ୍କ ନିମନ୍ତେ ଏକ ଦ୍ୱିପାକ୍ଷିକ ବ୍ୟବସ୍ଥା ଯାହା ଚିରସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରିବ। ସେ ଯାହାହେଉ, ଆଗାମୀ ସମୟରେ ଭାରତ ସରକାର ଏଥି ପ୍ରତି ଅବଶ୍ୟ କିଛି ପଦକ୍ଷେପ ନେବାର ଆଶା କରାଯାଏ। ●

# ଧ୍ୱନି ରହସ୍ୟ

ବିଜ୍ଞାନ ଦ୍ୱାରା ଅସମ୍ଭବକୁ ସମ୍ଭବ କରାଯାଇ ପାରୁଛି। ଆଜିର ପିଲାଙ୍କ ଭରସା, ବିଶ୍ୱାସ ବିଜ୍ଞାନ ଉପରେ ଯେତିକି ବଢୁଛି, ଐଶ୍ୱରୀୟ ସତ୍ତା ଉପରେ ସେତିକି କମି କମି ଯାଉଛି। ବେଳେବେଳେ ମନରେ ସନ୍ଦେହ ଆସୁଛି, ମନ୍ଦିରରେ ପୂଜା କରା ଯାଉଥିବା ମୂର୍ତ୍ତି, ମସଜିଦ୍, ଚର୍ଚ୍ଚରେ ପ୍ରାର୍ଥନା କରା ଯାଉଥିବା ଶବ୍ଦର ସତରେ କ'ଣ ପ୍ରଭାବ ଅଛି? ମୂର୍ତ୍ତି କ'ଣ ଆମ ଡାକ ଶୁଣନ୍ତି? ସେ କ'ଣ ଆମ କଥା ବୁଝନ୍ତି? ଯଦି ଆମ କଥା ଶୁଣନ୍ତି ଆଉ ବୁଝନ୍ତି, ତେବେ ସେ କଥା କହୁ ନାହାନ୍ତି କାହିଁକି? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ ଆମ ମନରେ। ତେବେ ଏହାର ସରଳ ଓ ସଂକ୍ଷିପ୍ତ ଉତ୍ତରଟି ହେଲା- 'ମୂର୍ତ୍ତି କଥା କୁହନ୍ତି। ଆମେ ଶୁଣି ପାରୁନା।' ଏହାର ଏକ ଉଦାହରଣ ନିଆଯାଉ।

ଗୁରୁ ଶିଷ୍ୟକୁ ନେଇ ଏକ ଭସାଣି ଉତ୍ସବକୁ ଗଲେ। ଜାଣି ଜାଣି ଗୁରୁ ଶିଷ୍ୟକୁ ଗୋଟିଏ ଜାଗାରେ ବସାଇ ଦେଲେ- ଯୋଉଠି ବହୁତ ଗହଳି ଥିଲା ଆଉ ଜୋର୍‌ରେ ମାଇକ୍ ବାଜୁଥିଲା। ଗୁରୁ ଶିଷ୍ୟକୁ କହିଥିଲେ- 'ଆମେ ଗହଳି ଭିତରେ ପରସ୍ପରକୁ ନ ପାଇଲେ ଫୋନ୍‌ରେ ଯୋଗାଯୋଗ ରଖିବା। ପରସ୍ପର ଯୋଗାଯୋଗ ହେଇ ନପାରିଲେ କେହି କାହାକୁ ଅପେକ୍ଷା କରିବାନି। ଠିକଣା ଜାଗାକୁ ଫେରି ଆସିବା।' କିଛି ସମୟ ପରେ ଗହଳି ଭିତରେ ସେମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଗଲେ। କଥା ଅନୁସାରେ ପ୍ରଥମେ ଗୁରୁ ପହଞ୍ଚିଲେ, ଦୁଇ ଘଣ୍ଟା ପରେ ଶିଷ୍ୟ ପହଞ୍ଚିଲେ।

ଗୁରୁ ପଚାରିଲେ, ତମେ କାହିଁକି ଫୋନ ଉଠେଇଲନି? ଶିଷ୍ୟ କହିଲା- 'ମାଇକ୍ ଶବ୍ଦରେ ଶୁଣି ପାରିଲିନି। ପୁଣି ଥରେ ଆପଣଙ୍କୁ ଫୋନ୍ କଲାବେଳେ ଆପଣଙ୍କ କଥା ବି ଶୁଣି ପାରିଲିନି।' ଗୁରୁ କହିଲେ- 'ଆମେ କାନ ମାଧ୍ୟମରେ ଶୁଣୁ। କିନ୍ତୁ କାନ ପାଖରେ ଅନ୍ୟ ଶବ୍ଦ ଖୁବ୍ ଜୋର୍‌ରେ ଥିଲା। ମୁଁ ବି କହୁଥିଲି। ତୁମ କାନ ମାଇକ୍ ଶବ୍ଦକୁ ଗ୍ରହଣ କରୁଥିଲା। ମୋ ଶବ୍ଦକୁ ଗ୍ରହଣ କରିପାରୁ ନଥିଲା। ମୋ କଥା ଶୁଣିଥାନ୍ତ, ଯଦି ମାଇକ୍ ବନ୍ଦ ହୋଇଥାନ୍ତା। ଏମିତି ଅନୁଭବ ନିଶ୍ଚିତ ଥିବ। କେବେ ମଣିଷ ନିଦରେ ଶୋଇ ଯାଇଥାଏ। ତା' ପାଖରେ ଲୋକ କଥାବାର୍ତ୍ତା ହେଉଥିବେ। ହେଲେ ସେ ଶୁଣି ପାରେନା କାହିଁକି? କାନ ତ ଥାଏ। ସେ ବି ବଞ୍ଚିଥାଏ। ତେବେ ଶୁଣେନା। କାରଣ, ତା'ର ଚେତନା ନଥାଏ। କିନ୍ତୁ ସ୍ୱପ୍ନରେ ସେ କାହା ସହିତ କଥା ହୁଏ। ସେ କଥାକୁ ତା' ପାଖ ଲୋକ ଶୁଣି ପାରେନା। କିନ୍ତୁ ସ୍ୱପ୍ନ ଦେଖୁଥିବା ଲୋକ ଶୁଣିପାରେ। ତାକୁ ମନେରଖେ। ଏହା କେମିତି ସମ୍ଭବ ହୁଏ? ଅସଲ କଥାଟି ହେଲା, ଆମେ ଯୋଉ କାନରେ ଶୁଣୁ, ତା'ବ୍ୟତୀତ ଅନ୍ୟ କାନଟି ବି କ୍ରିୟାଶୀଳ ଥାଏ। ସ୍ୱପ୍ନରେ ଯୋଉ କାନଟି କ୍ରିୟାଶୀଳ ହୁଏ, ଜାଗ୍ରତରେ ବି ସେ କାନଟି କ୍ରିୟାଶୀଳ ହେବା ଉଚିତ୍। ସେଇ ଅବସ୍ଥାରେ ପହଞ୍ଚିଲେ ମଣିଷ ଅନେକ କଥା ଶୁଣିପାରେ। ଆମକୁ ସେ ଅବସ୍ଥାରେ ପହଞ୍ଚିବାକୁ କିଛି ସାଧନାର ଆଶ୍ରୟ ନେବାକୁ ହୁଏ। ଯେମିତି ସୁନ୍ଦର ଅକ୍ଷର ପାଇଁ ବାରମ୍ବାର ଲେଖିବାର ଅଭ୍ୟାସ କରିବାକୁ ହୁଏ, ଲୁଗା ସଫା ଦିଶିବାକୁ ବାରମ୍ବାର ସଫା କରିବାକୁ ହୁଏ, ସେମିତି ଆମ କାନ ବାହାର ଧ୍ୱନି ସହିତ ଖୁବ୍ ଅଭ୍ୟସ୍ତ। ଭିତରର ଧ୍ୱନିକୁ ଶୁଣିବାକୁ ଅକ୍ଷମ। ଯେବେ ଭିତରର ଧ୍ୱନିକୁ ଶୁଣିବା ଆରମ୍ଭ କରିବା ସେବେ ମୂର୍ତ୍ତିମାନଙ୍କ କଥା ଶୁଭିବ। ମୂର୍ତ୍ତି କଥା କହୁ ବା ନକହୁ, ଆମ ଭିତରେ କିଛି ଧ୍ୱନି ସୃଷ୍ଟି ହୁଏ। ସେ ଧ୍ୱନି ହିଁ ଆମ ସମ୍ମୁଖରେ ଥିବା ମୂର୍ତ୍ତିକୁ ଆଧାର କରି ଆସିଥାଏ। ତେବେ ବହିର୍ମୁଖୀ ହୋଇଥିବା ପର୍ଯ୍ୟନ୍ତ ମୂର୍ତ୍ତିମାନଙ୍କ ଭାଷା ଆମେ ଶୁଣି ପାରିବା ନାହିଁ। ●

# ନିଜ ଗାଁ ମଶାଣି, ପର ଗାଁ ନଈ

କଥାରେ ଅଛି 'ନିଜ ଗାଁ ମଶାଣି ଓ ପର ଗାଁ ନଈକୁ ସମସ୍ତଙ୍କର ଡର।' କାରଣ ପ୍ରତ୍ୟେକ ଲୋକ ନିଜ ଗାଁ ମଶାଣିରେ ପୋଡ଼ା ଯାଇଥିବା ବା ପୋତା ଯାଇଥିବା ବ୍ୟକ୍ତିବିଶେଷଙ୍କ ବିଷୟରେ ଅଳ୍ପେ ବହୁତେ ଜାଣି ଥାଆନ୍ତି। କିଏ ଅଧା ବୟସରେ, କିଏ ପିଲା ଜନ୍ମ କରୁ କରୁ, କିଏ ବ୍ରତଘର ପରେ ପରେ କିମ୍ବା ସନ୍ତାନ



ସୀତାକାନ୍ତ ତ୍ରିପାଠୀ

ସନ୍ତତିହୀନ ହୋଇ ମୃତ୍ୟୁବରଣ କରିଥିବା ବେଳେ ଆଉ କିଏ ଆତ୍ମହତ୍ୟା ମଧ୍ୟ କରି ଥାଆନ୍ତି, ଯାହାକୁ ଭିତ୍ତି କରି ବିଭିନ୍ନ ଅଶରୀରିମାନଙ୍କର ପରିକଳ୍ପନା କରାଯାଇଥାଏ। ଭୂତ, ପିଶାଚ, ବ୍ରହ୍ମରାକ୍ଷସ ଆଦି ବିଭିନ୍ନ ନାଁ ଦେଇ ସେମାନଙ୍କର ସ୍ୱରୂପ ଓ କାର୍ଯ୍ୟକଳାପ ଉପରେ ଆଖପାଖ ଗାଁମାନଙ୍କରେ ଆଳାପ ଆଲୋଚନା ଚାଲେ। ଏହାକୁ ଆହୁରି ଅଧିକ ରୁଦ୍ଧିମନ୍ତ କରି ଗାଁମାନଙ୍କରେ ଗୁଣି, ଗାରେଡ଼ି, ଡାହାଣୀ ଆଦି ବିଭିନ୍ନ ପ୍ରଥା ଅଦ୍ୟାବଧି ଚାଲି ଆସିଛି। ତା' ଛଡ଼ା ଗାଁ ମଶାଣିରେ ତାନ୍ତ୍ରିକମାନେ ବିଭିନ୍ନ ତିଥି-ବାର ଅନୁସାରେ ନିଶାର୍ଦ୍ଧରେ ଗୁପ୍ତ ପୂଜା କରି ଥାଆନ୍ତି ଏବଂ ସେମାନଙ୍କର ପୂଜାରେ ସିଦ୍ଧି ପାଇଁ ଅନେକ ସମୟରେ ବଳି ଦେଇ ଥାଆନ୍ତି ବୋଲି ଅନେକ ଖବର ଓ ଗୁଜବ କାନକୁ ଆସିଥାଏ। ତେଣୁ ଗୋଟିଏ ପଟରେ ମୃତ୍ୟୁର ଭୟ, ଅନ୍ୟ ପଟରେ କାଳେ କୌଣସି ଅଶରୀରି କିମ୍ବା ଦୁଷ୍ଟ ଶକ୍ତି ଶ୍ମଶାନରୁ ଆସି ଶରୀରରେ ପ୍ରବେଶ କରିଯିବ ବୋଲି ଭାବି କିମ୍ବା କିଛି କାହାଣୀ ଶୁଣି ଲୋକମାନେ ଡରି ଯାଇ ଥାଆନ୍ତି। କାରଣ ଏହା କେବଳ ଜଣେ ବ୍ୟକ୍ତିର କ୍ଷତି ସାଧନ କରି ନଥାଏ, ବରଂ ସାରା ପରିବାର ଓ ଗାଁର ଆର୍ଥିକ, ମାନସିକ, ଶାରୀରିକ ତଥା ସାମାଜିକ ସ୍ଥିତିକୁ ଦୋହଲାଇ ଦେଇଥାଏ। ତେଣୁ କାଦୁଅକୁ ଯିବା କାହିଁକି, ଗୋଡ଼ ଧୋଇବା କାହିଁକି ନ୍ୟାୟରେ ଲୋକମାନେ ସହଜରେ ଗାଁ ମଶାଣି ପାଖ ମାଡ଼ିବାକୁ ଚାହିଁ ନଥାନ୍ତି।

ଯଦିଓ ଶ୍ମଶାନ ବୈରାଗୀମାନେ 'ଜୀବନ ପାଣି ଫୋଟକା'; ଏହା କେତେବେଳେ ଫୁଟିଯିବ କେହି କହି ପାରିବେ ନାହିଁ ଆଦି କହି ହୁଅନ୍ତି, କିନ୍ତୁ ବାସ୍ତବ ଜୀବନରେ ସେମାନେ ଏ ପ୍ରକାର ଜୀବନ ଦର୍ଶନକୁ ଠିକ୍ ଢଙ୍ଗରେ ପରିପ୍ରକାଶ କରିପାରି ନଥାନ୍ତି। ବରଂ ମାୟା ବିଜଡ଼ିତ ହୋଇ ବିଭିନ୍ନ ଅନ୍ୟାୟ ଅନୀତି କରିବାକୁ ପଛଘୁଞ୍ଚା ଦେଇ ନଥାନ୍ତି। ସେମାନଙ୍କ ପାଇଁ ନିଜ ଗାଁ ମଶାଣି ଓ ପର ଗାଁ ମଶାଣି ଭିତରେ କିଛି ଫରକ ନଥାଏ। ଆତ୍ମା ଅଜର, ଅମର ଏବଂ ଏହାକୁ କେହି ବି ନଷ୍ଟ କରି ପାରିବେ ନାହିଁ କଥା ପ୍ରତି ହୁଏତ ସେମାନେ ଦୃଷ୍ଟି ଦେଇ ନଥାନ୍ତି ବା ସାମୟିକ ଭାବେ କେବଳ ଭାବନା ମଧ୍ୟରେ ସୀମିତ ରଖିଦେଇ କାର୍ଯ୍ୟକଳାପ ବେଳକୁ ପାସୋରି ଦେଇ ଥାଆନ୍ତି। ଯେହେତୁ ପର ଗାଁ ମଶାଣିରେ ଦାହ କିମ୍ବା ସଂସ୍କାର ହୋଇଥିବା ମୃତକଙ୍କ ବିଷୟରେ ଲୋକମାନଙ୍କର କୌଣସି ଜ୍ଞାନ ନଥାଏ, ତେଣୁ ଭୟ ନ ରହିବା ସ୍ୱାଭାବିକ। ଅନ୍ୟ ପକ୍ଷରେ ପର ଗାଁ ନଈକୁ ମଣିଷ ଡରିଥାଏ, କାରଣ ନଈରେ କେଉଁଠି ସୁଅ ଅଧିକ, କେଉଁଠି ଗଣ୍ଡ ଓ କେଉଁଠି ଚୋରାବାଲି ଆଦି ଅଛି, ତାହା ବାହାର ଲୋକଙ୍କୁ ଜ୍ଞାତ ନଥାଏ। ତେଣୁ ନଈରେ ଗାଧୋଉ ଗାଧୋଉ ପ୍ରାଣ ଚାଲିଯିବାର ଆଶଙ୍କା ଥାଏ। ତେଣୁ ବାହାର ଲୋକମାନେ ସ୍ଥାନୀୟ ଲୋକଙ୍କର କଥା ମାନି ନଦୀରେ ପାଦ ଥାପିବା ପାଇଁ ଉଚିତ ମନେ କରି ଥାଆନ୍ତି। ତେଣୁ ବଣଭୋଜି ସମୟରେ ଲୋକମାନେ ନଦୀରେ ଗାଧୋଇବା ସମୟରେ ଯଥେଷ୍ଟ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ।



ଏହି ଦୁଇଟି କଥାରୁ ଗୋଟିଏ କଥା ସୁସ୍ପଷ୍ଟ ଯେ ଗୋଟିଏ ପାର୍ଶ୍ୱରେ ମଣିଷ ଜାଣିଥିବାରୁ ଭୟ, ଅନ୍ୟ ପାର୍ଶ୍ୱରେ ଜାଣି ନଥିବାର ଭୟ। ତେଣୁ ମଣିଷ ସବୁ ଜାଣିଗଲେ ଯେ ମନରୁ ଭୟ ଚାଲିଯିବ ବା ଅଜଣା ରହିଛି ବୋଲି ଭୟ ଗ୍ରାସ କରୁଛି, ତାହା ଭାବିବା ଅସମୀଚୀନ। କାରଣ, ଭୟ ହେଉଛି ମଣିଷର ସହଜାତ ପ୍ରବୃତ୍ତି।

ତେବେ ସମୟ ବଦଳିବା ସାଙ୍ଗରେ ଗାଁ ମଶାଣିମାନଙ୍କରେ ଆଉ ବିଲୁଆମାନଙ୍କର 'ହୁକେ ହୁ' ଭୁକିବାର ଶବ୍ଦ ଶୁଭୁ ନାହିଁ କି ମଶାଣିଗୁଡ଼ିକ ପୂର୍ବବତ୍ ଅପନ୍ତରା ହୋଇ ରହିନାହିଁ, ବରଂ ଏଗୁଡ଼ିକର ସଂସ୍କାର କରାଯାଇ ପରିଷ୍କାର ପରିଚ୍ଛନ୍ନ କରାଯାଇ କିଛି କିଛି ଜାଗାରେ ଆଲୋକ ଲଗାଇବାର ବ୍ୟବସ୍ଥା କରା ଗଲାଣି, ଯାହା ଫଳରେ ରାତ୍ରିଚର ଜୀବଜନ୍ତୁଙ୍କ ଉପରେ ଏହାର କୁପ୍ରଭାବ ପଡୁଛି ବୋଲି ଅନେକ ପରିବେଶବିତ୍‌ମାନଙ୍କ ମତ। ତା' ଛଡ଼ା ଯେତେବେଳେ ସ୍ୱାର୍ଥାନ୍ୱେଷୀ ଲୋକମାନେ ମଶାଣି ଜମିଗୁଡ଼ିକୁ ଘରବାଡ଼ିରେ ରୂପାନ୍ତରିତ କରି ବାସୋପଯୋଗୀ କରି ରହିଲେଣି, ସେଠାରେ ମଶାଣିକୁ ଆଉ ଡର କାହିଁକି? ଅନ୍ୟ ପକ୍ଷରେ, ନଦୀ ଶଯ୍ୟାଗୁଡ଼ିକ ପୋତି ହୋଇଯିବା ଫଳରେ ଏହା ଆଉ ଆଗ ଭଳି ବିପଜ୍ଜନକ ହୋଇ ନାହିଁ। ତେବେ ସାଧାରଣ ଅସାବଧାନତା ତଥା ନିଶାଦ୍ରବ୍ୟର ପ୍ରଭାବ ଯୋଗୁଁ ଏହା ମୃତ୍ୟୁର କାରଣ ସାଜୁଛି। ସାବଧାନତାର ପନ୍ଥାକୁ ଛାଡ଼ି ମଣିଷ ଯେତେବେଳେ ମଦମତ୍ତ କିମ୍ବା ବେଖିଆଲି ହୋଇଯାଏ, ସେଠାରେ ଜୀବନ ପାଣି ଫୋଟକାଠାରୁ ମଧ୍ୟ ହୀନ ହୋଇଯାଏ। ●

ଭଦ୍ରକ, ମୋ: ୯୭୭୮୭୬୪୩୯୪
tripathysk1947@gmail.com

## ବାହୁଡ଼ା ଦାସ ମଠ ଯଜ୍ଞ ପ୍ରସ୍ତୁତି



**ଫୁଲନଖରା,୮।୪/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଟାସ୍ଥିତ ମହାନ ସନ୍ଥ ବାହୁଡ଼ା ଦାସଙ୍କ ମଠରେ ୧୯ ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆସନ୍ତା ୧୦ତାରିଖଠାରୁ ଆରମ୍ଭ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କର୍ତ୍ତା ଅଜୟକୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦଙ୍କ ପ୍ରତିନିଧି ଦିଲୀପକୁମାର ପାତ୍ର, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ନିରୋଦ ଜେନା, ସନ୍ତୋଷ ଜେନା, ଇଂ.ସେବକ ଶ୍ରୀକାନ୍ତ, ରବିନାରାୟଣ ମହାପାତ୍ର, ରାକେଶ ହୋତା, ପିଣ୍ଟୁ ବେହେରା, ଦେବରାଜ ସାହୁ, ରାଜକିଶୋର ଜେନା, ରାମକୃଷ୍ଣ ଦାସ, ରମେଶ ଦାସ, ସଚ୍ଚିଦାନନ୍ଦ ମହାପାତ୍ର, ଟଟ ମହାପାତ୍ର, କୈଳାସ ଦାସ ପ୍ରମୁଖ ଯୋଗଦେଇଥିଲେ। ତିନିଦିନ ଧରି ହେବାକୁ ଥିବା ଯଜ୍ଞରେ ବାହୁଡ଼ା ଭଜନ, କୀର୍ତ୍ତନ ଓ ଧର୍ମସଭା ସହିତ ଆରାଧ୍ୟା କଲଚରାଲ ଏକାଡ଼େମୀର କୁନି କୁନି କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ପାଇଁ ସ୍ଥିର ହୋଇଛି। ପଣ୍ଡିତ ପ୍ରଭାତକୁମାର ଶତପଥିଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହେବ ବୋଲି କର୍ତ୍ତୀ ନିର୍ମଳାବାଳା ପାତ୍ର ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### କାଭେଟ୍ ପିଟିସନ୍ ...

ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଗୋଟିଏ ପରେ ଗୋଟିଏ ବିରୋଧୀ ଦଳ ପିଟିସନ୍ ଦାଖଲ କରୁଥିବା ବେଳେ ଅଲ୍‌ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏବଂ ଜାମିୟତ୍ ଉଲାମା-ଏ-ହିନ୍ଦ୍ ମଧ୍ୟ ପିଟିସନ୍ ଦାଖଲ କରିଛନ୍ତି।

### ୧୩ ଏମ୍‌ଓୟୁ ...

ମଧ୍ୟରେ ଆଇଓସିଏଲ୍ ସହିତ ଚୁକ୍ତି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଏକ ଡୁଆଲ୍-ଫିଡ୍ ନାଫ୍ ଥା କ୍ରାକର୍ ପ୍ରକଳ୍ପ କରିବା ପାଇଁ ଏହି ଚୁକ୍ତି କରାଯାଇଛି। ଏହା ଦ୍ୱାରା ଆଇଓସିଏଲ୍ ଓଡ଼ିଶାରେ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଏବଂ ୨୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ପେଟ୍ରୋକେମିକାଲ୍ ଓ କେମିକାଲ୍ କ୍ଷେତ୍ରରେ ଆଉ ଦୁଇଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଗୋଟିଏ ଚୁକ୍ତିନାମା ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ୍‌ସ ଲିମିଟେଡ୍ ସହିତ ହୋଇଥିବାବେଳେ ଅନ୍ୟ ଚୁକ୍ତିନାମାଟି ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ସହିତ କରାଯାଇଛି। ପେଟ୍ରୋକେମିକାଲ୍ କ୍ଷେତ୍ରରେ ଏହି ଚୁକ୍ତିନାମାଗୁଡ଼ିକ ଓଡ଼ିଶାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସକରିବ ଏବଂ ଏକ ସୁଦୃଢ଼ ସପ୍ଲାଇ ଚେନ୍ ମଧ୍ୟ ପ୍ରତିଷ୍ଠା କରିପାରିବ। ଆଇଓସିଏଲ୍ ସହିତ ଚୁକ୍ତିନାମା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏକ ମାଇଲଖୁଣ୍ଟ। ଶିଳ୍ପପତିମାନଙ୍କ ସହିତ ଆଲୋଚନା ଦ୍ୱାରା ଶିଳ୍ପ ଜଗତରେ ଓଡ଼ିଶା ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଛି।

ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବା ପାଇଁ ଶିଳ୍ପପତିଙ୍କୁ ଆକୃଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଭାରତରେ ଗୁଜୁରାଟର ଦାହେଜ ବନ୍ଦର ଯେପରି ପେଟ୍ରୋକେମିକାଲ୍ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇପାରିଛି, ପାରାଦୀପ ମଧ୍ୟ ପୂର୍ବ ଭାରତରେ ସେହିପରି ଭାବେ ବିକଶିତ ହେବ। ଶିଳ୍ପକ୍ଷେତ୍ର ସହିତ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆପଣମାନେ ଓଡ଼ିଶାରେ ନିବେଶ କରନ୍ତୁ। ନିବେଶ କରିବା ପାଇଁ ଏହି ସମୟ ହିଁ, ପ୍ରକୃତ ସମୟ।

ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିଅମ୍ ଓ ନେଚୁରାଲ୍ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଓଡିଶାର ଶିଳ୍ପ, ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିଜର ଅଭିଭାଷଣ ରଖି ଶିଳ୍ପକ୍ଷେତ୍ରରେ ବିକାଶ ପାଇଁ ଓଡ଼ିଶାର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।

### ପୂର୍ବତନ ବିଧାୟକ ...

ନଗରପାଳ ଭାବେ ବିଜୟୀ ହୋଇଥିବା ବେଳେ, ୧୯୮୫ରୁ ୧୯୯୦ କଂଗ୍ରେସ ଦଳରୁ ଗଁନ୍ଦିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ, ଓଡ଼ିଶା ରାଜ୍ୟ ଓବିସିସିର ଅଧ୍ୟକ୍ଷ ଆଦି ବିଭିନ୍ନ ପଦପଦବୀରେ ରହି କଂଗ୍ରେସ ଦଳର ଜଣେ ଅଦ୍ୱିତୀୟ ସଙ୍ଗଠକ ଭାବେ ସୁପରିଚିତ ଥିଲେ। ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘର ପ୍ରତିଷ୍ଠାତା, ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ବିଭିନ୍ନ ଲୋକହିତକର କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ ହୋଇରହିବେ। ତାଙ୍କ ବିୟୋଗରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭକରି ବିଭିନ୍ନ ମହଲରୁ ଶୋକର ଛାୟା ଖେଳିଯାଇଛି। ସୁଆଗୀ ଶ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ପୁତ୍ର ପ୍ରଶାନ୍ତ ଭଞ୍ଜ ମୁଖାଗ୍ନି ଦେଇଥିଲେ।

### ପୁଲିସ୍ ବାରାକ୍‌ରେ ...

କରିଥିଲେ। କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ଏହାର ତଦନ୍ତ କରାଯାଇ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପରିବାର ଲୋକେ। ଅନ୍ୟପକ୍ଷରେ ଏହି ଘଟଣାର ପ୍ରତିକ୍ରିୟା ଦେଇଛନ୍ତି ଏସ୍‌ପି ରାଜ ପ୍ରସାଦ। ସେ କହିଛନ୍ତି, ମହିଳା କନଷ୍ଟେବଳ ଡିପ୍ରେସନ୍‌ରେ ଥିବା ନେଇ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ।

### ଓଡ଼ିଶାରେ ହେବ ...

କରିଡର୍। ଏହା ମାଧ୍ୟମରେ ରାଜ୍ୟରେ ରହିଥିବା ସମସ୍ତ ଶକ୍ତିପୀଠକୁ ଯୋଡ଼ାଯିବ। ଏହି ଶକ୍ତି କରିଡର୍ ସମ୍ପର୍କରେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲାସ୍ତରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ମା' ତାରାତାରିଣୀ ପୀଠର ଉନ୍ନତି କରାଯିବ। ଏହାବ୍ୟତୀତ ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ଏହି ଶକ୍ତି କରିଡର୍‌ର ବିକାଶ କରିବେ। ପୂଜା, ବରଦାନ ଓ ତପସ୍ୟା ପାଇଁ ଯଦି ଓଡ଼ିଶାର କେଉଁ କ୍ଷେତ୍ରକୁ ଲୋକେ ଆସିବେ ତେବେ ଏହି ଶକ୍ତି କରିଡର୍‌କୁ ଆସିବେ। ତେଣୁ ପର୍ଯ୍ୟଟକମାନଙ୍କ ଓ ସନାତନ ଧର୍ମର ଭକ୍ତମାନଙ୍କ ନିମନ୍ତେ ଏହି ଶକ୍ତି କରିଡରର ବଡ଼ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ତେବେ ଆସନ୍ତା ଦୁଇବର୍ଷ ମଧ୍ୟରେ ଏହି ଶକ୍ତି କରିଡର୍‌କୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଅନ୍ୟମାନଙ୍କ ମଧ୍ୟରେ ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆ ରୂପ ନେଉଛ ...

ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ କାର୍ଯ୍ୟର ଅଗ୍ରଗତି ଓ ମାନ ଠିକ୍‌ଥିବା ଦେଖାଯାଇଛି। ଅନ୍ୟପକ୍ଷରେ ଇଷ୍ଟକୋଷ୍ଟ ଡିଆର୍‌ଏମ୍ ଏଚ୍‌ଏସ୍ ବାଜୱା କହିଛନ୍ତି ଯେ ରେଳ ଷ୍ଟେସନ୍‌ଟିର କାମ ସମ୍ପୂର୍ଣ୍ଣ ହେଲେ ତୀର୍ଥଯାତ୍ରୀଙ୍କୁ ବେଶ୍ ସହାୟକ ହେବ। ଏକାମ୍ର କ୍ଷେତ୍ରର ରେଳ ପ୍ରବେଶ ଦ୍ୱାରରେ ଯାତ୍ରୀ ନୂଆ ଅନୁଭୂତି ପାଇବେ। ବର୍ତ୍ତମାନ ଏହି ରେଳ ଷ୍ଟେସନ୍‌ରେ ୧୪ଟି ଟ୍ରେନ୍ ରହଣି ହେଉଛି। ଏଥିରେ ୧୧ଟି ପାସେଞ୍ଜର୍ ଓ ୩ଟି ଏକ୍ସପ୍ରେସ୍। ପ୍ରତ୍ୟକ ଦିନ ଏହି ଷ୍ଟେସନ୍ ଦେଇ ୮ ଶହ ଲୋକ ଯା'ଆସ କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଏକାମ୍ରକ୍ଷେତ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହିଥିଲେ।

# ଦବୁଛି ଦୟାନଦୀ ବନ୍ଧ: ବର୍ଷା ପୂର୍ବରୁ ମରାମତି ଦାବି

**ଡେଲାଙ୍ଗ,୮।୪/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକ ଦେଇ ପ୍ରଭାବିତ ହୋଇଥିବା ଦୟାନଦୀ ବନ୍ଧର ପୁଣି ନୁଆହାଟଠାରେ ୧୦୦ ଫୁଟରୁ ଅଧିକ ଧସେଇ ନଦୀ ଭିତରକୁ ଦାବିବାରେ ଲାଗିଛି। ଏହି ସ୍ଥାନରେ ବନ୍ଧ ଦାବିବା ଯୋଗୁ ପଥର ପ୍ୟାକଙ୍ଗି ହୋଇଥିଲା। ନଦୀ ବନ୍ଧର ଏହି ସ୍ଥାନଟି ବାରମ୍ବାର ଦବୁଥିବାରୁ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ସର୍ବୋଚ୍ଚ ଯନ୍ତ୍ରୀ ପରିଦର୍ଶନ କରିଥିଲେ ତାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯାଇଥିଲା। ପୁର୍ନବାର ଏହି ନଦୀବନ୍ଧ ପଥର ପ୍ୟାକିଂ କାମ ବର୍ଷା ଦିନ ପୂର୍ବରୁ ଦବିବା ଆରମ୍ଭ କରିବାରୁ ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଜଳସଂପଦ ବିଭାଗ ପକ୍ଷରୁ ଏହି ନଦୀବନ୍ଧ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ



ସୁଦ୍ଧା ତାହା ନିମ୍ନମାନର କାମ ପାଇଁ ଏହି ସ୍ଥାନରେ ନଦୀବନ୍ଧ ବାରମ୍ବାର ଦବୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ନଦୀବନ୍ଧ ଦବିବାରୁ ବିଭାଗୀୟ ଅଧିକାରୀଙ୍କଠାରୁ ସ୍ଥାନୀୟ ଜନସାଧାରଣ ଏବେ ଚିନ୍ତାରେ ପଡ଼ିଥିବା ଜଣାପଡ଼ିଛି। ବର୍ଷା ଦିନ ଏବଂ ନଦୀରେ ବନ୍ୟାଜଳ ପ୍ରବେଶ ପୂର୍ବରୁ ଏହାକୁ ମରାମତି ସମ୍ପୂର୍ଣ୍ଣ କରାନଗଲେ ଏଠାରେ ଘଳିଆ ପଡ଼ିବା ସହ ପରିସ୍ଥିତି ଭୟାବହ ହେବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏଠାକୁ ଏକ ବୈଷୟିକ ଟିମ୍ ପହଞ୍ଚି ଏହି ସ୍ଥାନକୁ ଅନୁଧ୍ୟାନ କରି ନଦୀବନ୍ଧ ଦବିବାର କାରଣ ଖୋଜିବା ସହ ନଦୀବନ୍ଧ ମରାମତି କାମ ବର୍ଷାଦିନ ପୂର୍ବରୁ ଯଥାଶିଘ୍ର ସାରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣରେ ଅନିୟମିତତା ଅଭିଯୋଗ



**ଖଣ୍ଡପଡ଼ା,୮।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧିନ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ନିର୍ମାଣାଧୀନ ନୂତନ କୋଠା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ କୋଠା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଏଷ୍ଟିମେଟ ଅନୁସାରେ ନିର୍ମାଣ କାର୍ଯ୍ୟ ନକରି ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ନୂତନ କୋଠାର ନିର୍ମାଣ କାର୍ଯ୍ୟରେ ବାଲି ବ୍ୟବହୃତ ହେଉଥିବା ବେଳେ ପ୍ରତ୍ୟେକ କୋଠରୀର ମଧ୍ୟ ଭାଗରେ ବାଲି ପରିବର୍ତ୍ତେ ନିକଟସ୍ଥ ଜମିର ମାଟି ପକାଯାଉଥିବା ଜଣାପଡିଛି। ଫଳରେ ନୂତନ କୋଠା ନିର୍ମାଣ କାର୍ଯ୍ୟରେ ସିମେଣ୍ଟ ଭାଗ ମାପ କମ୍ ସାଙ୍ଗକୁ ସିମେଣ୍ଟ ଢଳେଇରେ ଠିକ୍ ରୂପେ ପାଣି ପକାଯାଉ ନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦା ନିର୍ମାଣଧିନ ସ୍ୱାସ୍ଥ୍ୟକେନ୍ଦ୍ର କୋଠାର କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ନିମନ୍ତେ ୯୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ତେବେ ନୂତନ କୋଠା କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ସଂପୃକ୍ତ ଠିକାଦାର ମନଇଚ୍ଛା କୋଠା ନିର୍ମାଣ କାର୍ଯ୍ୟ ଚଳାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। କୋଠା ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ କ୍ୱାଲିଟି କଣ୍ଟ୍ରୋଲ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ବନମାଳୀପୁର ଗ୍ରାମବାସୀ ଦାବି କରିଛନ୍ତି। କୋଠା ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ କୁମାର ଖଟୁଆଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ସାକ୍ଷୀଗୋପାଳ,୮।୪/ଏନ୍‌ଏନ୍‌ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଆଜି ଯୁବ ରେଡକ୍ରସ୍ ଓ ନେକ୍ସସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ରକ୍ତଦାନ ଶିବିର' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଅଧିନରେ ଥିବା ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ଏଥିରେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଶିବସୁନ୍ଦର ମିଶ୍ର ଶିବିରର ଉଦଘାଟନ



କରିଥିଲେ ଓ ଶିବିରଟି ଆରସିଆରବିସି ଶାଖାର ମୁଖ୍ୟ ଡକ୍ଟର ପ୍ରଦୀପ ମହାରଣା ଓ ତାଙ୍କର ଟିମ୍‌ର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ସୂର୍ଣ୍ଣଲତା ମାହାରୀ ଏବଂ ଅର୍ଥନୀତି ବିଭାଗର ମୁଖ୍ୟ ଜିତେନ୍ କୁମାର ଦାସ, ନେକ୍ସସ ହେଲ୍ଥ ଫାଉଣ୍ଡେସନର ସସ୍ମିତା ଦାସ, ସଭାପତି ସୁବ୍ରତ ମଲ୍ଲିକ, ରାଜେଶ ଜେନା, ନିର୍ମଳକୃଷ୍ଣ ମହାନ୍ତି, ଅଲେଖ ମହାରଣା, ଅଭିଜିତ ଜେନା, ରଞ୍ଜନ ମଲ୍ଲିକ, ଜୀବନଜ୍ୟୋତି ସାମନ୍ତସିଂହାର, ସତ୍ୟନାରାୟଣ ସାହୁ ପରିଚାଳନା କରିଥିଲେ। ଏଥିରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଅଙ୍ଗନବାଡ଼ି ସହାୟିକା ନିଯୁକ୍ତି ଦାବି

**କଣ୍ଟିଲୋ,୮।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧୀନସ୍ଥ କଣ୍ଟିଲୋ ଗ୍ରାମର ଦୁଇ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରେ ବହୁ ଦିନ ହେଲା ଖାଲିପଡ଼ିଥିବା ସହାୟିକା ପଦବୀ ପୂରଣ ପାଇଁ ଦାବି ହୋଇଛି। ଏହି ପଦବୀରେ ନିଯୁକ୍ତି ପାଇଁ ଗତ ଫେବୃଆରୀ ମାସରେ ଖଣ୍ଡପଡ଼ା ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟାଳୟ ସୁପରଭାଇଜର ଗତ ୨୭ମାର୍ଚ୍ଚରେ କଣ୍ଟିଲୋ ଆସି ଏହାର ସମାଧାନ ପାଇଁ ରାଧାମୋହନ ଯୁବ କ୍ଲବ ସଭାଗୃହରେ ଏକ ମିଟିଂ କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ହେବା ପରେ ସହାୟିକା ନିଯୁକ୍ତି ସମ୍ପର୍କେ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ସେଦିନର ନିଷ୍ପତ୍ତି ଅନୁଯାୟୀ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ ପ୍ରଚେଷ୍ଟାରେ ଆଜିଠାରୁ କଣ୍ଟିଲୋ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲି ଛୋଟ ଛୋଟ ଶିଶୁମାନଙ୍କୁ ସଂପୃକ୍ତ ସହକର୍ମୀ ଶିକ୍ଷାଦାନ କରୁଥିବା ସୂଚନା ମିଳିଛି। ତେଣୁ ଦୁଇନମ୍ବର ଅଙ୍ଗନବାଡ଼ି ପରିସର ମଧ୍ୟରେ ବସବାସ କରୁଥିବା ଅଧିବାସୀ ଓ କିଛି ଭଦ୍ରବ୍ୟକ୍ତିଙ୍କ ମତରେ ସରକାରଙ୍କ ନୀତିନିୟମ ଅନୁଯାୟୀ ନିରପେକ୍ଷ ତଥା ଦୁର୍ନୀତିମୁକ୍ତ ଭାବେ ଯୋଗ୍ୟ ପ୍ରାର୍ଥିନୀଙ୍କୁ ସହାୟିକା ଭାବେ ତୁରନ୍ତ ନିଯୁକ୍ତି କରାଗଲେ ସମସ୍ୟା ଦୂର ହୋଇପାରିବ।

## ସତ୍ୟବାଦୀରେ ଓଡ଼ିଆ ପକ୍ଷ ପାଳିତ

**ସାକ୍ଷୀଗୋପାଳ,୮।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପ୍ରଥମଥର ପାଇଁ ପାଳିତ ହେଉଛି ଓଡ଼ିଆ ପକ୍ଷ। ଏପ୍ରିଲ ୧ତାରିଖରୁ ଆରମ୍ଭ ହୋଇଥିବା ଏହି ପକ୍ଷ ୧୪ ଏପ୍ରିଲ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ସମାପନ ହେବ। ସତ୍ୟବାଦୀ ବ୍ଲକ୍ ପକ୍ଷରୁ ଜୟପୁର ପଞ୍ଚାୟତରେ ଏହି ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବକୁଳବନ ସ୍ଥିତ ପଞ୍ଚସଖାଙ୍କ ସ୍ମୃତି ପୀଠରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ଏକ ଶୋଭାଯାତ୍ରା ବାହାରି ସାକ୍ଷୀଗୋପୀନାଥ ମନ୍ଦିର ସମ୍ମୁଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ବିଡ଼ିଓ ଦେବାଶିଷ ନାୟକ, ଜୟପୁର ପଞ୍ଚାୟତର ସମିତି ସଭ୍ୟ ଦୀପକ ଶତପଥୀ, ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟଙ୍କ ସହିତ ବ୍ଲକର ଜେଇ ଓ ଉକ୍ତ ପଞ୍ଚାୟତର ମହିଳା ଗୋଷ୍ଠୀ ଏମ୍‌ବିକେ ଓ ସିଆର୍‌ସିମାନେ ଉପସ୍ଥିତ ଥିଲେ।

## ମାଳବନ୍ଧ ଉପର ଫୁଟ୍‌ପାଥ୍‌ରେ ପୁଣି ଦୋକାନ ଆରମ୍ଭ, ବାଟୋଇ ହଇରାଣ



**କଣ୍ଟିଲୋ,୮।୪/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ବିକାଶ ପ୍ରକଳ୍ପ ମାଧ୍ୟମରେ କଣ୍ଟିଲୋ ମାଛବଜାର ଠାରୁ ଶ୍ରୀ ନୀଳମାଧବଙ୍କ ପଶ୍ଚିମଦ୍ୱାର ପର୍ଯ୍ୟନ୍ତ ଲମ୍ବିଥିବା ମାଳବନ୍ଧର ରାସ୍ତା ନିର୍ମାଣ କରାଯିବା ପରେ ପାଦରେ ଚାଲିକରି ଯାତାୟାତ ପାଇଁ ଫୁଟ୍‌ପାଥ ନିର୍ମାଣ ହୋଇଛି। କିନ୍ତୁ ମାଳବନ୍ଧର ଏହି ଫୁଟ୍‌ପାଥ ଉପରେ ମା' ତାରିଣୀ ଛକଠାରୁ ମାଛବଜାର ପର୍ଯ୍ୟନ୍ତ ସଂପୃକ୍ତ ବ୍ୟବସାୟୀମାନେ ଉଦ୍ଦିଷ୍ଟ ଆଇନକୁ ଅମାନ୍ୟକରି ଜୋର୍ ଜବରଦସ୍ତ ନିଜ ନିଜର ବ୍ୟବସାୟିକ ଅନୁଷ୍ଠାନ ଖୋଲି ଫୁଟ୍‌ପାଥ ରାସ୍ତାକୁ ଅବରୋଧ କରିଥିବା ଦେଖିବାକୁ ମିଳିଛି। ଯାହାଫଳରେ ସାଧାରଣ ବାଟୋଇ ଓ ଭକ୍ତ, ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନେ ପାଦଚଲା ରାସ୍ତାରେ ଯିବା ଆସିବା ପାଇଁ ବହୁ ହଇରାଣ ହେଉଛନ୍ତି। ଯେହେତୁ ଏହି ସ୍ଥାନ କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧୀନସ୍ଥ, ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଆଇନଗତ ବିହୀତ ପଦକ୍ଷେପ ନ ନେଇ ନିରବରେ ବସିଥିବା ହେତୁ ବୁଦ୍ଧିଜୀବୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନାରୁ ଜଣାପଡ଼ିଛି ଯେ, ମାତ୍ର କେତେକ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ପ୍ରତିଦିନ ଶ୍ରୀଜିଉଙ୍କ ଦର୍ଶନ ପାଇଁ ବାହାରୁ ଆସୁଥିବା ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ହଇରାଣ ହରକତ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ ଯଥାଶୀଘ୍ର କଣ୍ଟିଲୋ ଜଳସମ୍ପଦ ବିଭାଗ ଯନ୍ତ୍ରୀ ଆଇନର ଆଶ୍ରୟ ନେଇ ସ୍ଥାନୀୟ ପୁଲିସ ସହାୟତାରେ ଉକ୍ତ ଫୁଟ୍‌ପାଥ୍ ଉପରେ ବସିଥିବା ଅମାନିଆ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତରିତ କରି ସର୍ବସାଧାରଣଙ୍କୁ ସେବା ଯୋଗାଇବା ପାଇଁ ସାଧାରଣ ଜନତା ଦାବି କରିଛନ୍ତି।

## ପଞ୍ଚବଟୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ବାଲିଅନ୍ତା,୮।୪/ଏନ୍‌ଏନ୍‌ଏସ୍:** ପାହାଳ ଥାନା ଅନ୍ତର୍ଗତ ଜୟରଶାସନ ସ୍ଥିତ ପଞ୍ଚବଟୀ ବଜାର ଠାରେ ଥିବା ଅଞ୍ଚଳର ଆରାଧ ଦେବତା ପୁରାତନ ଶୈବପୀଠ ବାବା ଶ୍ରୀ ଶ୍ରୀ ବଟେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଶ୍ରୀରାମନବମୀ, ତଥା ମର୍ଯ୍ୟଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମ ତିଥି ଅବସରରେ ଭକ୍ତି ମୟ ପରିବେଶ ଅତ୍ୟନ୍ତ ନିରାଡ଼ମ୍ବର ଭାବେ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି ଗ୍ରାମବାସୀମାନେ ସମୂହ ଏକତ୍ରିତ ହୋଇ ଶନିବାର ଅଧିବାସ ତିଥା କଳସ ଯାତ୍ରାରେ ପାଣି ତୋଳା କାର୍ଯ୍ୟକ୍ରମ ପରେ ରବିବାର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଜାରି ରଖୁଥିଲେ। ସୋମବାର ନଗର କୀର୍ତ୍ତନ କରାଯାଇଥିଲା। ଛୋଟଠାରୁ ବଡ଼ ସଭିଏଁ ଆନନ୍ଦରେ ଏକତ୍ରିତ ହୋଇ ଏହି ଉତ୍ସବ ଅତି ଧୁମ୍‌ଧାମ୍‌ରେ ପାଳନ କରିଥିଲେ। ସ୍ୱର୍ଗତ କୁଳମଣି ସାହୁ ଦ୍ୱାରା ୧୯୬୪ ମସିହାରୁ ଆରମ୍ଭ ହୋଇ ଥିବା ଏହି ଅଷ୍ଟ ପ୍ରହାର ନାମଯଜ୍ଞ ୬୨ ବର୍ଷରେ ପଦାର୍ପଣ କରିଛି। କାର୍ଯ୍ୟକ୍ରମକୁ ଜୟର ଶାସନ ଗ୍ରାମବାସୀ ଏବଂ ମନ୍ଦିର ଉନ୍ନୟନ କମିଟି ମିଳିତ ଭାବେ ସମସ୍ତେ ପରିଚାଳନା କରିଥିବା ଦେଖିବାକୁ ମିଳିଛି।

## ମୁଣ୍ଡମୁହାଣରେ ରାମଲୀଳା



**ମୁଣ୍ଡମୁହାଣ,୮।୪/ଏନ୍‌ଏନ୍‌ଏସ୍:** ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଛି। ଆଜି ତୃତୀୟ ଦିନରେ ପର୍ଶୁରାମ ଭେଟ ଓ ସୀତାବିବାହ ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରଦର୍ଶନ କରିଥିବା ବେଳେ ଶ୍ରଦ୍ଧାଳୁମାନେ ଦେଖି ବିମୋହିତ ହୋଇଥିଲେ। ଆଜି ନାଟକରେ ପର୍ଶୁରାମ ଭୂମିକାରେ ରବିନ୍ଦ୍ର ବାରିକ୍ ଏବଂ ସୀତା ଭୂମିକାରେ ବିଚିତ୍ର ପରିଡ଼ାଙ୍କ ନିଖୁଣ କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଆକର୍ଷଣୀୟ କରିଥିଲା।

## ସାହିତ୍ୟିକ ସେବକ ଶ୍ରୀକାନ୍ତଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ମାନ

**ଫୁଲନଖରା,୮।୪/ଏନ୍‌ଏନ୍‌ଏସ୍:** ଆରାଧ୍ୟା କଲଚରାଲ୍ ଏକାଡ଼େମୀ ଫୁଲନଖରା ଓ ସରସ୍ୱତୀ କଳା ପରିଷଦ କନ୍ଦରପୁର ସହ ସମ୍ପାଦକ ଇଂ. ସେବକ ଶ୍ରୀକାନ୍ତଙ୍କୁ ସମାଜସେବା, ବୈଷୟିକ ଜ୍ଞାନକୌଶଳ ଦିଗରେ ଉଚ୍ଚସ୍ତରୀୟ ଗବେଷଣା, ରକ୍ତଦାନ, ପରିବେଶ ସୁରକ୍ଷା, ସାମ୍ବାଦିକତା, ଆଧ୍ୟାତ୍ମିକତା, ସାହିତ୍ୟ ସେବା ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ରାଜ୍ୟର ଅଗ୍ରଣୀ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ସଂଗଠନ ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ୍ ଓ ନିଶିଗନ୍ଧା ସାହିତ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସ୍ତରୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଛି। ସେ କଟକ ସଦର ୪୨



ନିବାସୀ ନିବାସୀ ତଥା ଅଧୁନା କନ୍ଦରପୁର ଠାରେ ସହାବସ୍ଥାନ କରିଥିବା ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ବିଜୟ ରାମ ବେଉରା ଓ ଯୋଗମାୟା ଜେନାଙ୍କ ସୁପୁତ୍ର ଅଟନ୍ତି। ସେ ରାଜ୍ୟ ଓ ରାଜ୍ୟ ବାହାରେ ଓଡିଆ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପୂର୍ବକ ସୁଦୂର ମୁମ୍ବାଇରେ 'ମୁହାଁଣ' ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରକାଶନ କରିବା, ବହୁବିଧ ସମାଜସେବାରେ ବ୍ରତୀ ଏଥିସହ ଜଣେ ଦକ୍ଷ ମେକାନିକାଲ୍ ଯନ୍ତ୍ରୀ ଭାବେ ବହୁ ଜାତୀୟ ଘରୋଇ ଉଦ୍ୟୋଗମାନଙ୍କରେ କାର୍ଯ୍ୟ କରିବା ସହ ବୈଷୟିକ ଜ୍ଞାନକୌଶଳ ଦିଗରେ ଉଚ୍ଚସ୍ତରୀୟ ଗବେଷଣାରତ ଏବଂ ବହୁ ସମ୍ମାନ ଲାଭ କରିଛନ୍ତି।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩ ସ୍କୁଲ୍‌ରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଚାରିଛକ,୮।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଭଦ୍ର ଉଚ୍ଚ ବିଦ୍ୟାଳୟରେ ୩୯ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଗ୍ରନ୍ଥାଗାର ଓ ପ୍ରୟୋଗଶାଳା, ଅର୍ଣ୍ଣପୂର୍ଣ୍ଣା ବିଦ୍ୟାପୀଠରେ ୯ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ତମ୍ପାଲୋ ଦାମୋଦର ଉଚ୍ଚ ବିଦ୍ୟାଳୟର ୪୩ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଗ୍ରନ୍ଥାଗାର ଓ ପ୍ରୟୋଗ ଶାଳା, ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ବିଦ୍ୟାଳୟଗୁଡିକରେ ସାଇକେଲ ଷ୍ଟାଣ୍ଡ, ଶୌଚାଳୟ, ପାଚେରୀ, ଖେଳ ପଡ଼ିଆ, ବିଜ୍ଞାନ ଉପକରଣ, ଖେଳ ସାମଗ୍ରୀ ଆଦି ପର୍ଯ୍ୟାୟ କ୍ରମେ ଯୋଗାଇ ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଡିଓ ଡଃ.



ଅଭିଜିତ ଷଡଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ବିଇଓ ଦ୍ୱିତୀକାନ୍ତ ପ୍ରଧାନ, ଏବିଇଓ ସୁଦର୍ଶନ ଭୋଇ, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠନେତା ଭଗବାନ ମିଶ୍ର, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଭୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସ, ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ତମ୍ପାଲୋ ଦାମୋଦର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦଲେଇ, ମହେନ୍ଦ୍ର କୁମାର ମହାପାତ୍ର, ପ୍ରଶାନ୍ତ ବେହେରା, ବ୍ରଜମୋହନ ଦାସ, ଭକ୍ତବନ୍ଧୁ ବିଶ୍ୱାଳ, କୈଳାଶ ଚନ୍ଦ୍ର କର, ବ୍ରଜକିଶୋର ନାୟକ, ସଂଜୟ ବାରିକ, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟ ଆଗାମୀ ଦୁଇମାସ ଭିତରେ ଶେଷ କରିବାକୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି।

## ଶ୍ରେଣୀଗୃହରୁ ନାଗସାପ ଉଦ୍ଧାର

**ଚାରିଛକ,୮।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ୩ ଫୁଟ୍‌ର ନାଗସାପ ଉଦ୍ଧାର କରାଯାଇଛି। ସାପଟିକୁ ଦେଖି ଶିକ୍ଷକ ତ୍ରିଲୋଚନ କର ଓଡ଼ିଶା ସରୀସୃପ ଉଦ୍ଧାରକାରୀ ମହାସଂଘର ଉପଦେଷ୍ଟା ବ୍ରଜକିଶୋର ସାହୁଙ୍କୁ ଖବର ଦେଇଥିଲେ। ଶ୍ରୀ ସାହୁ ସ୍କୁଲରେ ପହଞ୍ଚି ନାଗସାପଟିକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**କାକଟପୁର,୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ସରକାରୀ ନିୟମକୁ ଆଧାର କରି ଦୀର୍ଘ ତିନି ଦିନ ଧରି ପାଳନ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ସରପଞ୍ଚ ଅଭୟ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ନାଗରିକ ହୋଇ ଦେଶ ଓ ଜାତିର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା କମିଟିର ଅଧକ୍ଷା ରୀନାଲତା ପରିଡ଼ା ଯୋଗଦେଇ ଉକ୍ତ ବିଦ୍ୟାଳୟ ଅଞ୍ଚଳର ଏକ ଗୌରବମୟ ଶିକ୍ଷାନୁଷ୍ଠାନ ବୋଲି ମତ ଦେଇଥିଲେ।




ଆୟୋଜିତ ଆମ ସଂସ୍କୃତି ଆମ ଖେଳଣା ଶୀର୍ଷକ କକ୍ଷ ଦେଖି ଆମନ୍ତ୍ରିତ ଅତିଥି, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ପିଲାମାନଙ୍କ କଳାକୃତିକୁ ଉଚ୍ଚପ୍ରଶଂସା କରିଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ମାଟି କଣ୍ଢେଇ, ସଢ଼େଇ ଖେଳଣା, ମୂର୍ତ୍ତି, କାଗଜ ତିଆରି ଖେଳଣା, ପତାକା, ବର୍ଜ୍ୟବସ୍ତୁରୁ ଡଙ୍ଗା, ନିକିତି, କଲମ ଷ୍ଟାଣ୍ଡ, ନଡ଼ିଆପତ୍ରରୁ ତିଆରି ଖେଳଣା ଭୋଗେଇ ଓ କତାରୁ ତିଆରି ବିଭିନ୍ନ ଖେଳଣା ପ୍ରଦର୍ଶନ କରିଥିଲେ। ଆମ ସଂସ୍କୃତିର ସୁରକ୍ଷା ହେଲେ ଆମର ପରିଚୟ ବିଶ୍ୱ ଦରବାରରେ ସୁଦୃଢ଼ ହେବ ବୋଲି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତ ମତପୋଷଣ କରିଥିଲେ।

ଶିକ୍ଷକ ପ୍ରତାପ କୁମାର ରାଉତ ଅତିଥି ପରିଚୟ କରିବା ସହିତ ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୀର୍ଘ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟନାରାୟଣ ସେଠୀ, ସନତ ପ୍ରଧାନ, ମହମ୍ମଦ ସମର ଉଦ୍ଦିନ, ହରିଶ ଚନ୍ଦ୍ର ଦଲାଇ, ଦିଲ୍ଲୀପ କୁମାର କାଣ୍ଡି, ଶିକ୍ଷୟିତ୍ରୀ ସରୋଜିନୀ ହାଁସଦା, ଗୀତାଞ୍ଜଳି ବେହେରା, କାବେରୀ ସେଠୀ, ସ୍ୱପ୍ନାମୟୀ ମହାପାତ୍ର, ବୈଜୟନ୍ତୀ କନହର ପ୍ରିୟଦର୍ଶନୀ ସ୍ୱାଇଁ, ପ୍ରଗତି ପୃଷ୍ଟି, ଜୟଶ୍ରୀ ନାୟକ, ପ୍ରମିଳା ବିଶ୍ୱାଳ, ବିଜୟଲକ୍ଷ୍ମୀ ପରିଡା, ଶକୁନ୍ତଳା ଦେଇ, ଲୋପାମୁଦ୍ରା ବରାଳ, ରଶ୍ମିତା ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ୩ ମାସ ହେଲା ଏଟିଏମ୍ ଅଚଳ

**ନୟାହାଟ,୮।୪/ଏନ୍‌ଏନ୍‌ଏସ୍:** ନୟାହାଟ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏଠାରେ ରହିଥିବା ଏଟିଏମ୍ ଗତ ଦୀର୍ଘ ୩ମାସ ହେଲା ଅଚଳ ହୋଇ ପଡ଼ିରହିଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତି ସପ୍ତାହର ରବି, ସୋମ, ବୁଧ ଓ ଶୁକ୍ରବାର ଏଠାରେ ସାପ୍ତାହିକ ହାଟ ବସିଥାଏ। ଏହା ଉପରେ ପୁରୀ, କଟକ, ଜଗତସିଂହପୁର ଜିଲ୍ଲାର ୬ଟି ବ୍ଲକ ତଥା କାକଟପୁର, ଅସ୍ତରଙ୍ଗ, କୋଣାର୍କ, ଗୋପ, ନିମାପଡ଼ା, ନାଉଗାଁ, ନିଆଳି ଅଞ୍ଚଳର ୧୦ହଜାରରୁ ଉର୍ଦ୍ଧ୍ୱ ପାନଚାଷୀ ନୟାହାଟ ଆସି କିଣାବିକା କରିଥାନ୍ତି। କୋଟି କୋଟି ଟଙ୍କାର ପାନ କିଣା ବିକା ହୋଇ ଓଡ଼ିଶା ସମେତ ଭାରତ ଓ ଭାରତ ବାହାରକୁ ପାନ ପଠାଯାଇଥାଏ। ନୟାହାଟ ବଜାରର କାନାରା ବ୍ୟାଙ୍କ ତଳେ ଥିବା ଏହି ଏସ୍‌ବିଆଇ ଏଟିଏମ୍‌ଟି ୩ ମାସ ହେଲା ଅଚଳ ହୋଇପଡ଼ିବା ଫଳରେ ଗ୍ରାହକମାନେ ଜରୁରୀ କାଳୀନ ପରିସ୍ଥିତିରେ ଟଙ୍କା ଉଠାଇବା ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି ବୋଲି ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି ଅଭିଗୋଗ କରିଛନ୍ତି।




# ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଭସ୍ମୀଭୂତ

**ମୁଣ୍ଡମୁହାଣ,୮।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ନିର୍ବାଚନମଣ୍ଡଳୀ ମଦନପୁର ଗ୍ରାମପଞ୍ଚାୟତ ଅଧୀନ କାଇମାଟିଆ ଗ୍ରାମରେ କୌଣସି କାରଣବଶତଃ ରାତ୍ରି ସମୟରେ ଅଗ୍ନିକାଣ୍ଡ ଘଟି ୪ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ଦୀନବନ୍ଧୁ ଭୋଇ, ବାସନ୍ତୀ ଭୋଇ, ନାରଣ ଭୋଇ ପ୍ରମୁଖଙ୍କ ଘର ସମେତ ସମସ୍ତ ଆସବାବପାତ୍ର, ପିଲାମାନଙ୍କ ବହିବସ୍ତାନୀ, ବାସନକୁସନ, ଲୁଗାପଟା ଆଦି ସବୁ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଆକସ୍ମିକ ଅଗ୍ନିକାଣ୍ଡ ପରେ ଆଶ୍ରୟହୀନ ହୋଇଯାଇଛନ୍ତି ସମସ୍ତ ପରିବାର ସଦସ୍ୟ। ଘଟଣାସ୍ଥଳରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ପଞ୍ଚାୟତ ସମିତି ସଭ୍ୟ ଅଜିତ ସାମନ୍ତରାୟ ପହଞ୍ଚି ପୀଡ଼ିତ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିବା ଜଣାଯାଇଛି। ସରକାରୀ ସ୍ତରରେ ତୁରନ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



# ସଂସ୍କୃତ ଶିକ୍ଷକଙ୍କ ବିୟୋଗରେ ଶୋକ

**ଅସ୍ତରଙ୍ଗ,୮।୪/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ପାଟଳଦା ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ସଂସ୍କୃତ ଶିକ୍ଷକ ମହେଶ୍ୱର ଦାଶଙ୍କ ଅକାଳ ବିୟୋଗରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ବାବାଜୀ, ଭରତ, ଜଗୁ, ସନ୍ତୋଷ, ରାଜୁ, ଦିଲ୍ଲୀପ, ତ୍ରିଲୋଚନ, ଜିତେନ୍ଦ୍ର, ମାନୁ, ରେଖା, ରେଣୁ, ବନ୍ଦନା, ଉର୍ମିଳା, ସୃଷ୍ଟିସ୍ରଷ୍ଟା, ପାର୍ବତୀ, ଗୁଲୁ, କାଳିଆ, ବସନ୍ତ, ଶରତ, ସୋନାଲି, ସମୀର, ଅଗମା, ସାଦିକ, ଶକୁନ୍ତଳା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ସାର୍‌ଙ୍କ ଅମର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ। ସ୍ୱର୍ଗତ ପଣ୍ଡିତ ସାର ଜଣେ ଅମାୟିକ, ଛାତ୍ରବତ୍ସଳ, ସ୍ନେହୀ ତଥା ଶିକ୍ଷାଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।



# ବିଜେପି ପ୍ରତିଷ୍ଠା ଦିବସରେ ଆଠଗଡ଼କୁ ଦୁର୍ନୀତି ଓ ଭୟମୁକ୍ତ କରିବାକୁ ଶପଥ



**ଆଠଗଡ଼,୮।୪/ଏନ୍‌ଏନ୍‌ଏସ୍:** ଆଠଗଡ଼କୁ ଦୁର୍ନୀତି ଓ ଭୟ ମୁକ୍ତ କରିବା ପାଇଁ ବିଜେପିର ୮୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଧାୟକ ପ୍ରାର୍ଥୀ ତଥା ଦଳର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଶହଶହ କର୍ମୀ ଶପଥ ନେଇଛନ୍ତି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଦିବସରେ ସ୍ଥାନୀୟ ଝୁଲଣ ପଡିଆଠାରେ ଶେଷ କରାଯାଇଛି। ଦଳର ବରିଷ୍ଠ ମହିଳା ନେତ୍ରୀ ସଂଯୁକ୍ତା ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ଥିବା ନୀତି ନୈତିକତା ଉପରେ ନିଜର ଅଭିଭାଷଣ ରଖିବା ସହିତ ଦଳର ପ୍ରତ୍ୟେକ କର୍ମକର୍ତ୍ତା ନିଜ ନିଜ ଘରମାନଙ୍କରେ ଦଳୀୟ ପତାକା ଲଗାଇବାକୁ ଆହ୍ୱାନ ଦେଇଥିଲେ।

ସେହିଭଳି ସଭାରେ ପୌରୋହିତ୍ୟ କରୁଥିବା ଶ୍ରୀ ବାରିକ ଦଳର ଆଭିମୁଖ୍ୟ ସହିତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନାମାନ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସଂକଳ୍ପ ନେବାକୁ ବାର୍ତ୍ତା ରଖିଥିଲେ। ଏହାସହିତ ସରକାରଙ୍କ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପୁନର୍ଗଠନ ଏବଂ ଆୟୁଷ୍ମାନ ଯୋଜନାରେ ଥିବା ସୁବିଧାଗୁଡିକ ଉପରେ ଆଲୋକପାତ କରିଥିଲେ। ସଭାରେ ସମସ୍ତ ମଣ୍ଡଳ ସଭାପତି ଏବଂ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରକାଶ ସେଠୀ, ସୂର୍ଯ୍ୟକାନ୍ତ ଦାସ, ହରେକୃଷ୍ଣ ମହାନ୍ତି, ସରୋଜ ଦାସ, ନୂତନ କୁମାର ରାଉତ, ବିଚିତ୍ରାନନ୍ଦ ସେଠି, ବିଚିତ୍ର ଜେନା, ତପନ ଲେଙ୍କା, ପ୍ରତିଭା ମହାନ୍ତି, ଗୋଲଖ ଲେଙ୍କାଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।

# ପରିଡ଼ାସାହିରେ ବାସନ୍ତୀ ଦୁର୍ଗାପୂଜା

**ମାହାଙ୍ଗା,୮।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତ ଆନନ୍ଦବଜାରସ୍ଥିତ ପରିଡ଼ାସାହିରେ ଦୀର୍ଘ ୪୭ବର୍ଷ ଧରି ମା' ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ପାଞ୍ଚ ଦିନ ବ୍ୟାପୀ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଲ୍ୱବରଣ, ପୂଜା ଆରମ୍ଭ, ସପ୍ତମୀ ପୂଜା, ଦଶହରା ପୂଜା ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଭାରତ ଭୂଷଣ ପରିଡ଼ା, କର୍ତ୍ତୀ ଭାବେ ଭାରତୀ ପରିଡା ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପୂଜକ ଭାବେ ବାବାଜି ଚରଣ ଦାଶ, ଲିଙ୍ଗରାଜ ଦାଶ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଅନାମ ଚରଣ ପରିଡା, ଗୟାଧର ଜେନା, ରୁଷି କୁମାର ରାଉତ, ବାବାଜି ଚରଣ ପରିଡା, ଧନେଶ୍ୱର ପରିଡା, ବସନ୍ତ ଜେନା, ବିଧୁଭୂଷଣ ପରିଡା, କୁନା ରାଉତ, ଯୁଧିଷ୍ଠିର ରାଉତ, ହଳଧର ପରିଡା, ବିଶ୍ୱଜିତ ମହାରଣା, ଅଜିତ ମହାରଣା, ବାପି ପରିଡା, ଗଙ୍ଗାପ୍ରସାଦ ପରିଡା, କମଳାକାନ୍ତ ରାଉତଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ଭାଗବତ ପଠନ, ପ୍ରବଚନ, ଘୋଡା ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ବିନାୟକ ଭଜନ ସନ୍ଧ୍ୟା ପକ୍ଷରୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସେହିପରି ମାହାଙ୍ଗା, ଚାୟାଁପାଳ ସମେତ ମାହାଙ୍ଗାର ବହୁ ସ୍ଥାନରେ ବାସନ୍ତୀ ପୂଜା ଅନୁଷ୍ଠିତ ହେଉଛି।



**AFFIDAVIT**

By virtue of an affidavit before Executive Magistrate, Jagatsinghpur, I Laxmidhar Dalai of Balipatana, P.o-Marichipur, P.s- Balikuda, Dist- Jagatsinghpur, Odisha that my son's name is Rishik Dalai but in his birth certificate wrongly mentioned as Rasib Dalai. Since now, my son known as Rishik Dalai instead of Rasib Dalai. Henceforth my son's name is **Rishik Dalai** for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 07.04.2025 I, Purnima Behera, W/o- Jumar Behera resident of At.- Ratnapur, P.O.-Chakada Gogua, Babar, Dist.-Kendrapara, PIN-754245, Odisha have changed my daughter's name from Lizarani Behera to **Laxmipriya Behera**. Henceforth she will be known as **Laxmipriya Behera** for all purpose. (Purnima Behera)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 07.04.2025 I, Jaladhar Swain, S/o Gouranga Swain resident of At.-Makuakateni, P.O.-Makuakateni, Sub. Dist.-Kamakshyanagar, P.S.-Kankadahad, Dist.-Dhenkanal, PIN-759039, Odisha have changed my daughter's name from Tanmayee Prava Swain to **Tanmayeeprava Swain**. Henceforth she will be known as **Tanmayeeprava Swain** for all purpose. (Jaladhar Swain)

**AFFIDAVIT**

By virtue of an affidavit sworn before the Notary Public, Cuttack dated 02.04.2025; I, Swetaswini Mohapatra, W/o- Suman Mohapatra, resident of Vill- Shree Bihar, Jajbhairab, Near Kali Mandira, P.O.- Charbatia, P.S.- Choudwar, Dist- Cuttack, Odisha hereby declare that I have changed my name from Swaetaswini Sahoo to Swetaswini Mohapatra. Henceforth, I shall be known as Swetaswini Mohapatra, W/o- Suman Mohapatra for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Rajesh Kumar Sahoo S/o- Ananta Charan Sahoo resident of Vill- Deulasahi, P.O.- Olaver, P.S.- Rajkanika, Dist.- Kendrapara hereby declare that my actual name is Rajesh Kumar Sahoo S/o- Ananta Charan Sahoo as recorded in my H.S.E Certificate Card bearing Roll No.- AD05099 but in my Aadhaar Card bearing No.- 9085 7230 1744, my name has been wrongly mentioned as Rajesh Sahoo S/o Ananta Charan Sahoo instead of Rajesh Kumar Sahoo S/o- Ananta Charan Sahoo. That, Rajesh Kumar Sahoo alias Rajesh Sahoo S/o Ananta Charan Sahoo is one and same person. Now I want to rectify my name as Rajesh Kumar Sahoo in place of Rajesh Sahoo in my above mentioned Aadhaar Card.

**NOTICE**

The partnership firm M/S Mahima Rice Industries bearing Regd No- 255/2015 Dist- Bargarh has been reconstituted on 15.01.2019 due to retirement of one partner namely is Sri Alok Kumar Agrawal and admission of two partners are Prahalad Kumar Agrawal & Bhola Ram Agrawal. The said firm has been reconstituted again on 01.04.2025 due to retirement of Sri Deepak Kumar Agrawal.

Prahalad Kumar Agrawal
Managing Partner
M/S Mahima Rice Industries

CAD-62

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006**
PHONE - 06854-242001. FAX - 06854242038.
E-mail: sgmel_ukhep@ohpcltd.com
CIN:U40101OR1995SGC003963

**E-Tender NOTICE No. - 01/2025-26, Dated 04.04.2025**

The Unit Head, Upper Kolab Hydro Electric Project, Bariniput, Korpaut, Odisha invites **percentage rate bid** in **double cover system** in **ONLINE MODE** only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Switchyard Road, UKHEP, Bariniput | 30,22,364.07/- | 30,230/- | 7080/- (Rs.6000+18 % GST) | "B or C" Class | From 10:00 AM of Dt. 10.04.2025 to 13:00 Hrs of Dt.22.04.2025 | At 12:30 Hrs. of Dt.23.04.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

Unit Head
UKHEP, Bariniput

OIPR-04002/11/0070/2425

O-21

**OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA.**
E-mail: eerwssnpd@rediffmail.com
**TENDER CALL NOTICE NO. 01 OF 2025-26**

In view of urgency for ensuing summer season the Executive Engineer, RWSS Division, Nuapada invites sealed tenders in conformity with Detailed Tender Call notice to arrive at Panel of rate as well as to be eventually drawn up in the state PWD F-2 Agreement of Government of Odisha, item Rate Contract bids for the works detailed in the table below from intending to be received from bonafide rig owners/ authorized P.A. holders of rigs having rig machine on hire or lease basis for drilling of tube wells in soft, Medium, hard and boulder formation as the case may be block wise depending upon the hydro geological condition.

| Sl. No. | Nature of work | Panel of rates for sinking of 125mm x100 mm diaTube wellsby DTH Rig |
|---|---|---|
| 1. | No of works | 01 (One) |
| 2. | Estimated Cost | 0.66 Lakhs |
| 3. | Time for Completion | 1 Month |
| 4. | Cost of bidding document | Rs.400/- |
| 5. | Class of Contractors eligible | D & C |
| 6. | The bids can be purchased from office of the Executive Engineer,RWS&S Division,Nuapada | During office hours on any working day from 11.00AM of 09-04-2025 to 4.00 P.M of 15-04-2025 |
| 7. | Last date & time for submission of tender papers in the tender box kept in the office of the Executive Engineer,RWS&S Division,Nuapada | 4.00 PM of 16-04-2025 |
| 8. | Date of opening of bids | On dtd-17-04-2025 at 11.30AM in the office of the Executive Engineer,RWS&S Division,Nuapada |

Subsequent corrigendum if any shall appear in the office notice board of the undersigned

Sd/- Executive Engineer
RWSS Division, Nuapada

OIPR-25043/11/0001/2425

B-13

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eemb1_bam@yahoo.com

**"e" Procurement Notice**

**Bid Identification No. S.E R&B Divn. No.I Bam. 60/2024-25**
**Lr. No. 6202, Dtd. 26.03.2025**

| | | |
|---|---|---|
| Name of work | : | Electrical work |
| No. of work | : | 2 (Two) No |
| Estimated cost | : | Approximately Rs. 13.35 to 31.41 Lakh |
| Period of completion of agreement | : | Three Calendar Months |
| Date and time of Availability of bid document in the portal | : | From 10.00 hours of 09.04.2025 to 16.00 hours of 16.04.2025 |
| Last date/time for receipt of bids in the portal | : | Upto 16.00 hours of 16.04.2025 |
| Name & address of the officer inviting bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd/- Superintending Engineer
Ganjam (R&B) Division No.I, Berhampur

OIPR-34109/11/0028/2425

# ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା, କ୍ଷେତ୍ର ପରିଦର୍ଶନ



**ଖୋର୍ଦ୍ଧା,୮।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଜ୍ଞାନ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଉପସ୍ଥିତ ଥିଲେ। ପରେ ପ୍ରମୁଖ ଶାସନ ସଚିବ ବିଭାଗୀୟ ସମସ୍ତ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀଙ୍କୁ ପ୍ରକଳ୍ପର ଅଗ୍ରଗତି ଓ ରୂପାୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ।

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜନସାଧାରଣଙ୍କ ସୁରକ୍ଷା, ପାନୀୟଜଳ, ଜଳଛତ୍ର କେନ୍ଦ୍ର, ପଶୁପକ୍ଷୀମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା, ନଳକୂପ ବ୍ୟବସ୍ଥା, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଜଳଛତ୍ର କେନ୍ଦ୍ର ୩୬୮ ଗୋଟି (ଗ୍ରାମାଞ୍ଚଳ ୨୭୩, ସହରାଞ୍ଚଳରେ ୯୫), ଛାମୁଡ଼ିଆ ୮୨ ଗୋଟି ନିର୍ମାଣ କରାଯାଇଛି। ଜିଲ୍ଲାରେ ୧୭୧୯୩ ଗୋଟି ନଳକୂପ ଥିବାବେଳେ, ଅଭିଯୋଗ ଆସିଲେ ୪୮ଘଣ୍ଟା ମଧ୍ୟରେ ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା, ଜେନସେଟ ମହଜୁଦ କରି ରଖିବା, ଅଂଶୁଘାତ ରୋଗୀଙ୍କ ସେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ପ୍ରସ୍ତୁତ କରି ରଖାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ଏକ ହଜରତ ମହଲ, ରାଜସ୍ୱ ଭବନ, ଟାଙ୍ଗୀ ତହସିଲ ଅଧୀନ ପ୍ରତ୍ୟାକ୍ଷିତ ବଙ୍ଗାଳୀ ପରିବାର ପାଇଁ ରହିବା ସ୍ଥାନ, ଉପନିବନ୍ଧକ କାର୍ଯ୍ୟାଳୟରେ ବିଜୁଳି ଆଲୋକ ଯୋଗାଣ, ବିଭାଗରେ କର୍ମଚାରୀ ନିଯୁକ୍ତି ଆଦି ସମସ୍ୟାଗୁଡିକ ଉପରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗରେ ଆଇସିୟୁ ଡାକ୍ତର, ଅକ୍ସିଜେନ୍ ପ୍ଲାଣ୍ଟର ଭିତ୍ତିଭୂମି ମଜବୁତ କରିବା, ଭେଷଜ ବିଶେଷଜ୍ଞ ନିଯୁକ୍ତି, ଅଲ୍ଟ୍ରା ସାଉଣ୍ଡ, ସିଟି ସ୍କାନ୍, ଏମ୍ଆର୍ଆଇ ଯନ୍ତ୍ରାଂଶକୁ ଆଧୁନିକୀକରଣ କରିବା ନେଇ ପ୍ରମୁଖ ସଚିବଙ୍କୁ ଅବଗତ କରାଯାଇଥିଲା। ଏହା ସହିତ ଜିଲ୍ଲାରେ ୫୧୬ ଡାକ୍ତର ମଞ୍ଜୁରୀ ପଦବୀ ଥିବାବେଳେ ୨୪୭ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ଖାଉଟି କଲ୍ୟାଣରେ ୪୪୬୭୪ ନୂତନ ରାଶନ କାର୍ଡ ପାଇଁ ଆବେଦନ ହୋଇଛି। ଜିଲ୍ଲାରେ ୨୫୧୪ ଅଙ୍ଗନବାଡ଼ି କେନ୍ଦ୍ରରେ ୧ ଲକ୍ଷ ୧୬ ହଜାର ୮୦୧ ପିଲା ଅଛନ୍ତି। ଜିଲ୍ଲାରେ ଅନୁସୂଚିତ ଜନଜାତି ଓଡ଼ିଆ ଅନୁସୂଚିତ ଜାତି ଛାତ୍ର ବୃତ୍ତି, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟ, ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ସଡ଼କ ପଥ, ଓପିଟିସିଏଲ୍ କାର୍ଯ୍ୟ, ପ୍ରାଚୀ ଡିଭିଜନ୍ କାର୍ଯ୍ୟ ଜଳସମ୍ପଦ, ଉଦ୍ୟାନ କୃଷି, କୃଷି, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପର ବିକାଶ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ସମୀକ୍ଷା କରି ଅଧିକାରୀମାନଙ୍କୁ ଜନକଲ୍ୟାଣ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରମୁଖ ସଚିବ ଏବଂ ଜିଲ୍ଲାପାଳ ଧଉଳି ଓ ବାଲିଅନ୍ତା ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ।

## ଅପର୍ଣ୍ଣା ମହାନ୍ତି ପାଇବେ ବିଷୁବ ପୁରସ୍କାର

**କଟକ,୮।୪/ଏନ୍ଏନ୍ଏସ୍:** ବିଶିଷ୍ଟ କବି ଓ ସାହିତ୍ୟ-ସମାଲୋଚକ ଅପର୍ଣ୍ଣା ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'ବିଷୁବ ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ଏକଲକ୍ଷ ଟଙ୍କା ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ସେହିପରି ପ୍ରବନ୍ଧ ଓ ସାହିତ୍ୟ-ସମାଲୋଚନା ପାଇଁ ଅଧ୍ୟାପକ ବେଣୁଧର ପାଢ଼ୀ, କବିତା ପାଇଁ ରଶ୍ମିତା ନାୟକ ଓ ଗଳ୍ପ ପାଇଁ କ୍ଷୀରୋଦ ଦାସଙ୍କୁ ଚଳିତବର୍ଷର 'ଝଙ୍କାର ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ନଗଦ ୨୫,୦୦୦ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଅନୁବାଦ-ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ନିମନ୍ତେ କମଳା ଶତପଥୀ 'ଝଙ୍କାର ଅନୁବାଦ-ଭାରତୀ' ପୁରସ୍କାର ପାଇବେ। ଏ ବାବଦରେ ତାଙ୍କୁ ଟ.୧୦,୦୦୦ ଓ ମାନପତ୍ର ପ୍ରଦାନ କରାଯିବ। ପ୍ରଜାତନ୍ତ୍ର ପରିସରରେ ଥିବା ବିଷୁବ ମଣ୍ଡପରେ ବିଷୁବମିଳନର ବାର୍ଷିକ ସମାବର୍ତ୍ତନ ଆସନ୍ତା ୧୨ ତାରିଖରୁ ତିନିଦିନବ୍ୟାପୀ ଆୟୋଜିତ ହେବ। ତେବେ ୧୪ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଏହିସବୁ ପୁରସ୍କାର ପ୍ରଦାନ କରାଯିବ।

## ୱାର୍ଡ କାର୍ଯ୍ୟାଳୟ ଓ ଯୋବ୍ରା ହାଇସ୍କୁଲ୍ ବିଜ୍ଞାନ କକ୍ଷ ଉଦ୍‌ଘାଟିତ



**କଟକ,୮।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୪୧ ନମ୍ବର ୱାର୍ଡ କାର୍ଯ୍ୟାଳୟ ଓ ସ୍ଥାନୀୟ ଯୋବ୍ରା ହାଇସ୍କୁଲ୍‌ରେ ବିଜ୍ଞାନ ପ୍ରୋଗ୍ରାମଲ୍ୟକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପ ମହାନଗରପାଳ ଦମୟନ୍ତୀ ମାଝୀ, ସ୍ଥାନୀୟ କର୍ପୋରେଟର୍ ସୁର୍ଣ୍ଣପ୍ରଭା ପଶାୟତ, ନିର୍ବାହୀ ଯନ୍ତ୍ରୀ ଭରତ କୁମାର ସେଠୀ, ଇଂ.ଅର୍ଣ୍ଣାମା ପାତ୍ର ଯୋବ୍ରା ଦୁର୍ଗା କମିଟି ସଭାପତି ପ୍ରମୋଦ ପାତ୍ର, ସମ୍ପାଦକ ସିମନ ଦାସ, ନିକୁଞ୍ଜ ପଶାୟତ ଆଦି ଯୋଗ ଦେଇଥିବା ବେଳେ ସ୍ଥାନୀୟ ପୁରବି ଓ ଜନସାଧାରଣ ଉପସ୍ଥିତ ଥିଲେ। ୱାର୍ଡ କାର୍ଯ୍ୟାଳୟ ଖୋଲିବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ସହଜରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ବିଜ୍ଞାନ ପ୍ରୋଗ୍ରାମଲ୍ୟ ଦ୍ୱାରା ଛାତ୍ରଛାତ୍ରୀମାନେ ବିଜ୍ଞାନ ପାଠ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପଛପଟେ ଅଗ୍ନିକାଣ୍ଡ

**ପୁରୀ, ୮।୪/ଏନ୍ଏନ୍ଏସ୍:** ପୁରୀର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପଛପଟେ ଘଟିଛି ଅଗ୍ନିକାଣ୍ଡ। ଆଜି ସକାଳ ସମୟରେ ଘଟିଥିଲା ଏଭଳି ଅଗ୍ନିକାଣ୍ଡ। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପଛପଟେ ରଖାଯାଇଥିବା ପୁରୁଣା ବ୍ୟାରିକେଡ୍‌ରେ ଲାଗିଥିଲା ନିଆଁ। ନିଆଁ ଲାଗି ଯାଇ ବ୍ୟାରିକେଡ୍ ଗୁଡିକ ହୁତ ହୁତ ହୋଇ ଜଳିଥିଲା। ଲୁହା, ପ୍ଲାଷ୍ଟିକ ଓ କାଠରେ ନିର୍ମିତ ବ୍ୟାରିକେଡରେ ନିଆଁ ଲାଗିବାରୁ ସମ୍ପୂର୍ଣ୍ଣ ପରିବେଶ ଧୂଆଁମୟ ହୋଇଯାଇଥିଲା। ନିକଟରେ ଏକାଧିକ କଲୋନୀରେ ସରକାରୀ କ୍ୱାର୍ଟର ରହିଛି। ପାଖରେ ନ୍ୟାୟାଧୀଶଙ୍କ ଠାରୁ ଅତିରିକ୍ତ ଜିଲ୍ଲାପାଳ ଓ ସରକାରୀ ଅଧିକାରୀଙ୍କ କ୍ୱାର୍ଟର ରହିଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ଏଭଳି ନିଆଁ ଲଗାଇଥାଇ ପାରନ୍ତି କିମ୍ବା କିଏ ସିଗାରେଟ ଖାଇ ପକାଇ ଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହେବ ବୋଲି ସାଧାରଣରେ ଦାବି ହୋଇଛି। ସୂଚନା ଥାଉ ଯେ ଗତ କିଛି ମାସ ତଳେ ଗୁଣ୍ଡିଚା ମନ୍ଦିର ପାଖରେ ମଧ୍ୟ ରଖାଯାଇଥିବା ବ୍ୟାରିକେଡରେ ନିଆଁ ଲାଗିଥିଲା।

## ପୂର୍ବତନ ଫୁଟବଲ୍ ଖେଳାଳିଙ୍କ ପରଲୋକ

**ଖୋର୍ଦ୍ଧା,୮।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପୂର୍ବତନ ଫୁଟବଲ୍ ଖେଳାଳି ମୁବଶିର ଅହମଦ ଖାଁ (ଟୁନା ଭାଇ) ପିତା ସ୍ୱର୍ଗତ ମୁବାରକ ଅହମଦ ଖାଁଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ରୋଗରେ ପୀଡ଼ିତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଦିନ ୫୮ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଫୁଟବଲ୍ ଖେଳାଳି ଓ ସମର୍ଥକ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ କେରଙ୍ଗସ୍ଥିତ ବାଘଟାଙ୍ଗି କବରସ୍ଥାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ସୁଦକ୍ଷ ଫୁଟବଲ୍ ଖଳାଳି ଓ କୋଚ୍ ଥିଲେ। କେରଙ୍ଗ ସିନିଅର୍ ଓ ଜୁନିଅର୍ ଫୁଟବଲ୍ ଟିମ୍ ପାଇଁ ତାଙ୍କର ବହୁତ ବଡ଼ ଅବଦାନ ରହିଛି। ବିଶେଷକରି କେରଙ୍ଗ ଆଦିବାସୀ ଓ ହରିଜନ ତଥା ଗରିବ ଶ୍ରେଣୀର ପିଲାମାନଙ୍କୁ ଖେଳ ମଇଦାନରେ ଆଗକୁ ବଢ଼ିବା, ଉନ୍ନତି କରିବା ପ୍ରତିଭାକୁ ଉଜାଗର କରିବା ପାଇଁ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରାଣପଣେ ଚେଷ୍ଟା କରିଥିଲେ। ସେ ଓଡ଼ିଶା ପୁଲିସରେ ୧୯୮୬ ମସିହାରେ କାର୍ଯ୍ୟରତ ଥିଲେ। ଆଉ ଦୁଇବର୍ଷ ପରେ ଅବସର ନେଇଥାନ୍ତେ। ସେ ଢେଙ୍କାନାଳ ଜିଲ୍ଲା ପୁଲିସ ବିଭାଗର ଫୁଟବଲ୍ ଦଳରେ ୧୦ବର୍ଷ ଧରି କ୍ୟାପଟେନ୍ ରହିଥିଲେ। ଓଡିଶା ଷ୍ଟେଟ୍ ଦଳରେ ବି ୧୦ ବର୍ଷ ଖେଳିଥିଲେ। ଦୁଇଥର ସନ୍ତୋଷ ଟ୍ରଫି ମ୍ୟାଚ୍‌ରେ ମଧ୍ୟ ଖେଳିବାର ସୌଭାଗ୍ୟ ପାଇଥିଲେ। ଖେଳ ପ୍ରତି ତାଙ୍କର ବହୁତ ରୁଚି ଥିଲା। ସେ ଅହମଦୀୟା ମୁସଲିମ ଧାର୍ମିକ ସଂଗଠନ ସହ ଜଡ଼ିତ ରହି ସର୍ବଦା ସଂଗଠନ କାମରେ ମଧ୍ୟ ଆଗଧାଡ଼ିରେ ରହୁଥିଲେ। ଏକଧାରାରେ ସେ ଜଣେ ଭଲ ଫୁଟବଲ୍ ଖେଳାଳି ସହ ସୁସଂଗଠକ, ମେଳାପୀ, ମିଷ୍ଟଭାଷୀ, ସରଳ, ଅମାୟିକ, ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ଥିଲେ।



## ଜୟ ଶ୍ରୀରାମ ଆଧ୍ୟାତ୍ମିକ ଲୋକସାହିତ୍ୟ ମହୋତ୍ସବ

**କଟକ,୮।୪/ଏନ୍ଏନ୍ଏସ୍:** କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜୟ ଶ୍ରୀରାମ ଆଧ୍ୟାତ୍ମିକ ଲୋକ ସାହିତ୍ୟ ମହୋତ୍ସବ ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ଆଧ୍ୟାତ୍ମିକ ଲୋକ ସାହିତ୍ୟରେ ନାମ ସଙ୍କୀର୍ତ୍ତନକୁ ଅନ୍ତର୍ଭୁକ୍ତ କରାଯାଇଛି। ଧବଳେଶ୍ୱର ସାରସ୍ୱତ ଆଶ୍ରମ ସଭାପତି ଶ୍ରୀମାନସ ଚୈତନ୍ୟ ମହାରାଜ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।



ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ନ୍ୟାୟଧିଶ ରତିକାନ୍ତ ମହାପାତ୍ର, ମୁଖ୍ୟ ବକ୍ତା ଡ. ଧରଣୀଧର ନାଥ ଯୋଗଦେଇ ଆଧ୍ୟାତ୍ମିକ ଲୋକ ସାହିତ୍ୟ ଓଡ଼ିଶାର ଅସ୍ମିତା ବୋଲି ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରିୟମ୍ବଦା ଦାସ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଇଂ. ଅଜୟ କୁମାର ପଣ୍ଡା, ଶିକ୍ଷାବିତ୍ ନୀଳକଣ୍ଠ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ହେମନ୍ତ କୁମାର ଜେନା, ଡ. ଅନିରୁଦ୍ଧ କୁରକୁରିଆ, ରାଜୀବ ଷଡ଼ଙ୍ଗୀ, ଡ. ବୈଜୟନ୍ତୀ ମାଳା ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଚାଳିଶଗୋଟି ସେବା ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ମର୍ଯ୍ୟାଦା ପୁରୁଷୋତ୍ତମ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଲେଖକ ଅଜୟ କୁମାର ପଣ୍ଡାଙ୍କ ପୁସ୍ତକ ଉନ୍ମୋଚିତ। କବି ମଧୁସୂଦନ ମିଶ୍ର, ସୋନାଲି ତ୍ରିପାଠୀ ଏବଂ ଗିତାମୟୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ସାହିଯାତ ପାଇଁ ଉତ୍ସବମୁଖର ଶ୍ରୀକ୍ଷେତ୍ର



**ପୁରୀ, ୮।୪/ଏନ୍ଏନ୍ଏସ୍:** ସାହିଯାତ ପାଇଁ ଉତ୍ସବମୁଖର ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ନୀତି ସହ ଜଡ଼ିତ ଏହି ସାହିଯାତ। ଏହି ସାହିଯାତ ରାମନବମୀ ଠାରୁ ଆରମ୍ଭ ହୋଇଥିବା ବେଳେ ରାମ ଅଭିଷେକ ପର୍ଯ୍ୟନ୍ତ ଏହା ଜାରି ରହିବ। ଗତକାଲି ସନ୍ଧ୍ୟାରେ ମାଟି ମଣ୍ଡପ ସାହି ସାହିଯାତ ବାହାରି କାଳିକା ଦେବୀ ସାହି ପରିକ୍ରମା କରିବା ସହ ଜଗନ୍ନାଥ ବଲ୍ଲଭ ମଠ ଠାରେ ଯଜ୍ଞ ରକ୍ଷା ବିଧି ସମ୍ପନ୍ନ ହୋଇଥିଲା। ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପାରମ୍ପରିକ ସଂସ୍କୃତି, କଳାକୁ ନେଇ ବିଭିନ୍ନ ମେଢ଼ ଓ ଲୋକକଳା ଥିଲା ବେଶ୍ ଆକର୍ଷଣୀୟ। ତେବେ ଏହି ପୁରାତନ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଚଳିତ ବର୍ଷ ସାହିଯାତ ଶୃଙ୍ଖଳାର ସହ ସମ୍ପାଦନା କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଥିବା ଜିଲ୍ଲାପାଳ କହିଥିଲେ। ପବିତ୍ର ରାମନବମୀ ଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ସାହି ଯାତ। ଆସନ୍ତା ୨୨ ତାରିଖ ରାମାଭିଷେକ ପର୍ଯ୍ୟନ୍ତ ଜାରି ରହିବ ସାହି ଯାତ। ଗତ ରବିବାର ରାମନବମୀ ଦିନ କାଳିକା ଦେବୀ ସାହି ପକ୍ଷରୁ ସାହି ଯାତର ଶୁଭାରମ୍ଭ ହୋଇଥିଲା। ସୋମବାର ସାହି ଯାତର ଦ୍ୱିତୀୟ ଦିବସରେ ମାଟି ମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ଓ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା ନୀତି ଅନୁଷ୍ଠିତ ହୋଇଥିଲା। ମାଟି ମଣ୍ଡପ ସାହି ପକ୍ଷରୁ ବାହାରିଥିବା ଜାତରେ ନବସୀରା, ପଞ୍ଚମୁଖୀ ହନୁମାନ, କାଳୀ ମେଢ଼, ନାଗା ଓ ସମରକଳା ପ୍ରଦର୍ଶନ କରି କାଳିକା ଦେବୀ ସାହିରେ ପହଞ୍ଚିଥିଲା। ସେହିପରି ହରଚଣ୍ଡୀ ସାହି ପକ୍ଷରୁ ବାହାରିଥିବା ଜାତରେ ନାକ କାନ, ଅସୁର ସହ ଶ୍ରୀରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ର ଋଷି ବାହାରି ବନ୍ଧୁ ସାହି ବାଲି ସାହିରେ ନୃତ୍ୟ ପରିବେଷଣ କରିବା ପରେ ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଥିଲେ। ରାମ ଅବତାର ଲୀଳାର ଅଂଶବିଶେଷ ଶ୍ରୀକ୍ଷେତ୍ରର ଏହି ସାହି ଯାତରେ ପରିପ୍ରକାଶ ପାଉଥିବା ବେଳେ ସଂସ୍କୃତି ଓ ପାରମ୍ପରିକ ସମର କଳା ଦେଖିବାକୁ ମିଳିଥାଏ। ସାହିଯାତ ସମୟରେ ପୁରୀ ସହରର ଭିନ୍ନ ଭିନ୍ନ ଅର୍ଥାତ୍ ଆଠ ଗୋଟି ସାହିରୁ ପଟୁଆର ଓ ମେଢ଼ ଆଦି ବନ୍ଧୁ ସାହି ଗୁଡ଼ିକରେ ପହଞ୍ଚି କଳାକୌଶଳ ପ୍ରଦର୍ଶନ କରିଥାନ୍ତି। ସାହି ଯାତରେ ସମରକଳା ସହିତ ଲୋକକଳା, ଲୋକନୃତ୍ୟ ତଥା ଲୋକବାଦ୍ୟ ପରମ୍ପରାର ସମ୍ମିଳିତ ରୂପ ଦେଖିବାକୁ ମିଳିଥିଲା। ଗତକାଲି ସାହିଯାତର ଦ୍ୱିତୀୟ ଦିନରେ ଯଜ୍ଞରକ୍ଷା ନୀତି ଅନୁଷ୍ଠିତ ହୋଇଥିବା ବେଳେ ଆଜି ତୃତୀୟ ଦିବସରେ ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ କଳା ହରଣ ଓ ସୀତା ବିବାହ ନୀତି ଅନୁଷ୍ଠିତ ହେବ।



## ୪୮ ଘଣ୍ଟା ପରେ ବି ପୁଲିସ ହାତ ଖାଲି



**ପୁରୀ, ୮।୪/ଏନ୍ଏନ୍ଏସ୍:** ମହିଳା ସାମ୍ବାଦିକଙ୍କୁ ଅସଦାଚରଣ ଓ ଆକ୍ରମଣ ଘଟଣାର ୪୮ ଘଣ୍ଟା ବିତିବା ପରେ ବି ଅଭିଯୁକ୍ତଙ୍କୁ ଧରୁନି ପୋଲିସ୍। ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ସାମ୍ବାଦିକ। ଶ୍ରୀମନ୍ଦିର ସମ୍ମୁଖରେ ଜଣେ ମହିଳା ସାମ୍ବାଦିକାଙ୍କୁ ଅସଦାଚରଣ ଏବଂ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଥିବା ବେଳେ କାହିଁକି ଅଭିଯୁକ୍ତଙ୍କୁ ଧରୁନି ପୋଲିସ। ଜଣେ ମହିଳା ସାମ୍ବାଦିକାଙ୍କୁ ସର୍ବସାଧାରଣରେ ଅସଦାଚରଣ ସହିତ ମାଡ ମରା ଯାଇଥିବା ବେଳେ ତାଙ୍କୁ ନ୍ୟାୟ ପ୍ରଦାନରେ ପୁରୀ ପୋଲିସର ହାଲୁକା ମନୋଭାବକୁ ଏବେ ସବୁଆଡେ କଡ଼ା ନିନ୍ଦା କରାଯାଉଛି। ସେହିପରି ଆଜି ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ପୁରୀରେ କାର୍ଯ୍ୟରତ ସାମ୍ବାଦିକ। ଗତ ସୋମବାର ଠାରୁ ସାମ୍ବାଦିକା ଲିନୁ ନାୟକ ଓ କ୍ୟାମେରା ମ୍ୟାନ ଶିବ ପଲେଇ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ମହିଳା ସାମ୍ବାଦିକାଙ୍କୁ ଅସଦାଚରଣ ଏବଂ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ଟିମ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଯଦି ଅଭିଯୁକ୍ତଙ୍କୁ ଗିରଫ ନ କରିବା ପ୍ରଯନ୍ତ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସାମ୍ବାଦିକା ଲିନୁ ନାୟକ ଚେତାବନୀ ଦେଇଛନ୍ତି।

ପୁରୀରେ କାର୍ଯ୍ୟରତ ବରିଷ୍ଠ ସେବାୟତ ସାମ୍ବାଦିକ ଅକ୍ଷୟ ମିଶ୍ର କହିଥିଲେ ଯେ, ''ଆଜି ଜଣେ ସାମ୍ବାଦିକ ନିଜ ପାଇଁ ନ୍ୟାୟ ଦାବି କରୁଛି। ସାମ୍ବାଦିକ ସବୁବେଳେ ସମାଜର ଉନ୍ନତି ଦିଗରେ କାମ କରେ। ଗତ ରାମ ନବମୀରେ ଶ୍ରୀମନ୍ଦିର ସମ୍ମୁଖରେ ସାର୍ବଜନୀନ ସ୍ଥାନରେ ଜଣେ ମହିଳା ସାମ୍ବାଦିକଙ୍କୁ ମାଡ ସହ ଅସଦାଚରଣ କରାଗଲା ଯାହାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଛି। ସମସ୍ତେ ଏହାକୁ ଦେଖୁଛନ୍ତି। ହେଲେ ପୁରୀ ପୋଲିସ୍‌କୁ ଏହା ଦେଖା ଯାଉନାହିଁ। ଏହାର ପ୍ରତିବାଦରେ ସବୁ ସାମ୍ବାଦିକ ଏକ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ପୁରୀ ଜିଲାପାଳଙ୍କୁ ଦାବି ପତ୍ର ମଧ୍ୟ ଦିଆଯାଇଛି। ସେହିପରି ସୋମବାର ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ ଯେ, ଏହି ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଏହାକୁ ପ୍ରଶାସନ ପକ୍ଷରୁ ଗୁରୁତର ସହ ନିଆଯାଇଛି। ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଏହି କେସର ଫଲୋଅପରେ ରହିଛନ୍ତି। ଆଇନ ଅନୁଯାୟୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଶ୍ରୀମନ୍ଦିର ସମ୍ମୁଖରେ ଥିବା ସେବାୟତଙ୍କ ପ୍ରବେଶ ବ୍ୟାରିକେଡ଼କୁ କିଭଳି ଶୃଙ୍ଖଳିତ କରାଯାଇପାରିବ ସେ ନେଇ ମଧ୍ୟ ପଦକ୍ଷେପ ନିଆଯିବ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଆଜି ସନ୍ଧ୍ୟାରେ ଆସି ଧାରଣା ରେ ଯୋଗ ଦେବା ସହ ସମବେଦନା ଜଣାଇଥିଲେ।

## 'ମୌଳିକ ପର୍ଯ୍ୟାୟ ସାରଣୀ' ଆଧାରିତ ଆଲୋଚନାଚକ୍ର

**ପୁରୀ,୮।୪/ଏନ୍ଏନ୍ଏସ୍:** ସର୍ବପୁରାତନ ବିଦ୍ୟାଳୟ ପିଏମ୍ ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ବିଜ୍ଞାନ କ୍ଲବ୍ ଦ୍ୱାରା ବିଦ୍ୟାଳୟ ବିଜ୍ଞାନ ଭବନ ପରିସରରେ ଏକ ବିଜ୍ଞାନ ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ମୌଳିକ ପର୍ଯ୍ୟାୟ ସାରଣୀ' ଉପରେ ପର୍ଯ୍ୟବେସିତ ଏହି ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ପୂର୍ବତନ ଶିକ୍ଷା ଅଧିକାରୀ ତଥା ବର୍ତ୍ତମାନର ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା ବିଶ୍ୱଜିତ୍ ଘୋଷ ଏବଂ କାର୍ଯ୍ୟରତ ଜିଲ୍ଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ତତ୍‌ସହିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ଓଡ଼ିଶାର ସୁନାମଧନ୍ୟ ଶିକ୍ଷା ଅନୁସନ୍ଧାନକରି ଅନୁଷ୍ଠାନ 'ଦି ୟୁରାନିୟମ୍'ର ସଭାପତି ଡ. ସୁଧାଂଶୁ ଶେଖର ତ୍ରିପାଠୀ ଉକ୍ତ ସଭାରେ ଡ. ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶ ଓ ଡ. ଦାଶଙ୍କ ମିଳିତ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଜିଲ୍ଲାର ସମସ୍ତ ପିଏମ ଶ୍ରୀ ବିଦ୍ୟାଳୟ ତଥା ଅତିବଡ଼ି ଜଗନ୍ନାଥ ଦାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ସାମିଲ ହୋଇଥିଲେ। ଡ. ତ୍ରିପାଠୀ ପର୍ଯ୍ୟାୟ ସାରଣୀର ଇତିହାସ, ମହତ୍ତ୍ୱ ଓ ମନେ ରଖିବାର ସହଜ ଉପାୟ ଶିଖିବା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଏପରି ପ୍ରୟାସ ଓ ପ୍ରସ୍ତୁତି ଦେଖି ଡ. ତ୍ରିପାଠୀ ବହୁତ୍ ସନ୍ତୁଷ୍ଟି ପ୍ରକାଶ କରିଥିଲେ ତଥା ଉଚ୍ଚକୋଟୀର ଆୟୋଜନ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଦାଶଙ୍କୁ ପ୍ରଶଂସା କରିଥିଲେ। ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଡ. ତ୍ରିପାଠୀ ଛୋଟ ଉପହାର ଦେଇ ପ୍ରଶଂସା କରିଥିଲେ। ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ଜେଟିପିଙ୍କ ପାଇଁ ପ୍ରଶିକ୍ଷଣ ଶିବିର



**ପୁରୀ,୮।୪/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ଜେଟିପିଙ୍କ ପାଇଁ ମଙ୍ଗଳବାର ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶ୍ରୀମନ୍ଦିରର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ ଏବଂ ସୁରକ୍ଷା ପ୍ରଶାସକଙ୍କ ଉପସ୍ଥିତିରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଜେଟିପିମାନଙ୍କୁ ଶୃଙ୍ଖଳା ଜ୍ଞାନ, ଆଚାର ବ୍ୟବହାର, ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ସଫଳ ଆୟୋଜନ ସକାଶେ ଧନ୍ୟବାଦ ଜ୍ଞାପନ ସହିତ, ସମସ୍ତ ଜେଟିପିମାନେ ଉତ୍ସର୍ଗୀକୃତ ଭାବେ ତଥା ଉତ୍ତରଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବା ନେଇ ପରାମର୍ଶ ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ତେବେ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ମଧ୍ୟ ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



## ରକ୍ତଦାନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ

**ପୁରୀ, ୮।୪/ଏନ୍ଏନ୍ଏସ୍ :** ଓଡ଼ିଆ ପକ୍ଷ ପାଳନର ୮ମ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ଣରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ରକ୍ତଦାନ ଅଭିଯାନର ଶୁଭାରମ୍ଭ କରିଥିଲେ। ରକ୍ତର ବିକଳ୍ପ କେବଳ ରକ୍ତ। ବର୍ତ୍ତମାନ ଗୋଟିଏ ୟୁନିଟ୍ ରକ୍ତରୁ ଏକାଧିକ ବ୍ୟକ୍ତିଙ୍କ ଜୀବନ ରକ୍ଷା କରାଯାଇପାରୁଛି। ତେଣୁ ସମସ୍ତେ ରକ୍ତଦାନ ପାଇଁ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହି ଅଭିଯାନରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍ ଅଧିକାରୀ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ରକ୍ତ ଭଣ୍ଡାର ଅଧିକାରୀ ଡା. ଦୀପକ କୁମାର ସାହୁ, ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର୍ ଡା. ବିନୋଦ କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ୍ ଅଫିସର୍ ଚନ୍ଦ୍ର ପ୍ରଭା ଦେଇ, ଭାରତ ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ସଦସ୍ୟ ବିଶ୍ୱ ଶାନ୍ତି ତ୍ରିପାଠୀ, କୁମାର ଭୀମସେନ, ହରପ୍ରସାଦ ମହାପାତ୍ର, ସୁପ୍ରିତୀ ରଥ, ରେଡ୍‌କ୍ରସ୍ କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦର ସମ୍ପାଦକ ଲକ୍ଷ୍ମୀ ନାରାୟଣ ଦାସ, ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାନ ଅଭିଯାନକୁ ପରିଚାଳନା କରିଥିଲେ। ରକ୍ତଭଣ୍ଡାର କର୍ମଚାରୀ ଦିପ୍ତୀରଞ୍ଜନ ନାୟକ, ମାନସ ରଞ୍ଜନ ନାୟକ, ଶକ୍ତିକାନ୍ତ ମହାପାତ୍ର ଓ ଅମିତ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଭାରତ ବିକାଶ ପରିଷଦ, ବଡ଼ଶଙ୍ଖ ଯୁବକ ସଂଘର କର୍ମକର୍ତ୍ତା, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ, ଏସ୍‌ସିଏସ୍ କଲେଜ, ସୂରଜ ମଲ୍ଲ ସାହା କଲେଜ, ଅଲାରନାଥ ଧନ୍ଦାମୂଳକ କଲେଜର ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ। ରେଡ୍‌କ୍ରସ୍ ଶାଖାର କର୍ମଚାରୀ ଆଦିତ୍ୟ କୁମାର ବରାଳ ଓ ବିଶ୍ୱଭୂଷଣ ଦାସ ରକ୍ତଦାନ ଶିବିର ପରିଚାଳନା କରିଥିଲେ।



## ଜଗତପୁରରେ ଜଳଛତ୍ର

**କଟକ,୮।୪/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର୍ ଭଏସ୍‌ଲେସ୍ ଓ ଯୁବ ରେଡ୍‌କ୍ରସ୍ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ଜଗତପୁରଠାରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଅଛି। ଗାନ୍ଧୀ ଶାନ୍ତି ସେବକ ଦେବାଶିଷ ସାହୁଙ୍କ ନେତୃତ୍ୱରେ ଜନସାଧାରଣ, ଯାତ୍ରୀ, ଛାତ୍ରଛାତ୍ରୀମାନଙ୍କୁ ଦହି ସର୍ବତ ବଣ୍ଟନ କରାଯଇଥିଲା। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ଅରୁଣ କୁମାର ମହାନ୍ତି, ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅବିନାଶ ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଡ.ବିଭୁଦତ୍ତ ଖଣ୍ଡାୟତ ରାୟ, ଝରଣା ବାରିକ, ମୌସୁମି ପ୍ରଧାନ, ରିଙ୍କୁ ମହାକୁଳ, ବିଶ୍ୱନାଥ ଜେନା, ରବିନ୍ଦ୍ରନାଥ ଦାସ, ମନୋରମା ନାୟକ, ମିନାକ୍ଷୀ ପାଲ, ମୋନାଲିସା ନାୟକ, ପୁଜା ମିଶ୍ର,ପୂଜା ଭୋଳ, ସାଧନା ଦାସ, ସୁଚିସ୍ମିତା ନାୟକ, ଭାଗ୍ୟଲକ୍ଷ୍ମୀ ଦଳାଇ, ପିଣ୍ଟୁ ସାହୁ, ଗୁଲନାର ପରବିନ ପ୍ରମୁଖ ଯୋଗ ଦେଇଥିଲେ।

## ଆଜିର ଇତିହାସ

- ୧୬୬୯-ସମସ୍ତ ହିନ୍ଦୁ ସ୍କୁଲ୍ ଓ ମନ୍ଦିରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଔରଙ୍ଗଜେବ ଆଦେଶ ଦେଇଥିଲେ।
- ୧୭୫୬-ବଙ୍ଗର ନବାବ ଅଲୀ ବର୍ଦି ଖାନଙ୍କର ନିଧନ ହୋଇଥିଲା।
- ୧୯୬୫-କଚ୍ଛ ଠାରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା।
- ୨୦୦୪- ଆବୁ ସଲେମକୁ ଭାରତ ପ୍ରତ୍ୟାର୍ପଣ ସମ୍ବନ୍ଧୀୟ ଆଦେଶର ପୁନଃ ସମୀକ୍ଷା ପାଇଁ ଆଗ୍ରହ କରାଯାଇଥିଲା।
- ୨୦୦୮-ଉତ୍ତରପ୍ରଦେଶ ସରକାର ଦଲିଆ ଓ କପି ସମେତ ଦେଢ଼ ଡର୍ଜନ ବସ୍ତୁଗୁଡ଼ିକୁ ଭ୍ୟାଟ୍‌ମୁକ୍ତ କରିଥିଲେ।
- ୨୦୧୦-ଜାମ୍ମୁ-କାଶ୍ମୀରର ବିଧାନସଭା, ଅନ୍ତର୍ଜିଲ୍ଲା ଭର୍ତ୍ତି ଉପରେ ପ୍ରତିବନ୍ଧକ ଲଗାଯାଇଥିବା ସମ୍ବନ୍ଧୀୟ ବିବାଦିତ ବିଧେୟକ ପାରିତ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – କାର୍ଯ୍ୟସ୍ଥଳରେ ଅନୁଶାସନରୁ ଲାଭ ମିଳିବ। ବୁଦ୍ଧିମାନର ସହିତ ଖର୍ଚ୍ଚର ପ୍ରବନ୍ଧନ କରିବେ। ଏଥିରେ ବେକାର ଖର୍ଚ୍ଚକୁ ରୋକିହେବ। ପରିବାର ସହିତ ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ବ୍ୟସ୍ତତା ଅଧିକ ରହିବ।

**ବୃଷ** – କୌଣସି ସହକର୍ମୀଙ୍କୁ ସାହାଯ୍ୟର ଆବଶ୍ୟକତା ଥାଇପାରେ। ପ୍ରଥମିକତା ସହିତ ବୁଝାମଣା ନକରି ସାହାଯ୍ୟ ପ୍ରଦାନ କରିବା ମହତ୍ତ୍ୱପୂର୍ଣ୍ଣ ହେବ। ସମ୍ପତ୍ତିକୁ ଭଡ଼ାରେ ଦେଲେ ଲାଭ ପାଇବେ। ମନ ପ୍ରସନ୍ନ ରହିବ।

**ମିଥୁନ** – ମାତାପିତାଙ୍କ ସହିତ ସାକ୍ଷାତ ହୋଇପାରେ। ଦୂର ଯାତ୍ରା କରୁଥିଲେ ଶାନ୍ତି ପାଇବେ। ସ୍ୱାସ୍ଥ୍ୟ ଭଲ ରହିବ। ବିତ୍ତୀୟ ସୁବିଧା ନିଜ ନିୟନ୍ତ୍ରଣରେ ରହିବ। ବେକାର କ୍ରୋଧରୁ ଦୂରରେ ରୁହନ୍ତୁ। ଜୀବନସାଥିର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖିବେ।

**କର୍କଟ** – ଆର୍ଥିକ ମାମଲାରେ ଭାଗ୍ୟର ସହଯୋଗ ପାଇବେ। କିଛି ଲୋକଙ୍କୁ ଭଲ ପ୍ୟାକେଜ୍‌ରେ ନୂଆ ଜବ୍ ମିଳିବ। ସ୍କିନ୍ ଆଲର୍ଜିର ସମସ୍ୟା ହୋଇପାରେ। ଯାତ୍ରା ଯୋଗ ଅଛି। ଘର ମରାମତିରେ ଧନ ଖର୍ଚ୍ଚ କରିପାରନ୍ତି।

**ସିଂହ** – କ୍ଲାନ୍ତ ଅନୁଭବ କରିବେ। ସେଥିପାଇଁ ବ୍ୟକ୍ତିଗତ ଓ ପେସାଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଉଚିତ। ଆର୍ଥିକ ପ୍ଲାନିଂ ସଫଳ ରହିବ। ସ୍ଥିରତା ପାଇଁ ପ୍ରୟାସର ଆବଶ୍ୟକତା ରହିଛି। ନିଜର ପରିଚୟ ସୃଷ୍ଟି କରିବେ।

**କନ୍ୟା** – ଆତ୍ମବିଶ୍ୱାସର ସହିତ ଆଜି ଆଗକୁ ବଢ଼ିବେ। ଆର୍ଥିକ ବିକାଶ ସ୍ଥିର ରହିବ। ଏହା ଭବିଷ୍ୟତର ବୈଭବଶାଳୀ ଜୀବନର ରାସ୍ତା ଖୋଲିବ। ଧୈର୍ଯ୍ୟର ପରୀକ୍ଷା ଦେବେ। ବୁଝାମଣା କୌଣସି ନିରାଶାକୁ କମ୍ କରିବ।

**ତୁଳା** – ଶରୀରର ସଂକେତ ଉପରେ ଧ୍ୟାନ ଦେବେ। ଅଧିକ ଚାପ ଯୋଗୁ କ୍ଲାନ୍ତ ହେବେ। କମିଶନ ଉପରେ କାମ କରୁଥିଲେ ଉତ୍‌ଥାନ-ପତନର ଆଶା କରିପାରନ୍ତି। ସାବଧାନତାର ସହିତ ଯୋଜନା କରିପାରନ୍ତି। କ୍ୟାରିୟର୍‌ରେ ଆଗକୁ ବଢ଼ିବେ।

**ବିଛା** – କୌଣସି ମତେ ଆର୍ଥିକ ସ୍ଥିତିକୁ ଉତ୍କୃଷ୍ଟ କରେଇ ପାରିବେ। ସମୟ ସହିତ ଚାଲିବା ଯୋଗୁ କାର୍ଯ୍ୟଭାର ହାଲୁକା ହେବ। ବୟସ୍କ ବ୍ୟକ୍ତି ପାରିବାରିକ ତଥ୍ୟ ଦେବେ। ଛାତ୍ରଛାତ୍ରୀମାନେ ପାଠପଢ଼ା ଉପରେ ଧ୍ୟାନ ଦେବେ।

**ଧନୁ** – ସମ୍ପତ୍ତି ନିବେଶର ପ୍ରବଳ ସମ୍ଭାବନା ରହିଛି। ଅବସରରୁ ଲାଭ ଉଠାଇବେ। ଅଧିକ ପରିଶ୍ରମ ନକଲେ ଭଲ। ଆର୍ଥିକ ଚିନ୍ତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କାମଜନିତ ଚାପର ସମ୍ମୁଖୀନ ହେବେ।

**ମକର** – ପରିବାରରେ କୌଣସି ପିଲାଙ୍କୁ ଗାଇଡ୍ କରିପାରନ୍ତି। ସମ୍ପତ୍ତିଜନିତ ମାମଲାରୁ ଲାଭ ପାଇବେ। ସୁଖଦ ଆର୍ଥିକ ସର୍‌ପ୍ରାଇଜ ଦିନଟିକୁ ଖୁବ୍ ଉତ୍ତମ କରିବ। କାମ ପ୍ରତି ନିଜର ସମର୍ପଣ ପାଇଁ ପରିଚୟ ପାଇବେ।

**କୁମ୍ଭ** – ଆର୍ଥିକ ସ୍ଥିତିରେ ସୁଧାର ହେବ। କଠିନ ପରିଶ୍ରମ କ୍ୟାରିୟର୍‌ର ଉପଲବ୍ଧିଗୁଡ଼ିକ ପାଇଁ ମଜବୁତ ମୂଳଦୁଆ ପକାଇବ। ଯାତ୍ରା ସୁଖ ମିଳିପାରେ। କାରବାରରେ ବୃଦ୍ଧି ହେବ। ଲାଭର ଅବସର ପାଇବେ।

**ମୀନ** – ଅଧିକ ଏନର୍ଜେଟିକ୍ ରହିବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସୋର୍ସରୁ ପରିଣାମ ପାଇବା ପାଇଁ ସମୟ ଲାଗିବ। କିନ୍ତୁ ଲାଭ ମିଳିବ। ବ୍ୟବସାୟିକ ସ୍ତରରେ ସଫଳତାର ରାସ୍ତାରେ ଅଛନ୍ତି। ଘରୋଇ ମାମଲାରେ ଧ୍ୟାନ ଦେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍।**
**କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍। (୯/୭)**

ହେ କୌନ୍ତେୟ! କଳ୍ପକ୍ଷୟ ସମୟରେ ସମସ୍ତ ଭୂତ ଆମ୍ଭର ତ୍ରିଗୁଣାତ୍ମିକା ପ୍ରକୃତିରେ ଲୀନ ହୁଅନ୍ତି। କଳ୍ପ ଆରମ୍ଭ ହେଲେ ଆମ୍ଭେ ଏମାନଙ୍କୁ ପୁଣି ସୃଷ୍ଟି କରୁ। ଏହାର ମାନେ ହେଲା ଯେ ଭଗବାନ ନିର୍ଲିପ୍ତ କିନ୍ତୁ ସ୍ୱକୀୟ ତ୍ରିଗୁଣାତ୍ମିକ ମାୟା ପ୍ରଭାବରେ ସୃଷ୍ଟି ପ୍ରଳୟ କରନ୍ତି। ସୃଷ୍ଟି ଓ ସ୍ଥିତି ସମୟରେ ପରମାତ୍ମା ଭୌତିକ ପଦାର୍ଥରେ ଲିପ୍ତ ନଥାନ୍ତି। ଭଗବାନଙ୍କର ମାୟା ପ୍ରଭାବରେ ଯେଉଁ ଜଗତ ସୃଷ୍ଟି ହେଇଛି ପ୍ରଳୟ କାଳ ଉପସ୍ଥିତ ହେଲେ ସେହି ମାୟା ବା ପ୍ରକୃତିରେ ହିଁ ଜଗତ ପ୍ରବୀଷ୍ଟ ହୁଏ ଏବଂ ସୃଷ୍ଟି ଆରମ୍ଭରେ ସେହି କାରଣସ୍ୱରୂପ ବୀଜରୁ ଭୂତ ସମୂହ ସେ ପୁଣି ରଚନା କରନ୍ତି। ଏହି ଦିବ୍ୟ ପ୍ରକ୍ରିୟା ନିରନ୍ତର ଚାଲିଥାଏ ବୋଲି ଭଗବାନ ଏଠାରେ ସୂଚାଇ ଦେଲେ।

# ଦୂର ହେଉଛି ଚନ୍ଦ୍ର



କେବେ କେବେ ଆମମାନଙ୍କ ପାଖରେ ଦିନସାରା ଏତେ କାମ ଥାଏ ଯେ ୨୪ ଘଣ୍ଟା ମଧ୍ୟ କମ୍ ପଡ଼ିଯାଏ। କିନ୍ତୁ ବିଲିୟନ୍ ବର୍ଷ ପୂର୍ବରୁ ପୃଥିବୀର ଗୋଟିଏ ଦିନର ସମୟ ୧୦ ଘଣ୍ଟାରୁ ବି କମ୍ ଥିଲା। କିନ୍ତୁ ଏବେ ଚନ୍ଦ୍ର, ପୃଥିବୀ ଠାରୁ ଧୀରେ ଧୀରେ ଦୂରକୁ ଚାଲି ଯାଉଛି ଯାହା ଆଗାମୀ ଦିନରେ ସମୟକୁ ପ୍ରଭାବିତ କରିବ। ଚନ୍ଦ୍ର ଦୂରକୁ ଯିବାର କାରଣ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି କିମ୍ବା ଟାଇଡାଲ୍ ଫୋର୍ସେସ୍। ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ପୃଥିବୀ ଉପରେ ପଡ଼ିଲେ ମହାସାଗରଗୁଡ଼ିକରେ ଜୁଆର ଆସେ। ମୁଖ୍ୟତଃ ଚନ୍ଦ୍ର ଗ୍ରାଭିଟେସନାଲ୍ ଟଗ୍ ଅଫ୍ ୱାର୍‌ର ନିର୍ମାଣ କରେ। ଏହି ଉର୍ଜା କାରଣରୁ ପ୍ରତିବର୍ଷ ଚନ୍ଦ୍ର ଧୀରେ ଧୀରେ ୩.୮୨ ସେ.ମି ଦୂରକୁ ଚାଲିଯାଉଛି ଓ ପୃଥିବୀରେ ପ୍ରତି ଶହେ ବର୍ଷରେ ଦିନର ସମୟ ପାଖାପାଖି ୧.୭ ମିଲିସେକେଣ୍ଡ୍ ଲମ୍ବା ହୋଇ ଚାଲିଛି। ଅନ୍ତରୀକ୍ଷ ବୈଜ୍ଞାନିକଙ୍କ ଅନୁସାରେ ଆମକୁ ୩.୮୨ ସେ.ମିର ପାର୍ଥକ୍ୟ ବହୁତ ବେଶୀ ଲାଗୁନାହିଁ କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଛୋଟ ପାର୍ଥକ୍ୟ ପୃଥିବୀରେ ଜୀବନକୁ ପ୍ରଭାବିତ କରିପାରେ ଯେଉଁ କାରଣରୁ ଆମ ଗ୍ରହର ଗତି ଧୀମା ହୋଇପାରେ। ଆରମ୍ଭରେ ଯେତେବେଳେ ପୃଥିବୀର ନିର୍ମାଣ ହୋଇଥିଲା ସେତେବେଳେ ଚନ୍ଦ୍ରର ନିର୍ମାଣ ମଧ୍ୟ ନୂଆ କରି ହୋଇଥିଲା। ସେ ସମୟରେ ଦିନ ପାଞ୍ଚ ଘଣ୍ଟା ଲମ୍ବା ହେଉଥିଲା କିନ୍ତୁ ବିଗତ ୪.୫ ବିଲିୟନ୍ ବର୍ଷ ହେଲାଣି ପୃଥିବୀରେ ଚନ୍ଦ୍ରର ବ୍ରେକିଂ ଇଫେକ୍ଟ କାରଣରୁ ଦିନର ସମୟ ଧୀମା ହୋଇ ୨୪ ଘଣ୍ଟା ହୋଇଛି ଓ ଭବିଷ୍ୟତରେ ମଧ୍ୟ ଏହି ସମୟ ଧୀମା ହୋଇ ରହିବ।


# ଶେଷ ମିଶନ୍ ପ୍ରସ୍ତୁତିରେ ଟମ୍ କ୍ରୁଜ



ହଲିଉଡ୍‌ର ସୁପରହ୍ୟୁମ୍ୟାନ ଟମ୍ କ୍ରୁଜ ତାଙ୍କର ବିପଦଜନକ ଷ୍ଟଣ୍ଟ୍‌ସକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ତାଙ୍କ ଫିଲ୍ମଗୁଡିକରେ ଯେଉଁଭଳି ଭାବରେ ଷ୍ଟଣ୍ଟ ଦୃଶ୍ୟ ସବୁ ଦେଖିବାକୁ ମିଳେ ସେଗୁଡ଼ିକ ସାଧାରଣ ଭାବରେ କରିବା ସେତେ ସହଜ ହୋଇନଥାଏ। ଟମ୍‌ଙ୍କର 'ମିଶନ୍ ଇମ୍ପସିବୁଲ୍' ଫିଲ୍ମ ସିରିଜ ଏହିପରି କାରନାମାଗୁଡ଼ିକ ପାଇଁ ବେଶ୍ ପ୍ରସିଦ୍ଧ। ବିଗତ ସାତ ବର୍ଷ ମଧ୍ୟରେ ଟମ୍ ସବୁ ପ୍ରକାରର ଷ୍ଟଣ୍ଟ ଦୃଶ୍ୟ କରି ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛନ୍ତି। ଏବେ ସେ ପୁଣି ଥରେ ଏକ ନୂଆ ମିଶନ ପାଇଁ ବାହାରିଲେଣି ଯେଉଁଥିରେ ପୁଣି ଥରେ ଦର୍ଶକମାନଙ୍କୁ ସେ ଆଶ୍ଚର୍ଯ୍ୟ କରିବେ। ଟମ୍‌ଙ୍କର 'ମିଶନ ଇମ୍ପସିବୁଲ୍' ଫିଲ୍ମ ସିରିଜର ପାର୍ଟ-୨ 'ମିଶନ୍ ଇମ୍ପସିବୁଲ୍ - ଦି ଫାଇନାଲ୍ ରେକନିଂ 'ର ଟ୍ରେଲର୍ ରିଲିଜ ହୋଇଛି ଯେଉଁଥିରେ ଏଥନ୍ ହଣ୍ଟ ପୁଣି ଥରେ ଏକ ବିପଦଜନକ ମିଶନ ପାଇଁ ବାହାରିଛନ୍ତି। ଏଥିରେ ରହିଛି ଅନେକଗୁଡ଼ିଏ ଆଖିଦୃଶିଆ ଷ୍ଟଣ୍ଟ ଦୃଶ୍ୟ। ଟ୍ରେଲର୍‌ର ଆରମ୍ଭରେ ଏକ ପ୍ଲେନ୍‌ରେ ତାଙ୍କର କାରନାମାଗୁଡ଼ିକ ନଜର ଆସୁଛି। ପରେ ଅନ୍ୟସବୁ କାରନାମାଗୁଡ଼ିକ ଦେଖିବାକୁ ମିଳୁଛି। ଏହାପରେ ତାଙ୍କ ହାତରେ ହାତକଡ଼ି ପଡ଼ିଥିବାର ଦେଖିବାକୁ ମିଳୁଛି ଟ୍ରେଲର୍‌ରେ। କିନ୍ତୁ ଟମ୍‌ଙ୍କ ଚରିତ୍ର ପାଇଁ କୌଣସି ମିଶନ ଅସମ୍ଭବ ନୁହେଁ। ସରକାରଙ୍କ ସହିତ ବୁଝାମଣା କରି ସେ ଦୁନିଆକୁ ରକ୍ଷା କରିବାର କାମ କରୁଛନ୍ତି। ଏହାପରେ ଇଥନ୍ ହଣ୍ଟ ସବୁ ପ୍ରକାରର ସମସ୍ୟାକୁ ଅତିକ୍ରମ କରିବାକୁ ଚେଷ୍ଟା କରିବା ସମୟରେ ଏହି ରାସ୍ତାରେ ପୁଣି ଥରେ ଗାବ୍ରିଏଲ୍ ଆସୁଛି ଯିଏ ଦୁନିଆକୁ ଶେଷ କରିବାକୁ ଚାହୁଁଛି। ତେବେ ଇଥନ୍ ଦୁନିଆ ସହିତ ନିଜର ନିକଟ ସମ୍ପର୍କୀୟମାନଙ୍କୁ ବଞ୍ଚେଇବାକୁ ଚେଷ୍ଟା କରିବ। ଇଥନ୍ ହଣ୍ଟ ନିଜ ମିଶନରେ ସଫଳ ହେଉଛି କି ନାହିଁ ଏହା ଫିଲ୍ମ ଦେଖିବା ପରେ ଜଣାପଡ଼ିବ।

# ବୟାନା କିଲ୍ଲାର ଗୌରବଶାଳୀ ଇତିହାସ

ରାଜସ୍ଥାନର ଭରତପୁରରେ ସ୍ଥିତ ବୟାନା କିଲ୍ଲା ତା'ର ପୁରୁଣା, ଅଦ୍ଭୁତ ନିର୍ମାଣ କାର୍ଯ୍ୟ ଓ ଐତିହାସିକ ମହତ୍ତ୍ୱ ପାଇଁ ପ୍ରସିଦ୍ଧ। ଏକ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ ଏହି କିଲ୍ଲାର ଗଠନଶୈଳୀ ଏହାକୁ ଶାନ୍‌ଦାର ଓ ମଜବୁତ କିଲ୍ଲା ଭାବରେ ପ୍ରମାଣିତ କରିଛି। ଏହି କିଲ୍ଲାର କାନ୍ଥଗୁଡ଼ିକର ସଂରଚନା ଏହାର ଭବ୍ୟତା ଓ ଐତିହାସିକତାର ପ୍ରମାଣ ଦେଇଥାଏ। ଏହି କିଲ୍ଲା କେବଳ ଏକ ସୁନ୍ଦର ସଂରଚନା ନୁହେଁ ଅନେକ ରାଜାମାନଙ୍କର ଶାସନର ମଧ୍ୟ ଏହା ସାକ୍ଷୀ ହୋଇ ରହିଛି। ବୟାନା କିଲ୍ଲା ଅନେକ ଶତାବ୍ଦୀର ପୁରୁଣା କିଲ୍ଲା ଯାହାର ନିର୍ମାଣ ପ୍ରାଚୀନ କାଳରେ କରାଯାଇଥିଲା। ଅନେକ ରାଜାଙ୍କର ଶାସନକାଳ ସହିତ ଜଡ଼ିତ ଏହି କିଲ୍ଲାର ଉପଯୋଗ ମୋଗଲ ଓ ରାଜପୁତମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ରକ୍ଷା ସ୍ଥାନ ଭାବରେ କରାଯାଏ। ଅନେକ ଯୁଦ୍ଧ ଓ ଆକ୍ରମଣ ସତ୍ତ୍ୱେ ଏହି କିଲ୍ଲା ଆଜି ବି ନିଜର ଗୌରବଗୁଡ଼ିକୁ ସଂଯୋଗ କରି ରଖିଛି। ଏହି କିଲ୍ଲାର ଗାଥା ଏହାର କାନ୍ଥଗୁଡ଼ିକରେ ରହିଛି ଯେଉଁଗୁଡ଼ିକ ବୀରତା, ପରାକ୍ରମ ଓ ସଂଘର୍ଷର କାହାଣୀ କହୁଛନ୍ତି। କିଲ୍ଲା ଭିତରେ ସ୍ଥିତ ଏକ ପ୍ରାଚୀନ ଶିବ ମନ୍ଦିର ଧାର୍ମିକ ଆସ୍ଥାର ଏକ ମହତ୍ତ୍ୱ କେନ୍ଦ୍ର। ସେଠାକୁ ଯାଉଥିବା ଶ୍ରଦ୍ଧାଳୁମାନେ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରନ୍ତି ଓ ଭୂତିଆ ବାଓ୍ୱଡ଼ିକୁ ରହସ୍ୟମୟ ସ୍ଥାନ ଭାବରେ ମାନନ୍ତି। ସେଠାରେ ଥିବା ଗଭୀର ଓ ଅନ୍ଧାରିଆ ଗଳିଗୁଡ଼ିକୁ ଦେଖିବା ପରେ ସେ ସ୍ଥାନର ଅଲଗା ରୋମାଞ୍ଚକ ଅନୁଭବ ମିଳେ। ଏସବୁ ବ୍ୟତୀତ କିଲ୍ଲାରେ ଭୀମ ଲାଇଟ୍ ମଧ୍ୟ ରହିଛି ଯାହାର ସମ୍ପର୍କ ରହିଛି ମହାଭାରତ ସମୟ ସହିତ। ଏହାକୁ ଭୀମ ନିର୍ମାଣ କରିଥିଲେ। ଏହି ସ୍ଥାନର କେବଳ ଐତିହାସିକ ନୁହେଁ ପୌରାଣିକ ମହତ୍ତ୍ୱ ମଧ୍ୟ ରହିଛି। ବିଶାଳ ପଥର ଦ୍ୱାରା ନିର୍ମିତ ଏହାର ପ୍ରାଚୀରଗୁଡ଼ିକ କିଲ୍ଲାକୁ ଅଜେୟ କରିଛନ୍ତି। କିଲ୍ଲାର ପ୍ରାଚୀନତା, ଅଦ୍ଭୁତ ବାସ୍ତୁକଳା ଓ ଗୌରବଶାଳୀ ଇତିହାସ ଏହାକୁ ରାଜସ୍ଥାନର ମହତ୍ତ୍ୱପୂର୍ଣ୍ଣ କିଲ୍ଲା ମଧ୍ୟରୁ ଅନ୍ୟତମ ସ୍ଥାନ ଦେଇଛି।



# ଚର୍ଚ୍ଚ ନା ରେସ୍‌ଲିଂ ରିଙ୍ଗ୍

ଚର୍ଚ୍ଚର ନାମ ଶୁଣିବା ମାତ୍ରେ ମନରେ ଏକ ଶାନ୍ତ, ପବିତ୍ର ଓ ଆଧ୍ୟାତ୍ମିକ ସ୍ଥାନର ଛବି ଆସିଯାଏ। ଯେଉଁଠାରେ ଲୋକମାନେ ପ୍ରଭୁ ଯୀଶୁଙ୍କ ସହିତ ହୃଦୟର କଥା କହନ୍ତି, ପ୍ରାର୍ଥନା କରନ୍ତି ଓ ଆଧ୍ୟାତ୍ମିକ ଶାନ୍ତି ପାଆନ୍ତି। କିନ୍ତୁ କେବେ ଏପରି ଚର୍ଚ୍ଚ ଦେଖିଛନ୍ତି କି ଯେଉଁଠାରେ ପ୍ରାର୍ଥନା ସରିବା ପରେ ଜବରଦସ୍ତ ରେସ୍‌ଲିଂ ଓ ଦର୍ଶକମାନଙ୍କର ତାଳିମାଡ଼ ଥାଏ। ତେବେ ସେଠାରେ କୌଣସି ଫିଲ୍ମି ଦୃଶ୍ୟର ସୁଟିଂ ହେଉନଥାଏ। ଇଂଲଣ୍ଡର ଶିପ୍ଲେ ସହରରେ ଅଛି ସେଣ୍ଟ ପିଟର୍ସ ଆଙ୍ଗଲିକନ୍ ଚର୍ଚ୍ଚ ଯାହାକୁ ଏବେ କୁହାଯାଉଛି ରେସ୍‌ଲିଂ ଚର୍ଚ୍ଚ। ସେଠାରେ ପ୍ରତି ମାସରେ ଏକ ଖାସ୍ ପ୍ରକାରର ରେସ୍‌ଲିଂର ଆୟୋଜନ କରାଯାଏ ଯେଉଁଥିରେ ପହିଲମାନମାନେ ରିଙ୍ଗ୍ ଭିତରକୁ ଯାଆନ୍ତି, ଭଲ ଓ ମନ୍ଦର ଯୁଦ୍ଧ ଭାବରେ ଖେଳ ପେଶ୍ କରନ୍ତି। ଏହି ଚର୍ଚ୍ଚର ଆରମ୍ଭ କରିଥିଲେ ୩୭ ବର୍ଷୀୟ ଗ୍ୟାରେଥ୍ ଥମ୍ପସନ୍। ତାଙ୍କ ଅନୁସାରେ ଯୀଶୁ ମସୀହ ଓ ରେସ୍‌ଲିଂ କାରଣରୁ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ତାଙ୍କ ଜୀବନରେ ଏପରି ଏକ ସମୟ ଆସିଥିଲା ଯେଉଁଥିରେ ସେ ସମ୍ପୂର୍ଣ୍ଣ ଭାବରେ ନିଜକୁ ହରାଇ ଦେଇଥିଲେ। ସେ ସମୟରେ ଉଭୟେ ଇସାଇ ଧର୍ମ ଓ ରେସ୍‌ଲିଂ ତାଙ୍କୁ ସାହାରା ଦେଇଥିଲା। ସେହି ଘଟଣାରୁ ଗୋଟିଏ ମଞ୍ଚରେ ଅର୍ଥାତ ଧର୍ମ ଓ ରେସଲିଂକୁ ଏକା ସହିତ ଆଣିବାର ଆଇଡିଆ ତାଙ୍କ ମନକୁ ଆସିଥିଲା। ଏପରି କରିବା ଦ୍ୱାରା ଲୋକମାନେ କେବଳ ପ୍ରଭୁଙ୍କ ସନ୍ଦେଶକୁ ବୁଝିଥିଲେ ତାହା ନୁହେଁ ଏକ ରୋମାଞ୍ଚକର ଉପାୟ ଦ୍ୱାରା ଭଲ ଓ ଖରାପର ପାର୍ଥକ୍ୟକୁ ମଧ୍ୟ ବୁଝିପାରିଥିଲେ। ପ୍ରତି ମାସରେ ସେ ଚର୍ଚ୍ଚରେ ଏକ ଇଭେଣ୍ଟର ଆୟୋଜନ କରାଯାଏ ଯେଉଁଥିରେ ପ୍ରାର୍ଥନା, ଭଜନ ଓ ପ୍ରବଚନ ହୁଏ। ଏହାର କିଛି ସମୟ ପରେ ସେ ସ୍ଥାନଟି ରେସ୍‌ଲିଂ ରିଙ୍ଗ୍‌ରେ ପରିବର୍ତ୍ତିତ ହୋଇଯାଏ ଯେଉଁଠାରେ ଦର୍ଶକମାନଙ୍କ ପାଇଁ ଚେୟାର୍ ପଡ଼େ ଓ ରେସଲର୍‌ମାନେ ସ୍କ୍ରିପ୍ଟ ଅନୁସାରେ ଧାର୍ମିକ ଓ ନୈତିକ ସନ୍ଦେଶ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଥାଆନ୍ତି। ଏହି ଇଭେଣ୍ଟ୍‌ରେ ପାଖାପାଖି ୨୦୦ ଜଣ ଲୋକ ସାମିଲ ଥାଆନ୍ତି। ଦୁଇ ଘଣ୍ଟା ଧରି ଚାଲୁଥିବା ରେସ୍‌ଲିଂ ମ୍ୟାଚକୁ ବିଶେଷ କରି ପିଲା ଓ ଯୁବପିଢ଼ି ବିଶେଷ ଉତ୍ସାହର ସହ ଦେଖନ୍ତି।



# ମେକ୍‌ଅପ୍ ଟ୍ରେଣ୍ଡ୍


ଝିଅମାନେ କୌଣସି ନା କୌଣସି ଅବସରରେ ନିଶ୍ଚିତ ଭାବରେ ମେକଅପ୍ ନେଉଥିବେ। ମେକଅପ୍ ଦ୍ୱାରା ଏକ ମିନିଟ୍ ମଧ୍ୟରେ ଚେହେରାର ଲୁକ୍‌ରେ ପରିବର୍ତ୍ତନ ହୋଇଯାଏ। ସବୁ ସିଜିନରେ ଖାସ୍ ପ୍ରକାରର ମେକଅପ୍ ଟ୍ରେଣ୍ଡ୍ କରେ ଓ ଏହି କ୍ରମରେ ଏଥର ସନ୍‌ସେଟ୍ ମେକଅପ୍‌କୁ ଖୁବ୍ ପସନ୍ଦ କରାଯାଉଛି। କିଛି ସମୟ ପୂର୍ବରୁ ରେନ୍‌ବୋ ମେକଅପ୍ ଖୁବ୍ ଚଳନରେ ଥିଲା। ସୋସିଆଲ୍ ମିଡିଆରେ ପ୍ରତି ମହିଳା ଏହି ମେକଅପ୍‌କୁ ଟ୍ରାଏ କରୁଥିଲେ। ଶୀତଦିନ ହିସାବରେ ରେନ୍‌ବୋ ମେକଅପ୍ ସଠିକ୍ ଥିଲା। କିନ୍ତୁ ଯେପରି ଯେପରି ଗରମ ଆରମ୍ଭ ହେଲା ଝିଅମାନଙ୍କୁ ସନସେଟ୍ ବିଉଟି ପସନ୍ଦ ଆସୁଛି। ଏହାକୁ ସୋସିଆଲ୍ ମିଡିଆରେ ସମର୍ ଫ୍ରେଣ୍ଡ୍‌ଲୀ ମେକଅପ୍ ବୋଲି କୁହାଯାଉଛି। ଏହି ଋତୁରେ ବ୍ରାଇଟ୍ କଲର୍ ତାଜା ଅନୁଭବ କରାଏ। ସନ୍‌ସେଟ୍ ବିଉଟି ଚେହେରାରେ ନାଚୁରାଲ୍ ଲୁକ୍ ଦେବା ସହିତ ଡ୍ରାମାଟିକ୍ ପ୍ରଭାବ ପକାଇଥାଏ।



## ସନ୍‌ସେଟ୍ ବିଉଟି:

ସନ୍‌ସେଟ୍‌ର ଅର୍ଥ ସୂର୍ଯ୍ୟାସ୍ତ। ସନ୍ଧ୍ୟାରେ ଯେତେବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି ଆକାଶ ନାରଙ୍ଗୀ, ଲାଲ୍, ସୁନେଲି, ହଳଦିଆ, ପିଙ୍କ୍ ପରି ସୁନ୍ଦର ସୁନ୍ଦର ରଙ୍ଗ ଦେଖିବାକୁ ମିଳେ। ମେକଅପ୍‌ର କଥା କହିଲେ ସନସେଟ୍ ବିଉଟିରେ ଏହି ଟୋନ୍‌ର ବ୍ୟବହାର କରାଯାଏ। ଏହି ରଙ୍ଗଗୁଡ଼ିକର ମିଶ୍ରଣ ଷ୍ଟନିଙ୍ଗ୍ ଲୁକ୍ ଦିଏ।

- ସନ୍‌ସେଟ୍ ଆଇ ମେକଅପ୍‌ରେ ପ୍ରଥମେ ଆଖିରେ ପ୍ରାଇମର୍ ଲଗାନ୍ତୁ। ପ୍ରାଇମର୍ ନଥିଲେ ଫାଉଣ୍ଡେସନ୍ ବା କନ୍‌ସିଲର୍‌ର ବ୍ୟବହାର କରିବେ। ଯେତେବେଳେ ହାଲୁକା ବେସ୍ ତିଆରି ହୋଇଯିବ ହାଲୁକା ରଙ୍ଗ ଆଖିରେ ଲଗେଇବେ। ପ୍ରଥମେ ଅରେଞ୍ଜ ଆଇସାଡୋରୁ ଆରମ୍ଭ କରିବେ। ଏହାକୁ ଆଇଲିଡ୍‌ର ବାହାର ପାଖରେ ଲଗେଇବେ। ଏହାପରେ ପିଙ୍କ୍ ଆଇସାଡୋକୁ ଭିତର ପାର୍ଶ୍ୱରେ ଲଗାନ୍ତୁ। ଏହା ସହିତ ଗୋଲ୍ଡେନ୍ ଆଇସାଡୋ ଆପ୍ଲାଏ କରିବେ। ଆଖିର କୋଣକୁ ହାଇଲାଇଟ୍ କରି ଶେଷରେ ଆଇଲାଇନର୍ ଓ ମସ୍କରା ଲଗାଇବେ।
- ସନ୍‌ସେଟ୍ ବିଉଟି ମଧ୍ୟରେ ଓଠକୁ ମଧ୍ୟ ୟୁନିକ୍ ଲୁକ୍ ଦେଇହେବ। ଏଥିପାଇଁ ଓଠରେ ବାମ୍ ବା ପ୍ରାଇମର୍ ଲଗାଇବେ। ଏବେ ଚେରି ରେଡ୍ ରଙ୍ଗର ଲିପ୍‌ଲାଇନର୍ ଦ୍ୱାରା ଓଠକୁ ଶେପ୍ ଦେବେ। ପିଚ୍ ରଙ୍ଗର ଲିପ୍ ଶେଡ୍ ଓଠରେ ଲଗାନ୍ତୁ ଓ ଏହାକୁ ବ୍ରଶ୍ ଦ୍ୱାରା ବ୍ଲେଣ୍ଡ୍ କରନ୍ତୁ। ଓ୍ୱେ ଓ୍ୱାର୍ମ ପିଙ୍କ୍ ବା ଅରେଞ୍ଜ ଲିପ୍ ଶେଡ୍ ଓଠର ସାଇଡ୍‌ରେ ଲଗାଇ ବ୍ଲେଣ୍ଡ୍ କରନ୍ତୁ ଯେପରି ସ୍ମୁଥ୍ ଲୁକ୍ ପାଇବେ। ଶେଷରେ ଗ୍ଲସ୍‌କୁ ଲଗେଇ ଗ୍ଲସି ଲୁକ୍ ପାଆନ୍ତୁ।
- ସନ୍‌ସେଟ୍ ବିଉଟି ଯଦିଓ ସମର୍ ଫ୍ରେଣ୍ଡ୍‌ଲୀ ମେକଅପ୍ କିନ୍ତୁ ଏହା ଦିନରେ ବ୍ଲେଜର ବା ଫର୍ମାଲ୍ ଲୁକ୍‌ରେ ଭଲ ଲାଗିବ ନାହିଁ। ଏହା ଲାଉଡ୍ ମେକଅପ୍ ହୋଇ ନଥିବାରୁ ସନ୍ଧ୍ୟାବେଳର ପାର୍ଟିରେ ସଠିକ୍ ଲୁକ୍ ଦେବ। ଏହା ସହିତ ଗାଉନ୍ ବା କାଜୁଆଲ୍ ଓ୍ୱିଅର୍ ପିନ୍ଧିବା ଉଚିତ।



# ନାଗା ସାଧୁ ହେବା ପାଇଁ ନିୟମ

**ସନାତନ ଧର୍ମରେ ସାଧୁ, ସନ୍ଥଙ୍କର ବିଶେଷ ମହତ୍ତ୍ୱ ରହିଛି। ଏମାନେ ତାଙ୍କ ଜୀବନକାଳ ମଧ୍ୟରେ ପ୍ରଭୁଙ୍କ ଭଜନ ଓ ସାଧନା କରିଥାନ୍ତି। ଏହା ବ୍ୟତୀତ ଲୋକମାନଙ୍କୁ ଭକ୍ତିମାର୍ଗରେ ଚାଲିବା ପାଇଁ ପ୍ରେରିତ କରିଥାନ୍ତି ଯେପରି ସେମାନେ ଭକ୍ତି ସମ୍ପର୍କରେ ବୁଝିପାରିବେ। ସାଧୁ, ସନ୍ଥଙ୍କ ଭିତରେ ସାମିଲ ଥାଆନ୍ତି ନାଗା ସାଧୁ। ତେବେ ନାଗା ସାଧୁ ହେବା ପାଇଁ ପୂରା କରିବାକୁ ପଡ଼େ କଠିନ ପ୍ରକ୍ରିୟା।**

- ନାଗା ସାଧୁ ହେବା ପାଇଁ ବହୁତ କଠିନ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ। ଅଖାଡ଼ାଗୁଡ଼ିକ ଦ୍ୱାରା ବ୍ୟକ୍ତିଙ୍କୁ ନାଗା ସାଧୁ ହେବା ପାଇଁ ଚୟନିତ କରାଯାଏ। ପ୍ରଥମେ ବ୍ୟକ୍ତି ସାଧୁ ହେବା ପାଇଁ ଯୋଗ୍ୟ କି ନୁହେଁ ତାହା ଦେଖିବାକୁ ପଡ଼େ। ଏହାପରେ ଅଖାଡ଼ାରେ ସେ ବ୍ୟକ୍ତିଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଏ।
- ପରେ କେତେ ପ୍ରକାରର ପରୀକ୍ଷା ଦେଇ ସେମାନେ ଗତି କରନ୍ତି। ନାଗା ସାଧୁ ହେବା ପାଇଁ ହେଲେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରକ୍ରିୟାରେ ଛଅ ମାସରୁ ଏକ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିଯାଏ। ଏଥିରେ ସଫଳତା ପାଇବା ପାଇଁ ସାଧକଙ୍କୁ ପାଞ୍ଚ ଜଣ ଗୁରୁ ଭଗବାନ ଶିବ, ବିଷ୍ଣୁ, ଶକ୍ତି, ସୂର୍ଯ୍ୟ ଓ ଗଣେଶ ଯାହାଙ୍କୁ ପଞ୍ଚଦେବ ବୋଲି କୁହାଯାଏ ସେମାନଙ୍କ ଠାରୁ ଦୀକ୍ଷା ପ୍ରାପ୍ତ କରିବାକୁ ପଡ଼େ।
- ଏହାପରେ ବ୍ୟକ୍ତି ସାଂସାରିକ ଜୀବନକୁ ତ୍ୟାଗ କରି ଆଧ୍ୟାତ୍ମିକ ଜୀବନରେ ପ୍ରବେଶ କରେ ଓ ନିଜର ପିଣ୍ଡଦାନ କରେ। ନାଗା ସାଧୁମାନେ ଭିକ୍ଷା ପ୍ରାପ୍ତ ଖାଦ୍ୟକୁ ଭୋଜନ କରିଥାନ୍ତି। ଯେଉଁଦିନ ଖାଦ୍ୟ ମିଳେ ନାହିଁ ସେମାନଙ୍କୁ ଉପବାସ ରହିବାକୁ ପଡ଼େ।
- ବସ୍ତ୍ର, ଆଡ଼ମ୍ବର ଓ ସାଂସାରିକ ଜୀବନର ପ୍ରତୀକ ହୋଇଥିବାରୁ ଏମାନେ ସଦୈବ ବସ୍ତ୍ରଧାରଣ କରନ୍ତି ନାହିଁ। ଏହି କାରଣରୁ ଶରୀରକୁ ଘୋଡ଼େଇବା ପାଇଁ ଭସ୍ମ ଲଗାଇ ଥାଆନ୍ତି। ଏମାନେ ବିଛଣାର ବ୍ୟବହାର ମଧ୍ୟ କରନ୍ତି ନାହିଁ।
- ଲୋକମାନଙ୍କ ସମ୍ମୁଖରେ କେବେ ମଧ୍ୟ ନତମସ୍ତକ ହୁଅନ୍ତି ନାହିଁ ଓ କାହାର ନିନ୍ଦାଗାନ କରନ୍ତି ନାହିଁ। କେବଳ ବରିଷ୍ଠ ସନ୍ନ୍ୟାସୀଙ୍କ ସମ୍ମୁଖରେ ସେମାନେ ନତମସ୍ତକ ହୁଅନ୍ତି ଆଶୀର୍ବାଦ ନେବା ପାଇଁ। ଯେଉଁ ବ୍ୟକ୍ତି ଏହି ସବୁ ନିୟମର ପାଳନ କରିପାରେ ସେ ହିଁ କେବଳ ନାଗା ସାଧୁ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ।



# ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା




**ବାରିପଦା,୮।୪/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ବାରିପଦା ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଡ. ବି. ଆର୍. ଆମ୍ବେଦକର ଜୟନ୍ତୀ, ୨୦୨୫ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟରେ ଓଏଭି, ଠାକୁରମୁଣ୍ଡାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅନୁଷ୍କା ପଲେଇ, ଓଏଭି, ଶୁଳିଆପଦାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଉଷସୀ ମହାନ୍ତ, କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦା -୧ ର ସପ୍ତମ ଶ୍ରେଣୀର ଛାତ୍ରୀ ଦିବ୍ୟାସିନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ଉଚ୍ଚ ବିଦ୍ୟାଳୟସ୍ତରୀୟରେ ଓଏଭି, ଗରୁଡ଼ବସା, ବେତନଟୀ ର ନବମ ଶ୍ରେଣୀର ଛାତ୍ରୀ ଜାହ୍ନବୀ ପଡିଆରୀ, ଓଏଭି, ରାଣୀଭୋଳ, ବାରିପଦା ର ଦଶମ ଶ୍ରେଣୀର ଛାତ୍ର ଅରୁଜ୍ୟୋତି ପ୍ରଧାନ ,ଓଏଭି, ମୋରଡା ର ଦଶମ ଶ୍ରେଣୀ ର ଛାତ୍ରୀ ଶ୍ରେୟାସୀ ବାରିକ ଓ କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦା-୧ର ନବମ ଶ୍ରେଣୀର ଛାତ୍ର ବ୍ରିଜ ମୋହନ ଦେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ଯୁଗ୍ମ ତୃତୀୟ ହୋଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟରେ ଓଏଭି, ଠାକୁରମୁଣ୍ଡାର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ତନୁଜା ମହାନ୍ତ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦାର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଚନ୍ଦ୍ରଲେଖା ମାରିଙ୍ଗାନ୍ତି, ଓଏଭି, ବଡ଼ସାହିର ଦ୍ୱାଦଶ ଶ୍ରେଣୀର ଛାତ୍ର ନିରାକର ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି ।

ବକ୍ତୃତା ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀନାରାଣୀ ପାତ୍ର ଉଦ୍‌ଘାଟନ କରିଥିଲେ । ସ୍ୱାଗତଭାଷଣ ଶିକ୍ଷକ ଡ଼ ଶଶୀଧର ବିଶ୍ୱାଳ କରିଥିଲା ବେଳେ ଧନ୍ୟବାଦ ଅର୍ପଣ ଶିକ୍ଷକ ମନୋଜ ପରିଡା, ପ୍ରତିଯୋଗିତା ପରିଚାଳନା ଶିକ୍ଷକ ଦୀପକ ରାମ, ଟାଇମ କିପର ଚିନ୍ମୟୀ ଦାସ କରିଥିଲେ । ବିଚାରକ ଭାବେ ଆଞ୍ଚଳିକ ମହାବିଦ୍ୟାଳୟ, ଗଡିଆର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଶିକ୍ଷକ ଅତୁଲ କୁମାର ପରିଡା, କମଳା ନେହରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ଶିକ୍ଷୟିତ୍ରୀ ମମତା ସାହୁ, ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଶିକ୍ଷୟିତ୍ରୀ ବର୍ଣ୍ଣଷଳୀ ରାଉତ, ସୁନାମୁହିଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ସୁବୋଧ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଏପ୍ରିଲ ୧୪ ତାରିଖ ଦିନ ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ତ୍ରିରଙ୍ଗା କ୍ଲବ ନିକଟରେ ଜିଲ୍ଲାସ୍ତରୀୟ ଡ. ବି. ଆର. ଆମ୍ବେଦକର ଜୟନ୍ତୀ ପାଳନ ସମାରୋହରେ ପୁରସ୍କୃତ କରାଯିବ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ,ଶିକ୍ଷୟିତ୍ରୀ ଅନୁପମା ବେହେରା, ସିଲିସ୍ୱପ୍ନା ପଟ୍ଟନାୟକ, ନିକିତା ବଳ, ଧରିତ୍ରୀ ମହାନ୍ତ, ମୋନାଲିସା ମାସନ୍ତ, ଶିକ୍ଷା କର୍ମଚାରୀ ସମ୍ମିତ କୁମାର ମହାପାତ୍ର ତଥା ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଫିସ ସହାୟକ, ଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଲଘୁ ଖଣିଜ ସମ୍ପଦର ଡାଟାବେସ୍ ତିଆରି ପାଇଁ ନିର୍ଦ୍ଦେଶ



**ଭଦ୍ରକ,୮।୪/ଏନ୍ଏନ୍ଏସ୍:** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ରାଜସ୍ୱ ବିଭାଗର ବିଭିନ୍ନ ଦିଗ ଉପରେ ସମୀକ୍ଷା ବୈଠକ କରିଛନ୍ତି । ଏହି ସମୀକ୍ଷା ବୈଠକରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ସମୀକ୍ଷା ସମୟରେ ଭଦ୍ରକ ଜିଲ୍ଲାରେ ଥିବା ଲଘୁ ଖଣିଜ ସମ୍ପଦର ସ୍ଥିତି ସହ ଆର୍ଥିକ ସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ଡାଟାବେସ୍ ତିଆରି କରିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଭଦ୍ରକ ଜିଲ୍ଲାର ଧାମରା ଶିଳ୍ପ କ୍ଷେତ୍ରରେ ଏକ ପୂର୍ଣ୍ଣ ହବ୍ ହେବା ପାଇଁ ଯାଉଛି । ଏଥି ସହିତ ଇଣ୍ଟରପ୍ରିନିୟରଙ୍କ ପାଇଁ ମଧ୍ୟ ଏହା ଏକ ହବ୍ ହେବ । ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ରାସ୍ତାଘାଟର ସୁବିଧା ଓ ଅନ୍ୟାନ୍ୟ ସୁବିଧାକୁ ଉପଲବ୍ଧ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ବସୁନ୍ଧରା ଯୋଜନାରେ ୪ ଡିସିମିଲ ଜମି ପ୍ରଦାନ କରାଯିବ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସଂଯୋଗିକରଣ ଆଦି ବିଷୟରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ତେବେ ଜିଲ୍ଲାର ସମ୍ପୂର୍ଣ୍ଣ ଡାଟାବେସ ଆସିବା ପରେ ପୁଣି ସମୀକ୍ଷା ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

ସେହିପରି ଗରିବ କଲ୍ୟାଣ ଯୋଜନାର ଅଗ୍ରଗତି, ଶିକ୍ଷାନୁଷ୍ଠାନ ଗୁଡିକୁ ଜମି ପଟ୍ଟା ବଣ୍ଟନ, ଜଙ୍ଗଲ ଜମିର ସୁରକ୍ଷା ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଆଧୁନିକ ଓ ବିକଶିତ ଓଡ଼ିଶା ଗଠନ କ୍ଷେତ୍ରରେ ଜିଲ୍ଲାକୁ ଆଗକୁ ନେବା ନିମନ୍ତେ ୧୪୫ ଏମ୍ ଓ ୟୁ ରେ ୧୩ ଲକ୍ଷ କୋଟି ନିବେଶ ପାଇଁ ଚୁକ୍ତି ହୋଇଛି, ଆହୁରି ଅଧିକ ୨୦ ଶିଳ୍ପ ସଂସ୍ଥା ନିବେଶକାରୀ ଆସିବେ ବୋଲି ପ୍ରତିଶ୍ରୁତି ମିଳିଛି, ସମୁଦାୟ ୨୭ ଲକ୍ଷ କୋଟି ନିବେଶ ହେବ । ସେମାନଙ୍କ ପାଇଁ ଜଳ, ଜମି ଆଦି ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଥିଲେ ।

# ରାଇପିତାମ୍ବର ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା



**ସୋର,୮।୪/ଏନ୍ଏନ୍ଏସ୍:** ସୋର ବ୍ଲକ ରାଇପିତାମ୍ବର ଗ୍ରାମରେ ଅଞ୍ଚଳବାସୀଙ୍କ ସହଯୋଗରେ ୨୬ ତମ ରାଇପିତାମ୍ବର ବାସନ୍ତୀ ଦୁର୍ଗାପୂଜା ବେଶ ଧୂମଧାମରେ ପାଳିତ ହୋଇଯାଇଛି । ଏହା ଗୋପୀନାଥପୁର ପଞ୍ଚାୟତର ରାଇପିତାମ୍ବର ଗ୍ରାମର ଗର୍ବ ଓ ଗୌରବ ବିଷୟ । ଏହି ରାଇପିତାମ୍ବର ମାଟି ପୂର୍ବରୁ କଳା ଓ ସଂସ୍କୃତି ମାଟି ଆମ ରାଇପିତାମ୍ବର ମାଟି । ବାସନ୍ତୀ ଦୁର୍ଗାପୂଜାରେ ପଦଯାତ୍ରା, କଳସବୁଡ଼ା ସାଙ୍ଗକୁ ମା' ବାସନ୍ତୀଙ୍କ ସ୍ତୁତିରେ ପ୍ରକମ୍ପିତ ହୋଇଛି ସାରା ଅଞ୍ଚଳ । ଏହି ବାସନ୍ତୀ ଦୁର୍ଗାପୂଜାରେ ଶିବପ୍ରସାଦ ମହାନ୍ତି ସଭାପତିତ୍ୱ କରି ମା'ଙ୍କ ଆଶୀର୍ବାଦ କାମନା ସହିତ ଏ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କମିଟିର ସେକ୍ରେଟାରୀ ଗୟାଧର ସାହୁ ଏବଂ କୋଷାଧକ୍ଷ ପ୍ରହ୍ଲାଦ ବିଶ୍ୱାଳ ପ୍ରମୁଖ ସମେତ ଅନ୍ୟ ଗ୍ରାମବାସୀ ପୂଜାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା ସାଙ୍ଗକୁ କୁନି କୁନି ପ୍ରତିଭାଙ୍କ ଦ୍ୱାରା ନାଚଗୀତରେ ବିଭୋର ହେଉଛନ୍ତି ଦର୍ଶକମାନେ ।

# ହତ୍ୟାକାରୀକୁ ଆଜୀବନ ଜେଲ୍


**କେନ୍ଦୁଝର,୮।୪/ଏନ୍ଏନ୍ଏସ୍:** କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ମଙ୍ଗଳବାର ଏକ ନରହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଅମର ସିଂ ବିରୁଆ(୩୫), ପିତା-ଦୁବରାଜ ବିରୁଆ, ଗ୍ରାମ-ଦୁବିଲା, ଥାନା-ମଞ୍ଜହରି, ଜିଲ୍ଲା- ୱେଷ୍ଟସିଂହଭୂମିକୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶ ଯେ, ମୃତକ ରାମଚନ୍ଦ୍ର ନାଏକ ସୁଣ୍ଡୁରା ଗ୍ରାମ ତା ୨୫।୩।୨୦୧୫ ରିଖରେ କାହାକୁ ନ କହି କେଉଁଆଡ଼େ ଘରୁ ଚାଲି ଯାଇଥିଲେ ଏବଂ ଘରକୁ ନଫେରିବାରୁ ତାଙ୍କ ପୁଅମାନେ ଖୋଜାଖୋଜି କରିବାରୁ ବସନ୍ତପୁର ରାସ୍ତାରେ ମରିପଡ଼ିଥିବାର ପାଇଥିଲେ ଏବଂ ମୃତକଙ୍କ ଶରୀରରୁ ଗନ୍ଧ ବାହାରୁଥିଲା । ତାର ପରିଧାନରୁ ତାଙ୍କ ପୁଅମାନେ ମୃତକ ଜଣକ ତାଙ୍କ ବାପା ବୋଲି ଚିହ୍ନି ପାରିଥିଲେ । ଗତ ୩୧ ତାରିଖରେ ନୟାକୋଟ ଥାନାରେ ମୃତକଙ୍କ ପୁଅ ମନ ନାଏକ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୩ ତା ୩୧।୩।୨୦୧୫ ରିଖରେ ଏକ କେଶ ରୁଜୁ ହୋଇ ପୁଲିସ ଅନୁସନ୍ଧାନ କରି ଉପରୋକ୍ତ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ୧୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତକୁ ଉକ୍ତ ହତ୍ୟା ମାମଲାରେ ଦୋଷୀ ପାଇ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଅଭିଯୁକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ ।

# କମ୍ୟୁନିଷ୍ଟ୍ ନେତା ନବୀନ ଦାଶଙ୍କ ପରଲୋକ

**କେନ୍ଦୁଝର,୮।୪/ଏନ୍ଏନ୍ଏସ୍:** ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା କେନ୍ଦୁଝର ଜିଲ୍ଲା ଅଣଗେଜେଟେଡ କର୍ମଚାରୀ ସଂଘର ସଭାପତି ନବୀନ କୁମାର ଦାଶଙ୍କ ପରଲୋକ ହୋଇଛି । ସେ ଗତ କିଛିଦିନ ହେବ ମୁତ୍ରାଶୟ ରୋଗରେ ପୀଡ଼ିତ ଥିଲେ । ଭୁବନେଶ୍ୱରର କିମ୍ସ୍ ହସ୍‌ପିଟାଲ୍‌ରେ ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ତାଙ୍କର ଅନେକ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚିଥିଲେ । ଏହାପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ସେ ନିଜ ଜ୍ୟେଷ୍ଠା କନ୍ୟା ତଥା ବରିଷ୍ଠ ଆଇନଜୀବୀ ବିନିତା ଦାଶଙ୍କ ସହ ରହୁଥିଲେ । ସେ ପୁରୁଣା ସହରର ଲବ୍‌ଧ ପ୍ରତିଷ୍ଠିତ ପ୍ରଧାନଶିକ୍ଷକ ସ୍ୱର୍ଗତ୍ ରଘୁନାଥ ଦାଶଙ୍କ ଜ୍ୟେଷ୍ଠପୁତ୍ର ଥିଲେ । ଜଣେ ଦରଦୀ, ଜନପ୍ରିୟ ଓ ସେବାପରାୟଣ ବ୍ୟକ୍ତିତ୍ୱ ଭାବରେ ସେ କେନ୍ଦୁଝର ସହରରେ ଘରେ ଘରେ ପରିଚିତ ଥିଲେ । ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହେବା ସହ ଜିଲ୍ଲା ନନ୍‌ଗେଜେଟେଡ୍ କର୍ମଚାରୀ ସଂଘ ସଭାପତି ପଦ ଅଳଙ୍କୃତ କରିବା ସହ ଷ୍ଟାଟିକାଲ ଇନଭେଟେଗେର ଭାବେ ଅବସର ଗ୍ରହଣ କରିଥିଲେ । ସାମ୍ୟବାଦରେ ବିଶ୍ୱାସ କରୁଥିବା ନବୀନ କୁମାର ଦାଶ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହପାଠୀ ଥିଲେ । ତାଙ୍କ ମୃତ୍ୟୁରେ କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଜ୍ୟୋଷ୍ଠା କନ୍ୟା ବିନୀତା ଦାଶ ତାଙ୍କୁ ମୁଖାଗ୍ନି ଦେଇଥିଲେ ।

# ବଙ୍ଗାଳିଡାହିରେ ଶ୍ରୀରାମ ନବମୀ ଉତ୍ସବ, ହନୁମାନ ମୂର୍ତ୍ତି ପ୍ରତିଷ୍ଠା





**ବୈଶିଙ୍ଗା,୮।୪/ଏନ୍ଏନ୍ଏସ୍:** ଶ୍ରୀରାମ ନବମୀ ଉତ୍ସବ ଅବସରରେ ବଙ୍ଗାଳିଡାହିଠାରେ କଳସ ଶୋଭାଯାତ୍ରା ସହିତ ଭବ୍ୟ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କର ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । କଳସ ଶୋଭାଯାତ୍ରା ପରେ ପୁରୋହିତ ସୁଧାଂଶୁ ଶେଖର ଦାଶଙ୍କ ତତ୍ତ୍ୱାବଧାନରେ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା । ବେଦମନ୍ତ୍ରରେ ଯଜ୍ଞ ସ୍ଥଳ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଯଜ୍ଞ ଓ ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ । ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀରାମ ନବମୀ ଉତ୍ସବ ସମିତି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ସାଧୁସନ୍ଥ ଓ ସମାଜସେବୀମାନଙ୍କୁ ନେଇ ଏକ ଆଧାତ୍ମିକ ସଭାର ଆୟୋଜନ କରାଯାଇଥିଲା ।

ଏଥିରେ କୋରାପୁଟ ଜଗତ ଜନନୀ ଆଶ୍ରମର ସନ୍ଥ ବିଜୟ କୁମାର ବ୍ରହ୍ମଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଶ୍ରୀରାମ କଥା ଶ୍ରବଣ କରାଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଓଡ଼ିଶା ସରକାରଙ୍କର ପୂର୍ବତନ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ, ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, ସମାଜସେବୀ ତଥା ବୈଶିଙ୍ଗା ରାମ ନବମୀ ଉତ୍ସବ ସମିତିର ସଭାପତି ରବୀନ କୁମାର ପଣ୍ଡା ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମରେ ଭଗବତୀ ପୂଜା ଆରମ୍ଭ କରିଥିବା ବୈଦ୍ୟନାଥ ମହାନ୍ତ ଓ ଜଗଦୀଶ ଚନ୍ଦ୍ର ମହାନ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ମଧ୍ୟାହ୍ନରେ ମଟର ସାଇକେଲ ଶୋଭାଯାତ୍ରା ସହିତ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ପହଞ୍ଚି ଯଜ୍ଞ ମଣ୍ଡପରେ ଦୀର୍ଘ ସମୟ ଯଜ୍ଞାହୁତି ପ୍ରଦାନ ସହିତ ଶ୍ରଦ୍ଧାଳୁମାନଙ୍କ ସହିତ ପ୍ରସାଦ ସେବନ କରିଥିଲେ । ଆମ୍ବଗଡ଼ିଆ ଓ ପୁରୁଣିଆ ପଞ୍ଚାୟତର ସରପଞ୍ଚଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ସମାଜସେବୀ ଅଜୟ କୁମାର ପରିଡ଼ା ଶ୍ରଦ୍ଧାଳୁଙ୍କ ପାଇଁ ଦହି ସରବତ ଓ ପାନୀୟ ଜଳ ବ୍ୟବସ୍ଥା କରିଥିଲେ । ପୁରୁଣିଆ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅନନ୍ତ ପ୍ରସାଦ ଦାସ ସହିତ ସମସ୍ତ କର୍ମଚାରୀ ପାନୀୟ ଜଳ ଯୋଗାଣ ସହିତ କଳସ ଯାତ୍ରା ଓ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ । ସମିତିର ସଭାପତି ଗିରିଶ ଚନ୍ଦ୍ର ମହାନ୍ତ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ମହେନ୍ଦ୍ର ମହାନ୍ତ ଓ ଶ୍ରୀରାମ ସେନାର ସଦସ୍ୟମାନଙ୍କ ସାମୂହିକ ଉଦ୍ୟମରେ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ଶେଷ ହୋଇଥିଲା ।

# ୨୨ ୟୁନିଟ୍ ରକ୍ତ ସଂଗ୍ରହ



**ଧାମନଗର,୮।୪/ଏନ୍ଏନ୍ଏସ୍:** ଧାମନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘଡ଼ାଇ ଉଦଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରାଜ୍ୟ ରକ୍ତ ଭଣ୍ଡାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଦ୍ରକର ଡ. ଶରତ କୁମାର ଆଚାର୍ଯ୍ୟ ଓ ତାଙ୍କର ସହକର୍ମୀଙ୍କ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ । ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଡ. ମନୋଜ କୁମାର କର ସଂଯୋଜକ ଭାବେ ପରିଚାଳନା କରିଥିଲେ । ପ୍ରାଧ୍ୟାପକ ଡ. ସମୀର କୁମାର ହୁଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରଥମେ ରକ୍ତ ଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ଓଡ଼ିଆ ପକ୍ଷର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ଯୋଗୁଁ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଆମର ଲକ୍ଷ୍ୟ ହେଉ ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଅଧ୍ୟାପକ - ଆଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ସଂଘ ଉଦ୍‌ଘାଟିତ

**ସୋର,୮।୪/ଏନ୍ଏନ୍ଏସ୍:** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀର ପ୍ରଥମ ବର୍ଷ ଛାତ୍ରୀ ଆତ୍ମରକ୍ଷା ସଂଘ ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରି ସାଂପ୍ରତିକ ସମୟରେ ସମାଜ ଗଠନ କ୍ଷେତ୍ରରେ ଛାତ୍ରୀମାନଙ୍କର ଭୂମିକା ବଢ଼ି ଚାଲିଥିବା ବେଳେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷାକରିବା ଜରୁରି ବୋଲି କହିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ମିତା ସାମନ୍ତ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ମାଷ୍ଟର ଟ୍ରେନର୍ ଆଦ୍ୟାଶା ଦାସ ଓ ସସ୍ମିତା ଖଟୁଆ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଆଲୋଚନା କରିବା ସହିତ ଛତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ଶାକମ୍ବରୀ ଦାଶ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଶୁତୋଷ ମିତ୍ର, ପ୍ରଭାତ କୁମାର ଜେନା ଓ ନରେନ୍ଦ୍ର କୁମାର ମହାଳିକ ସହଯୋଗ କରିଥିଲେ ।

# ମଦ ଜବତ, ୨ ଗିରଫ

**ସୋର,୮।୪/ଏନ୍ଏନ୍ଏସ୍:** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବାବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବଣ ବିଷ୍ଣୁପୁର ଗ୍ରାମରେ ଚଢ଼ଉ କରି ଲକ୍ଷ୍ମୀ ବେହେରା ନିକଟରୁ ୫୫ ଲିଟର ଏବଂ ଛପୋଲିଆ ଆଦିବାସୀ ସାହି ଗ୍ରାମର ଭଗବତୀ ମୁର୍ମୁ ନିକଟରୁ ୪୫ ଲିଟର ଦେଶୀମଦ ଜବତ ସହିତ ଉଭୟଙ୍କୁ ଗିରଫ କରିଥିଲେ । ଅପରାହ୍ନରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଏଏସ୍ଆଇ ବସନ୍ତ ବାରିକ, କନ୍‌ଷ୍ଟେବଳ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ ।

# ଭକ୍ତ ମିଳନ ମନ୍ଦିରର ବାର୍ଷିକ ଉତ୍ସବ

**ସୋର,୮।୪/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଭକ୍ତ ମିଳନ ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ୨ଦିନ ଧରି ମହାସାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଶାନ୍ତି ଧାନ କରମଳାର ବହୁ ସନ୍ନ୍ୟାସୀ ଯୋଗଦାନ କରିଥିଲେ । ପ୍ରଥମ ଦିବସରେ ଘଟ ଉତ୍ତୋଳନ ପରେ ଚତୁର୍ଥ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ପୁରୋଧା ଥିଲେ କରମଳାର ସନ୍ନ୍ୟାସୀ ଜୟଦେବ ଦାସ ମହାରାଜ । ପରଦିନ ନାମଯଜ୍ଞ ସମାପନ ପରେ ଠାକୁରଙ୍କର ଷୋଡ଼ଶ ଉପଚାର ପୂଜା ହୋଇଥିଲା । ପରେ ପରେ ଅଭିରାମଙ୍କ ଭଜନ କାର୍ଯ୍ୟକ୍ରମ ଭକ୍ତମାନଙ୍କ ଦ୍ୱାରା ପାରିବେଷଣ ହୋଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମର ଶାନ୍ତଧାମ କରମଳାର ବାବାଜୀ ବିପିନି ବିହାରୀ ଦାସ ମହାରାଜ, ଜୟଦେବ ଦାସ ମହାରାଜ, ଧର୍ମାନନ୍ଦ ଦାସ ମହାରାଜ ଯୋଗ ଦେଇ ପ୍ରବଚନ ଦେଇଥିଲେ । ଭଗବାନ ଓ ଭକ୍ତ ମାନଙ୍କ ବିଷୟରେ ଆଲୋଚନା କରିଥିଲେ । ପ୍ରବଚନ ପୂର୍ବରୁ ତିନି ସନ୍ନ୍ୟାସୀଙ୍କୁ ଭକ୍ତ ମିଳନ ମନ୍ଦିର ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଦୁଇ ଦିନ ଧରି ଉତ୍ସବକୁ ଉମେଶ ଚନ୍ଦ୍ର ସାହୁ, କମଳାକାନ୍ତ ପାତ୍ର, ମୀନକେତନ ଦାସ ପ୍ରମୁଖ ସରସ ସୁନ୍ଦର କରିଥିଲେ ।

## ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ବାହକ: ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ

# ସହିଦ୍‌ନଗର ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ



**ଧାମନଗର,୮।୪/ଏନ୍ଏନ୍ଏସ୍:** ଧାମନଗର ବ୍ଲକସ୍ଥିତ ସହିଦ ନଗର ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ମୁଖ୍ୟଅତିଥି ରୂପେ ଉତ୍ସବକୁ ଉଦ୍‌ଘାଟନ କରି ସମାଜରେ ଘଟିଥିବା ପରିବର୍ତ୍ତନ ଆନ୍ଦୋଳନ ଆଦି ଶିକ୍ଷାନୁଷ୍ଠାନରୁ ଆରମ୍ଭ ହୋଇଥାଏ ପ୍ରକାଶ କରି ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ସୃଜନଶୀଳତା ଏବଂ ଜୀବନ ନିର୍ମାଣରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧାମନଗର ବିଡିଓ ବନ ବିହାରୀ ଦିଣ୍ଡା, ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ପ୍ରାକ୍ତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ସମାଜସେବୀ ତୁଷାର ମିଶ୍ର, ବୁଦ୍ଧଦେବ ଜେନା, ଶର୍ମାନନ୍ଦ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସାମ୍ବାଦିକ ବୈକୁଣ୍ଠନାଥ ସାହୁ ସଭା ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ନିବେଦିତା ନାୟକ ବେଦପାଠ କରିଥିଲେ । ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମଞ୍ଚରେ ଜେଆର୍‌ସି ଏବଂ ସ୍କାଉଟ୍ ଗାଇଡ୍ ଟିମ୍ ସହିତ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ୍ ଦେଇଥିଲେ । ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ




**ବାଲେଶ୍ୱର,୮।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି ଦ୍ୱାରା ପ୍ରାୟୋଜିତ ତଥା ରେମୁଣା ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ ରେଡକ୍ରସ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ସଚିବ ଗଣେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଜିଲ୍ଲା ଯୁବ ରେଡକ୍ରସ୍ ସଭାପତି ତଥା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ, ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ବିଭୁଦତ୍ତ ବେହେରା, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ, ରେମୁଣା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ । ବିଷୟ ବିଶାରଦ ଭାବରେ ଡା. ଶାନ୍ତନୁ କୁମାର ଦାସ ରକ୍ତ ସମ୍ବନ୍ଧିତ ବିଜ୍ଞାନ ଉପରେ ଆଲୋକପାତ କରିଥିବାବେଳେ ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ସୁଧୀର ମୁଦୁଲି ସ୍ୱେଚ୍ଛାକୃତ ରକ୍ତଦାନ ବିନା ରକ୍ତର ଅଭାବ ପରିପୂରଣ କରାଯାଇ ପାରିବନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ଅଧ୍ୟାପିକା ଡ. ଏଲିନା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅରୀନ କୁମାର ପତି ବେଦ ମନ୍ତ୍ର ଆବୃତ୍ତି କରିଥିଲେ । ଏ ବର୍ଷ ଯୁବ ରେଡକ୍ରସ୍ ରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଜିଲ୍ଲା ସଂଯୋଜକ ସୁଧୀର ମୁଦୁଲି ଏବଂ ପରାମର୍ଶଦାତା ଆଶିଷ କୁମାର ଚୌଧୁରୀ ଙ୍କୁ ସମ୍ମାନିତ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ୪୫ଟି ମହାବିଦ୍ୟାଳୟରୁ ୧୫୦ଜଣ ରେଡ଼କ୍ରସ୍ ପରାମର୍ଶଦାତା ଏବଂ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ । ଶେଷରେ ଦୀପ୍ତି କମିଳା ଧନ୍ୟବାଦ୍ ଦେଇଥିଲେ ।



**ଆଜିର ମ୍ୟାଚ୍**

ଗୁଜରାଟ ଟାଇଟନ୍ସ ବନାମ ରାଜସ୍ଥାନ ରୟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଅହମ୍ମଦାବାଦ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ


ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଦିଲ୍ଲୀ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ | ୪ | ୩ | ୧ | ୬ | +୧.୦୩୧ |
| ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ | ୫ | ୩ | ୨ | ୬ | +୦.୦୭୮ |
| କୋଲ୍‌କାତା | ୫ | ୨ | ୩ | ୪ | -୦.୦୫୬ |
| ରାଜସ୍ଥାନ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ | ୫ | ୧ | ୪ | ୨ | -୦.୮୮୯ |
| ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

# ଇତିହାସ ରଚିଲେ ବିରାଟ କୋହଲି

### ୧୩ ହଜାର ଟି-୨୦ ରନ୍‌ରେ ପ୍ରଥମ ଭାରତୀୟ




**ମୁମ୍ବାଇ,୮।୪/ଏଜେନ୍ସି:** ସୋମବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ଚଳିତ ଆଇପିଏଲ୍ ସିଜନ୍‌ର ୨୦ଶ ମ୍ୟାଚ୍‌ରେ ଷ୍ଟାର୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ଇତିହାସ ରଚିଛନ୍ତି। ଏହି ମ୍ୟାଚ୍‌ରେ କୋହଲି ୪୨ ବଲ୍‌ରେ ଦୁଇ ଛକା ଓ ଆଠ ଚୌକା ସହାୟତାରେ ୬୭ ରନ୍ କରିଥିଲେ। ଏହା ମଧ୍ୟରେ ସେ ନିଜ ଟି-୨୦ କ୍ୟାରିୟର୍‌ରେ ୧୩ ହଜାର ରନ୍ ପୂରା କରିଛନ୍ତି। ଏପରି କରିବାରେ ସେ ଭାରତର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ଖେଳାଳି। ଏହି ମ୍ୟାଚ୍ ପୂର୍ବରୁ ୧୩ ହଜାର ରନ୍ ପୂରଣ ପାଇଁ ତାଙ୍କୁ ୧୭ ରନ୍‌ର ଆବଶ୍ୟକତା ଥିଲା। ୨୦୨୪ ବିଶ୍ୱକପ୍ ପରେ ଟି-୨୦ ଅନ୍ତର୍ଜାତୀୟରୁ ସନ୍ନ୍ୟାସ ନେଇଥିବା କୋହଲିଙ୍କ ନାମରେ ୪୦୩ ମ୍ୟାଚ୍‌ରେ ମୋଟ ୩୦୫୦ ରନ୍ ହୋଇଛି। ଏହି ମାମଲାରେ ତାଙ୍କ ପଛରେ ରୋହିତ ଶର୍ମା (୧୧୮୫୧ ରନ୍) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ୧୩ ହଜାର ରନ୍ କରିବାରେ କୋହଲି ବିଶ୍ୱର ୫ମ ଖେଳାଳି ହୋଇଛନ୍ତି। ଏହି ଲିଷ୍ଟରେ ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ୍ (୧୪୫୬୨ ରନ୍) ପ୍ରଥମ ସ୍ଥାନରେ ରହିଛନ୍ତି। ଗିଲ୍ ଏକମାତ୍ର ଖେଳାଳି ଭାବେ ୧୪ ହଜାର ରନ୍ ପୂରଣ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଆଲେକ୍ସ ହେଲ୍ସ (୧୩୬୧୦ ରନ୍) ଥିବାବେଳେ ଶୋଏବ ମଲିକ୍ (୧୩୫୫୭), କାଇରନ୍ ପୋଲାର୍ଡ (୧୩୫୩୭ ରନ୍) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

# ଭୁବନେଶ୍ୱର କୁମାରଙ୍କ ମହାରେକର୍ଡ



**ମୁମ୍ବାଇ,୮।୪/ଏଜେନ୍ସି:** ସୋମବାର ଚଳିତ ଆଇପିଏଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ଏହି ମ୍ୟାଚ୍‌ରେ ଆର୍‌ସିବିର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ୬୭ ଏବଂ କ୍ୟାପ୍ଟେନ୍ ରଜତ ପାଟିଦାର ୬୪ ରନ୍‌ର ଇନିଂସ୍ ଖେଳିଥିଲେ। ସେହିପରି ବୋଲିଂରେ କୃଣାଳ ପାଣ୍ଡ୍ୟା ଅନ୍ତିମ ଓଭର୍‌ରେ ୩ଟି ଏବଂ ମୋଟ ୪ ୱିକେଟ୍ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ମ୍ୟାଚ୍‌ରେ ଆର୍‌ସିବିର ଭୁବନେଶ୍ୱର କୁମାର ଗୋଟିଏ ୱିକେଟ୍ ନେଇ ନିଜ ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି। ଭୁବିଙ୍କର ଏବେ ୧୭୯ ଆଇପିଏଲ୍ ମ୍ୟାଚ୍‌ରେ ମୋଟ ୧୮୪ ୱିକେଟ୍ ହୋଇଛି। ଏହା ସହିତ ସେ ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ଫାଷ୍ଟ ବୋଲର୍ ହୋଇଛନ୍ତି। ଏହି ମାମଲାରେ ସେ ଡ୍ୱେନ୍ ବ୍ରାଭୋଙ୍କୁ ପଛରେ ପକାଇଛନ୍ତି। ବ୍ରାଭୋ ୧୬୧ ଆଇପିଏଲ୍ ମ୍ୟାଚ୍‌ରେ ୧୮୩ ୱିକେଟ୍ ନେଇଛନ୍ତି। ତେବେ ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲର ରେକର୍ଡ ସ୍ପିନର୍ ୟୁଜବେନ୍ଦ୍ର ଚହଲ୍‌ଙ୍କ ନାମରେ ରହିଛି। ସେ ୧୬୩ ମ୍ୟାଚ୍‌ରେ ୨୨୦୬ ୱିକେଟ୍ ଅକ୍ତିଆର କରିଛନ୍ତି। ଚହଲଙ୍କ ପରେ ଏହି ଲିଷ୍ଟରେ ପୀୟୁଷ ଚାୱଲାଙ୍କ ନାମ ଆସୁଛି। ସେ ୧୯୨ ମ୍ୟାଚ୍‌ରେ ୧୯୨ ୱିକେଟ୍ ନେଇଛନ୍ତି।

# ପାଟିଦାରଙ୍କୁ ୧୨ ଲକ୍ଷ ଜୋରିମାନା



**ମୁମ୍ବାଇ,୮।୪/ଏଜେନ୍ସି:** ସୋମବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମ୍ୟାଚ୍‌ରେ ସ୍ଲୋ ଓଭର୍ ରେଟ୍ ପାଇଁ ବିସିସିଆଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) କ୍ୟାପ୍ଟେନ୍ ରଜତ ଶର୍ମାଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା କରିଛି। ଚଳିତ ସିଜନ୍‌ରେ ଅର୍‌ସିବିର ଏହା ପ୍ରଥମ ସ୍ଲୋ ଓଭର୍ ରେଟ୍। ସେହିପରି ଚଳିତ ସିଜନ୍‌ରେ ସ୍ଲୋ ଓଭର୍ ରେଟ୍ ପାଇଁ ଜୋରିମାନା କରାଯିବାରେ ପାଟିଦାର ଚତୁର୍ଥ କ୍ୟାପ୍ଟେନ୍। ତାଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା, ରାଜସ୍ଥାନ ରୟାଲ୍ସ କ୍ୟାପ୍ଟେନ୍ ରିୟାନ୍ ପରାଗ ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ କ୍ୟାପ୍ଟେନ୍ ଋଷଭ ପନ୍ତଙ୍କୁ ଦଣ୍ଡିତ କରାଯାଇଛି।

# ଇଶାନ୍ତ ଶର୍ମାଙ୍କ ମ୍ୟାଚ୍ ଫି’ର ୨୫% କଟିଲା



**ମୁମ୍ବାଇ,୮।୪/ଏଜେନ୍ସି:** ଆଇପିଏଲ୍ ନିୟମ ଭଙ୍ଗ ଅଭିଯୋଗରେ ବିସିସିଆଇ ଗୁଜରାଟ ଟାଇଟନ୍ସ ବୋଲର୍ ଇଶାନ୍ତ ଶର୍ମାଙ୍କୁ ମ୍ୟାଚ୍ ଫି’ର ୨୫% ଜୋରିମାନା କରିବା ସହିତ ଗୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ଗୁଜରାଟ ଟାଇଟନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବେଳେ ଇଶାନ୍ତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମ୍ୟାଚ୍‌ରେ ଇଶାନ୍ତଙ୍କୁ କୌଣସି ୱିକେଟ୍ ମିଳିନଥିଲା। ସେ ୪ ଓଭର୍ ବୋଲିଂ କରି ୧୩.୨୫ ଇକୋନୋମିରେ ୫୩ ରନ୍ ଦେଇଥିଲେ ଏବଂ ଏହା ମଧ୍ୟରେ ୯ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଏହି କାରଣରୁ ଅସନ୍ତୁଷ୍ଟ ହୋଇ ଇଶାନ୍ତ ରାଗରେ ଷ୍ଟମ୍ପ୍‌କୁ ଗୋଇଠା କାରିଥିଲେ। ଏହି ଅପରାଧ ପାଇଁ ଇଶାନ୍ତଙ୍କୁ ଧାରା ୨.୨ ଅନୁସାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ସେ ନିଜ ଭୁଲ ସ୍ୱୀକାର କରିବା ସହିତ ମ୍ୟାଚ୍ ରେଫରିଙ୍କ ନିଷ୍ପତ୍ତି ମାନି ନେଇଥିବା ଆଇପିଏଲ୍ ପକ୍ଷରୁ ଜାରି ବୟାନରେ କୁହାଯାଇଛି।

### ମାର୍ଶ-ପୂରନ୍‌ଙ୍କ ବିସ୍ଫୋରଣ ପରେ ବୋଲରଙ୍କ କରିସ୍ମା

# ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ୪ ରନ୍‌ରେ ବିଜୟୀ

**କୋଲ୍‌କାତା,୮।୪/ଏଜେନ୍ସି:** ଚଳିତ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ୨୧ଶ ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି) ୪ ରନ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା

### ଘରୋଇ ପଡ଼ିଆରେ କୋଲ୍‌କାତାର ଦ୍ୱିତୀୟ ପରାଜୟ



ମ୍ୟାଚ୍‌ରେ ଲକ୍ଷ୍ନୌ ପ୍ରଥମେ ନିର୍ଦ୍ଧାରିତ ଓଭର୍‌ରେ ୩ ୱିକେଟ୍ ହରାଇ ୨୩୮ ରନ୍ କରିଥିଲା। ଜବାବରେ କୋଲ୍‌କାତା ୭ ୱିକେଟ୍ ବିନିମୟରେ ୨୩୪ ରନ୍ କରିଥିଲା। ଏହା ଲକ୍ଷ୍ନୌର ପାଞ୍ଚ ମ୍ୟାଚ୍‌ରୁ ତୃତୀୟ ବିଜୟ ହୋଇଥିବା ବେଳେ କୋଲ୍‌କାତାର ୫ ମ୍ୟାଚ୍‌ରୁ ତୃତୀୟ ପରାଜୟ। ସେହିପରି ଘରୋଇ ପଡ଼ିଆରେ କୋଲ୍‌କାତାର ଦ୍ୱିତୀୟ ପରାଜୟ। ଅନ୍ତିମ ଓଭର୍‌ରେ କୋଲ୍‌କାତାକୁ ବିଜୟ ପାଇଁ ୨୪ ରନ୍‌ର ଆବଶ୍ୟକତା ଥିବାବେଳେ କ୍ରିଜ୍‌ରେ ରିଙ୍କୁ ସିଂହ ଓ ହର୍ଷିତ ରାଣା ଥିଲେ। ମାତ୍ର ସେମାନେ ଟିମ୍‌କୁ ବିଜୟ ଦେଇପାରି ନଥିଲେ। ରବି ବିଷ୍ଣୋଇଙ୍କ ଏହି ଓଭର୍‌ରେ ରିଙ୍କୁ ଓ ହର୍ଷିତ ମାତ୍ର ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ।

ଲକ୍ଷ୍ୟର ପିଛା କରୁଥିବା କୋଲ୍‌କାତା ଟିମ୍ ଦ୍ରୁତ ଆରମ୍ଭ କରିଥିଲା। ତେବେ ୩୭ ରନ୍‌ର ସ୍କୋର୍‌ରେ କ୍ୱିଣ୍ଟନ୍ ଡିକକ୍ (୧୫) ଶୀଘ୍ର ଆଉଟ୍ ହୋଇଥିଲେ। ଏହାପରେ ସୁନୀଲ୍ ନରେନ୍ ଓ ଆଜିଙ୍କ୍ୟ ରାହାଣେ ଦ୍ରୁତ ରନ୍ ସଂଗ୍ରହ ଜାରି ରଖିଥିଲେ। ଟିମ୍ ୬ ଓଭର୍‌ରେ ୯୦ ରନ୍ କରିଥିଲା। ଏହି ସ୍କୋର୍‌ରେ ନାରିନ୍‌ଙ୍କ ୧୩ ବଲ୍‌ରେ ୩୦ ରନ୍‌ର ଇନିଂସ୍‌ରେ ସମାପ୍ତି ଘଟିଥିଲା। ନରେନ୍‌ଙ୍କ ଆଉଟ୍ ପରେ କ୍ୟାପ୍ଟେନ୍ ରାହାଣେ ୧୩ଶ ଓଭର୍‌ରେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ରାହାଣେ ୩୫ ବଲ୍‌ରେ ୮ ଚୌକା ଓ ୨ ଛକା ସହାୟତାରେ ୬୧ ରନ୍ କରିଥିଲେ। ଇତିମଧ୍ୟରେ ସେ ଭେଙ୍କଟେଶ ଆୟରଙ୍କ ସହ ୭୧ ରନ୍‌ର ପାର୍ଟନରଶିପ୍ ଛିଡ଼ା କରିଥିଲେ। ମାତ୍ର ରାହାଣେଙ୍କ ଆଉଟ୍ ପରେ କୋଲ୍‌କାତା ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ରମଣଦୀପ୍, ଅଙ୍ଗକ୍ରିଷ ଏବଂ ରସେଲ୍ ଶସ୍ତାରେ ବିଦାୟ ନେଇଥିଲେ। ଭେଙ୍କଟେଶ ୨୯ ବଲ୍‌ରେ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୪୫ ରନ୍ କରି ଆକାଶ ଦୀପଙ୍କ ଶିକାର ହୋଇଥିଲେ। ରିଙ୍କୁ ସିଂହ ୩୮ ଏବଂ ହର୍ଷିତ ରାଣା ୧୦ ରନ୍‌ରେ ଅପରାଜିତ ଫେରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆକାଶ ଦୀପ୍ ଓ ଶାର୍ଦ୍ଦୁଳ ଠାକୁର ୨-୨ ୱିକେଟ୍ ନେଇଥିବା ବେଳେ ଆଭେସ୍ ଖାନ୍, ଦିଗ୍‌ଭେଶ ରାଠୋଡ଼ ଓ ରବି ବିଷ୍ଣୋଇଙ୍କୁ ୧-୧ ସଫଳତା ମିଳିଥିଲା। ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ ଏଡେନ୍ ମାର୍କରମ୍ ଓ ମିଚେଲ୍ ମାର୍ଶ ବିସ୍ଫୋରକ ବ୍ୟାଟିଂ କରି ପ୍ରଥମ ୱିକେଟ୍ ପାଇଁ ୯୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାର୍କରମ୍ ୨୮ ବଲ୍‌ରେ ୪ ଚୌକା ଓ ୨ ଛକା ସାହାଯ୍ୟରେ ୪୭ ରନ୍ କରିଥିବା ବେଳେ ହର୍ଷିତ ରାଣାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ନିକୋଲାସ୍ ପୂରନ୍ ଯୋଗଦେଇ ମାର୍ଶଙ୍କ ସହ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ଇନିଂସ୍ ପାଇଁ ୩୦ ବଲ୍‌ରେ ୭୧ ରନ୍‌ର ପାର୍ଟନରଶିପ୍ ହୋଇଥିବା ବେଳେ ମାର୍ଶ ୮୧ ରନ୍‌ରେ ଆନ୍ଦ୍ରେ ରସେଲ୍‌ଙ୍କ ବଲ୍‌ରେ ରିଙ୍କୁ ସିଂହଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ୨୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ମାର୍ଶଙ୍କ ୪୮ ବଲ୍‌ର ଇନିଂସ୍‌ରେ ୬ ଚୌକା ଓ ୫ ଛକା ସାମିଲ ଥିଲା। ଅବ୍‌ଦୁଲ୍ ସମଦ (୬) ଶସ୍ତାରେ ହର୍ଷିତଙ୍କ ଶିକାର ହୋଇଥିବା ବେଳେ ପୂରନ୍ ୩୬ ବଲ୍‌ରୁ ୭ ଚୌକା ଓ ୮ ଛକା ସହାୟତାରେ ୮୭ ରନ୍ କରି ଡେଭିଡ୍ ମିଲର୍ (୪)ଙ୍କ ସହ ଅପରାଜିତ ରହିଥିଲେ। କୋଲ୍‌କାତା ପକ୍ଷରୁ ହର୍ଷିତ ରାଣା ୨ଟି ଏବଂ ଆନ୍ଦ୍ରେ ରସେଲ୍ ଗୋଟିଏ ୱିକେଟ୍ ନେଇଥିଲେ।

### ପ୍ରିୟାଂଶ ଆର୍ଯ୍ୟଙ୍କ ଶତକ, ଶଶାଙ୍କଙ୍କ ଅର୍ଦ୍ଧଶତକ

# ଚେନ୍ନାଇର ଲଗାତାର ୪ର୍ଥ ପରାଜୟ



**ଚଣ୍ଡିଗଡ଼,୮।୪/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ରେ ମଙ୍ଗଳବାର ପଞ୍ଜାବ କିଙ୍ଗ୍‌ସ ୧୮ ରନ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)କୁ ହରାଇ ଦେଇଛି। ଏହା ଚେନ୍ନାଇର ଲଗାତାର ଚତୁର୍ଥ ପରାଜୟ। ନ୍ୟୁ ଚଣ୍ଡିଗଡ଼ର ମଲ୍ଲାନପୁରସ୍ଥିତ ମହାରାଜ ମହାରାଜା ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ

### ୧୮ ରନ୍‌ରେ ହରାଇଲା ପଞ୍ଜାବ

ଷ୍ଟାଡିୟମ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ପଞ୍ଜାବ କିଙ୍ଗ୍‌ସ ପ୍ରିୟାଂଶ ଆର୍ଯ୍ୟଙ୍କ ଶତକ ବଳରେ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୨୧୯ ରନ୍ କରିଥିଲା। ଜବାବରେ ସିଏସ୍‌କେ ୫ ୱିକେଟ୍ ହରାଇ ୨୦୧ ରନ୍ କରିବାକୁ ସମର୍ଥ ହୋଇଛି।

୨୨୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ପ୍ରଥମ ୱିକେଟ୍‌ରେ ୬୧ ରନ୍ ଯୋଡ଼ିଥିଲା। ରଚିନ୍ ରବୀନ୍ଦ୍ର ୩୬ ରନ୍ କରିଥିଲେ ମଧ୍ୟ ଋତୁରାଜ ଗାଏକ୍‌ୱାଡ୍ ୧ ରନ୍ କରି ବିଦାୟ ନେଇଥିଲେ। ପରେ ଡେଭନ୍ କନ୍‌ୱେ ଓ ଶିଭମ୍ ଦୁବେ (୪୨)ଙ୍କ ମଧ୍ୟରେ ୮୯ ରନ୍‌ର ପାର୍ଟନରଶି କରିଥିଲେ। ତେବେ କନ୍‌ୱେ ୬୯ ରନ୍ କରି ରିଟାୟର୍ଡ ଆଉଟ୍ ହୋଇଥିଲେ। ଏହାପରେ ଏମ୍‌ଏସ୍ ଧୋନି ୧୨ ବଲ୍‌ରେ ଗୋଟିଏ ଚୌକା ଓ ୩ଟି ଛକା ସହାୟତାରେ ୨୭ ରନ୍ କରିଥିଲେ ମଧ୍ୟ ଟିମ୍‌କୁ ବିଜୟ ଦେଇପାରି ନଥିଲେ। ରବୀନ୍ଦ୍ର ଜାଡ଼େଜା ୯ ଏବଂ ବିଜୟ ଶଙ୍କର ୨ ରନ୍‌ରେ ଅପରାଜିତ ଫେରିଥିଲେ। ପଞ୍ଜାବ ପକ୍ଷରୁ ଲକି ଫର୍ଗୁସନ୍ ୨ଟି, ଯଶ୍ ଠାକୁର ଓ ଗ୍ଲେନ୍ ମାକ୍ସୱେଲ୍ ୧-୧ ୱିକେଟ୍ ନେଇଥିଲେ।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ପଞ୍ଜାବର ଆରମ୍ଭ ଭଲ ନଥିଲା। ଦ୍ୱିତୀୟ ଓଭର୍‌ରେ ପ୍ରଭସିମ୍‌ରନ୍ (୦) ଏବଂ ତୃତୀୟ ଓଭର୍‌ରେ ଶ୍ରେୟସ୍ ଆୟର୍ (୯) ଆଉଟ୍ ହୋଇଥିଲେ। ମାର୍କସ୍ ଷ୍ଟୋଇନିସ୍ ମଧ୍ୟ ଶସ୍ତାରେ ବିଦାୟ ନେଇଥିଲେ। ଏହାପରେ ଅଶ୍ୱିନ ଗୋଟିଏ ଓଭର୍‌ରେ ନେହାଲ୍ ୱାଧେରା ଏବଂ ଗ୍ଲେନ୍ ମାକ୍ସୱେଲ୍‌ଙ୍କୁ ଆଉଟ୍ କରିଥିଲେ। ତେବେ ଗୋଟିଏ ପଟେ ଟିକିରହି ପ୍ରିୟାଂଶ ଆର୍ଯ୍ୟ ୪୨ ବଲ୍‌ରେ ୧୦୩ ରନ୍ କରିଥିଲେ। ପ୍ରିୟାଂଶ ୩୯ ବଲ୍‌ରେ ଶତକ ପୂରା କରିଥିଲେ। ତାଙ୍କ ଇନିଂସ୍‌ରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଆଇପିଏଲ୍‌ରେ ଦ୍ରୁତ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଶଶାଙ୍କ ସିଂହ ବିସ୍ଫୋରକ ବ୍ୟାଟିଂ କରି ୨୬ ବଲ୍‌ରେ ୨ଟି ଚୌକା ଓ ୩ କା ସହାୟତାରେ ୫୨ ରନ୍ କରି ଅପରାଜିତ ରହିଥିଲେ। ମାର୍କୋ ଜାନ୍‌ସେନ୍ ତାଙ୍କୁ ଉତ୍ତମ ସହାୟତା କରି ୧୯ ବଲ୍‌ରେ ଅପରାଜିତ ୩୪ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ଖଲିଲ ଅହମଦ ଓ ଆର୍. ଅଶ୍ୱିନ ୨ଟି ଲେଖାଏ ୱିକେଟ୍ ନେଇଥିବା ବେଳେ ମୁକେଶ ଚୌଧୁରୀ ଓ ନୁର୍ ଅହମଦ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

# ୨୭ ବର୍ଷ ବୟସରେ ୱିଲ୍ ପୁକୋଭସ୍କିଙ୍କ ସନ୍ନ୍ୟାସ



**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଅଷ୍ଟ୍ରେଲିଆର ଷ୍ଟାର୍ ଖେଳାଳି ୱିଲ୍ ପୁକୋଭସ୍କି ୨୭ ବର୍ଷ ବୟସରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସନ୍ନ୍ୟାସର ମୁଖ୍ୟ କାରଣ ତାଙ୍କ ମୁଣ୍ଡରେ ଲାଗିଥିବା ଆଘାତ। ୨୭ ବର୍ଷୀୟ ପୁକୋଭସ୍କି ୨୦୨୧ରେ ଭାରତରେ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍‌ରେ ଲମ୍ବା ସମୟ ପାଇଁ ଟପ୍ ଅର୍ଡର୍ ଖେଳାଳି ରୂପେ ଦେଖାଯାଉଥିଲା। ମାତ୍ର କନ୍‌କଶନ୍ ସମସ୍ୟା କାରଣରୁ ପୁକୋଭସ୍କିଙ୍କ କ୍ୟାରିୟର୍ ଛୋଟ ହୋଇଯାଇଛି। ପଡ଼ିଆରେ ତାଙ୍କୁ ବହୁବାର ଆଘାତ ଲାଗିଛି। ୨୦୨୪ ମାର୍ଚ୍ଚରେ ଶେଫିଲ୍ଡ ଶିଲ୍ଡରେ ଖେଳୁଥିବା ବେଳେ ତାସ୍‌ମାନିଆର ରିଲେ ମେରେଡିଥ୍‌ଙ୍କ ବଲ୍ ବାଜିବା ଫଳରେ ସେ ଗମ୍ଭୀର ଭାବେ କନ୍‌କଶନ୍‌ର ଶିକାର ହୋଇଥିଲେ ଏବଂ ସେବେଠାରୁ କୌଣସି ମ୍ୟାଚ୍ ଖେଳିନଥିଲେ। ପୂରା କ୍ୟାରିୟର୍‌ରେ ୱିଲ୍ ପୁକୋଭସ୍କି ଅଷ୍ଟ୍ରେଲିଆ ପକ୍ଷରୁ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳି ୭୨ ରନ୍ ସଂଗ୍ରହ କରିଛନ୍ତି। ସେହିପରି ୩୬ ପ୍ରଥମଶ୍ରେଣୀ ଏବଂ ୧୪ ଲିଷ୍ଟ-ଏ’ ମ୍ୟାଚ୍‌ରେ ଯଥାକ୍ରମେ ୨୩୫୦ ଓ ୩୩୩ ରନ୍ କରିଛନ୍ତି।

### ୩୯ତମ ସବ୍-ଜୁନିୟର୍ ଜାତୀୟ ବାଳକ ହ୍ୟାଣ୍ଡବଲ୍

# ପ୍ରଥମ ଦିନରେ ତାମିଲନାଡୁ, ଦିଲ୍ଲୀ ବିଜୟୀ




**ଭୁବନେଶ୍ୱର/କେନ୍ଦୁଝର,୮।୪/ଏନ୍‌ଏନ୍‌ଏସ୍:** ମଙ୍ଗଳବାରଠାରୁ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ୩୯ତମ ଜାତୀୟ ସବ୍-ଜୁନିୟର୍ ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ ତାମିଲନାଡୁ ୨୧-୧୮ରେ ଆନ୍ଧ୍ରପ୍ରଦେଶକୁ ଏବଂ ଦିଲ୍ଲୀ ୩୦-୧୪ରେ ଝାଡ଼ଖଣ୍ଡକୁ ହରାଇ ବିଜୟୀ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚ୍ ମହାରାଷ୍ଟ୍ର ଓ ଆର୍ଯ୍ୟବ୍ରତ ମଧ୍ୟରେ ମ୍ୟାଚ୍ ୨୦-୨୦ ସ୍କୋର୍‌ରେ ଡ୍ର’ ରହିଛି। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟକୁ ତେଲକୋଇ ବିଧାୟକ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆନନ୍ଦେଶ୍ୱର ପାଣ୍ଡେ ଉପସ୍ଥିତ ଥିଲେ।

ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୬ ଜଣିଆ ଦଳ ଭାଗ ନେଇଛି। ମାର୍ଚ୍ଚ ୭ ତାରିଖରୁ ୩୦ ଜଣ ଖେଳାଳିଙ୍କୁ ନେଇ କେନ୍ଦୁଝରଠାରେ ଆୟୋଜିତ ହୋଇଥିବା ପ୍ରଶିକ୍ଷଣ ଶିବିରରୁ ୧୬ ଜଣ ଖେଳାଳିଙ୍କୁ ଏହି ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ଅଧିନାୟକ ସୌରଭ କୁମାର ଜେନା, ଅଭିଷେକ ମହାନ୍ତି, ଡି କମଲ କୁମାର ପାତ୍ର, ସୁଚିତ ଦାସ, ଏଲ୍ ଦୁର୍ଯ୍ୟାଧନ, ପ୍ରକାଶ ନାଥ, ଆଶୀର୍ବାଦ କାଣ୍ଡି, ହିମାଂଶୁ ଶେଖର ଗୌଡ଼, ଜୟଦେବ ପ୍ରକାଶ ପ୍ରଧାନ, ଅମିତ କୁମାର ଦଳାଇ, ଓମ୍ ପ୍ରକାଶ ବାରିକ, ଅଭିମନ୍ୟୁ ମାଝୀ, ସନ୍ଦୀପ ମଲିକ, ନନ୍ଦ ମହାକୁଡ଼, ନାଗେଶ୍ୱର କାଣ୍ଡି ଓ ଅଶ୍ୱିନୀ କୁମାର ପାତ୍ର। ରବୀନ୍ଦ୍ର କୁମାର ବାରିକ ଦଳର କୋଚ୍ ଥିବା ବେଳେ ଆକାଶ କୁମାର ପଟ୍ଟନାୟକଙ୍କୁ ମ୍ୟାନେଜର ନିଯୁକ୍ତ କରାଯାଇଛି। ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ମାଷ୍ଟର୍ସ ୧୦୦୦ ମ୍ୟାଚ୍ ଜିତିବାରେ ବୋପନ୍ନା ବୟସ୍କ ଖେଳାଳି



**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଭାରତର ଅନୁଭବୀ ଟେନିସ୍ ଖେଳାଳି ରୋହନ ବୋପନ୍ନା ଆଉ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ଜିତିବାରେ ସବୁଠୁ ବୟସ୍କ ଖେଳାଳି ହୋଇଛନ୍ତି। ୪୫ ବର୍ଷ ଏକ ମାସ ବୟସରେ ବୋପନ୍ନା ମଣ୍ଟେ କାର୍ଲୋ ମାଷ୍ଟର୍ସ ୨୦୨୫ ଅବସରରେ ରବିବାର ଏହି ଉପଲବ୍ଧି ହାସଲ କରିଛି। ସେ ଆମେରିକାର ଯୋଡ଼ିଦାର ବେନ୍ ଶେଲ୍‌ଡନ୍‌ଙ୍କ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ କେରୁଣ୍ଡୋଲୋ ଏବଂ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କ ଯୋଡ଼ିକୁ ୬-୩, ୭-୫ ସେଟ୍‌ରେ ହରାଇଛନ୍ତି। ସୋମବାର ରାତିରେ ଏଟିପି ନିଜ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଏହା ସ୍ପଷ୍ଟ କରିଛି। ମଣ୍ଟେ କାର୍ଲୋସ ଟୁର୍ଣ୍ଣାମେଣ୍ଟରେ ବୋପନ୍ନାଙ୍କ ମୁକାବିଲା ଏବେ ସିମୋନ ବୋଲେଲି ଓ ଆନ୍ଦ୍ରିୟା ବାବାସୋରୀଙ୍କ ଇଟାଲୀୟ ଯୋଡ଼ି ସହ ହେବ। ବୋପନ୍ନାଙ୍କୁ ପୂର୍ବରୁ ପୁରୁଷ ଡବଲ୍ସରେ ଏହି ରେକର୍ଡ କାନାଡାର ଡାନିଏଲ୍ ନେଷ୍ଟୋର୍‌ଙ୍କ ନାମରେ ଥିଲା। ନେଷ୍ଟୋର୍ ୨୦୧୭ରେ ୪୪ ବର୍ଷ ୮ ମାସ ବୟସରେ ମ୍ୟାଚ୍ ଜିତିଥିଲେ। ନେଷ୍ଟୋର୍ ଓ ଫ୍ରାନ୍ସର ଫାବରିସ୍ ମାର୍ଟିନଙ୍କ ଯୋଡ଼ି ବୋପନ୍ନା ଓ ପାବ୍ଲୋ କୁଲଭାସ୍‌ଙ୍କୁ ୬-୩. ୬-୨ରେ ହରାଇଥିଲେ। ସେହିପରି ବୟସ୍କ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ୧୦୦୦ ସିଙ୍ଗଲ୍ସ ମ୍ୟାଚ୍ ବିଜୟ ରେକର୍ଡ କ୍ରୋଏସିଆର ଇଭୋ କାର୍ଲୋଭିଚ୍‌ଙ୍କ ନାମରେ ରହିଛି। ସେ ୨୦୧୯ ଇଣ୍ଡିଆନ୍ ୱେଲ୍ସରେ ଭାରତର ପ୍ରଜ୍ଞେଶ ଗୁନେଶ୍ୱରନ୍‌ଙ୍କୁ ୪୦ ବର୍ଷ ବୟସରେ ହରାଇଥିଲେ। ଓପନ୍ ଏରାରେ ଗତବର୍ଷ ବୋପନ୍ନା ବୟସ୍କ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ୍ ଜିତିଥିଲେ। ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନ୍‌ଙ୍କ ସହ ବୋପନ୍ନା ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତିଥିଲେ। ଏହା ସହିତ ବୋପନ୍ନା ଡବଲ୍ସରେ ପ୍ରଥମ ଥର ପାଇଁ ବିଶ୍ୱର ନଂ.୧ ବୟସ୍କ ଖେଳାଳି ମଧ୍ୟ ହୋଇଛନ୍ତି। ୨୦୨୪ ମାର୍ଚ୍ଚରେ ଏବ୍‌ଡେନ୍‌ଙ୍କ ସହ ବୋପନ୍ନା ବୟସ୍କ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ୧୦୦୦ ମିଆମୀ ଓପନ୍ ଚାମ୍ପିଅନ୍ ହୋଇଥିଲେ।

### ମହିଳା ତ୍ରିକୋଣୀୟ ସିରିଜ୍ ପାଇଁ ଭାରତୀୟ ଟିମ୍ ଘୋଷିତ

# ଶେଫାଳୀ ବାଦ୍; କାଶ୍‌ଭି, ଶ୍ରୀ ଚରଣୀ ନୂଆମୁହଁ



**ମୁମ୍ବାଇ,୮।୪/ଏଜେନ୍ସି:** ଶ୍ରୀଲଙ୍କା ଏବଂ ସାଉଥ୍ ଆଫ୍ରିକା ବିପକ୍ଷ ମହିଳା ତ୍ରିରାଷ୍ଟ୍ରୀୟ ସିରିଜ୍ ପାଇଁ ମଙ୍ଗଳବାର ଭାରତୀୟ ଟିମ୍ ଘୋଷିତ ହୋଇଛି। ଆହତ କାରଣରୁ ପେସର୍ ରେଣୁକା ସିଂହ ଠାକୁର ଏବଂ ତିତାସ୍ ସାଧୁଙ୍କ ନାମ ଚୟନ ପାଇଁ ବିବେଚିତ ହୋଇ ନଥିବା ବେଳେ ଓପ୍ନର୍ ବ୍ୟାଟର୍ ଶେଫାଳୀ ବର୍ମା ପୁଣିଥରେ ଟିମ୍‌ରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ସମୟ ଧରି ଟିମ୍ ବାହାରେ ଥିବା ଅରୁନ୍ଧତୀ ରେଡ୍ଡୀଙ୍କୁ ସୁଯୋଗ ମିଳିଛି। ସେହିପରି କାଶ୍‌ଭୀ ଗୌତମ ଏବଂ ଶ୍ରୀ ଚରଣୀଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଟିମ୍‌ରେ ସାମିଲ କରାଯାଇଛି। ନିକଟରେ ଶେଷ ହୋଇଥିବା ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ଏବଂ ଘରୋଇ ଟୁର୍ଣ୍ଣାମେଣ୍ଟର ପ୍ରଦର୍ଶନ ଆଧାରରେ ଏହି ଦୁହିଁଙ୍କୁ ଚୟନ କରାଯାଇଛି।

ଟୁର୍ଣ୍ଣାମେଣ୍ଟ ଏପ୍ରିଲ୍ ୨୭ରୁ ଶ୍ରୀଲଙ୍କାରେ ଆୟୋଜିତ ହେବ। ଏହାର ସମସ୍ତ ମ୍ୟାଚ୍ କଲମ୍ବୋର ଆର୍. ପ୍ରେମଦାସା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ।

**ଭାରତୀୟ ଟିମ୍:** ହରମନପ୍ରୀତ୍ କୌର୍ (କ୍ୟାପ୍ଟେନ୍), ସ୍ମୃତି ମନ୍ଧାନା (ଭାଇସ୍ କ୍ୟାପ୍ଟେନ୍), ପ୍ରତୀକା ରାୱଲ୍, ହରଲୀନ୍ ଦେଓଲ୍, ଜେମିମା ରଡ୍ରିଗ୍ସ, ରିଚା ଘୋଷ (ୱିକେଟ୍‌କିପର୍), ୟାସ୍ତିକା ଭାଟିଆ (ୱିକେଟ୍‌କିପର୍), ଦୀପ୍ତି ଶର୍ମା, ଅମନଜୋତ୍ କୌର୍, କାଶ୍‌ଭି ଗୌତମ, ସ୍ନେହ ରାଣା, ଅରୁନ୍ଧତୀ ରେଡ୍ଡୀ, ତେଜଲ୍ ହସବ୍‌ନିସ୍, ଶ୍ରୀ ଚରଣୀ, ଶୁଚି ଉପାଧ୍ୟାୟ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra